ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୮୨
୧୯ ଫେବୃଆରୀ, ୨୦୨୬ ଗୁରୁବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 282
19th February, 2026 Thursday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ଧନଞ୍ଜୟେ ହାଟକସଂପରୀକ୍ଷା ମହାରଣେ ଶସ୍ତ୍ରଭୃତାଂ ପରୀକ୍ଷା**
**ବିପତ୍ତିକାଳେ ଗୃହିଣୀ ପରୀକ୍ଷା ବିଦ୍ୟାବତାଂ ଭାଗବତେ ପରୀକ୍ଷା**

ଅଗ୍ନିରେ ସୁବର୍ଣ୍ଣର, ଯୁଦ୍ଧରେ ଶସ୍ତ୍ରଧାରୀମାନଙ୍କର, ବିପତ୍ତି ସମୟରେ ଗୃହିଣୀର ଓ ଭାଗବତରେ ବିଦ୍ୱାନ୍‌ମାନଙ୍କର ପରୀକ୍ଷା ହୁଏ ।

## ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

## ଏବେ ଏକପାଖିଆଙ୍କର ପ୍ରବଳ ଭିଡ଼

# ରାଜ୍ୟସଭା ନିର୍ବାଚନ ଲାଗି ବାଜିଲା ବିଗୁଲ

## ଚତୁର୍ଥ ଆସନରେ ସମର୍ଥନ ଦେବୁ କହି ବିଜେଡି ବଢ଼ାଇଲା ସସପେନ୍ସ

**ଭୁବନେଶ୍ୱର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ରାଜ୍ୟସଭା ନିର୍ବାଚନ ପାଇଁ ବାଜିଲା ବିଗୁଲ। ମାର୍ଚ୍ଚ ୧୬ରେ ହେବ ରାଜ୍ୟସଭା ନିର୍ବାଚନ। ୧୦ ରାଜ୍ୟର ୩୭ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ହେବ। ଓଡ଼ିଶାର ୪ ଆସନ ପାଇଁ ହେବ ଭୋଟ୍। ମାର୍ଚ୍ଚ ୫ ତାରିଖରେ ନାମାଙ୍କନ ଦାଖଲର ଶେଷ ତାରିଖ। ୬ ତାରିଖରେ ନାମାଙ୍କନ ଯାଞ୍ଚ, ମାର୍ଚ୍ଚ ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ତାରିଖ। ମାର୍ଚ୍ଚ ୧୬ ତାରିଖ ସକାଳ ୯ଟାରୁ ଅପରାହ୍ଣ ୪ ଯାଏଁ ଭୋଟ୍ ଗ୍ରହଣ ଓ ଅପରାହ୍ଣରେ ହେବ ଭୋଟ୍ ଗଣତି।

ତାରିଖ ଘୋଷଣା ସହ ଓଡିଶା ରାଜନୀତିକୁ ସରଗରମ କଲାଣି ରାଜ୍ୟସଭା ନିର୍ବାଚନ। ଚତୁର୍ଥ ଆସନକୁ ନେଇ ଶଙ୍କା ଯେତିକି, ସସପେନ୍ସ ସେତିକି। ବର୍ତ୍ତମାନ ବିଧାନସଭାରେ ବିଜେପି ବିଧାୟକଙ୍କ ସଂଖ୍ୟା ୭୯। ବିଜେପି ସମର୍ଥନରେ ଅଛନ୍ତି ୩ ସ୍ୱାଧୀନ ବିଧାୟକ। ସମସ୍ତଙ୍କୁ ମିଶାଇଲେ ବିଜେପି ପାଖରେ ସଂଖ୍ୟା ୮୨ ରହିଛି। ଜଣେ ରାଜ୍ୟସଭା ସାଂସଦ ପ୍ରାର୍ଥୀଙ୍କ ଲାଗି ୩୦ ବିଧାୟକଙ୍କ ସମର୍ଥନ ଦରକାର ପଡୁଥିବାରୁ ବିଜେପି ୨ଜଣ ପ୍ରାର୍ଥୀ ଦେବା ଏକ ପ୍ରକାର ନିଶ୍ଚିତ। ଦୁଇ ପ୍ରାର୍ଥୀ ଦେବା ପରେ ବିଜେପିର ଆହୁରି ୨୨ ବିଧାୟକ ସିଟ ବଳକା ପଡ଼ିବ। ସେପଟେ ବିଜେଡିର ୨ ବିଧାୟକଙ୍କ ନିଲମ୍ବନ ପରେ ବିଜେଡି ବିଧାୟକଙ୍କ ସଂଖ୍ୟା ଏବେ ୪୮। ବିଜେଡି ଜଣେ ପ୍ରାର୍ଥୀ ଦେବା ପରେ ଦଳର ଆଉ ୧୭ ବିଧାୟକ ବଳକା ରହିବେ। କଂଗ୍ରେସର ୧୪ ଆସନ ଏବଂ ଗୋଟେ ସିପିଆଇଏମ୍ ସଦସ୍ୟ ମିଶାଇ ୧୫ ଜଣ ସଦସ୍ୟ ଥିବାରୁ ରାଜ୍ୟସଭା ପାଇଁ ପ୍ରାର୍ଥୀ ଦେବାକୁ ଦଳର ପାଖରେ ନାହିଁ ଆବଶ୍ୟକ ସମର୍ଥନ।

ହେଲେ ଏହାରି ଭିତରେ ବିଜେଡି ବିଧାୟକ ଗୌତମ ବୁଦ୍ଧ ଦାସଙ୍କ ବୟାନ ଚତୁର୍ଥ ଆସନର ଚର୍ଚ୍ଚାକୁ ଆହୁରି ବଢାଇ ଦେଇଛି। ଗୌତମ କହିଛନ୍ତି, ଦକ୍ଷ ଓ ଆନୁଗତ୍ୟ ଥିବା ପ୍ରାର୍ଥୀଙ୍କୁ ରାଜ୍ୟସଭା ପଠାଇବ ବିଜେଡି। ହେଲେ ଚତୁର୍ଥ ଆସନ ପାଇଁ ବଳକା ବିଧାୟକଙ୍କ ସମର୍ଥନ କାହାକୁ ଦିଆଯିବ ତାହାର ନିଷ୍ପତ୍ତି ସୁପ୍ରିମୋ ନେବେ। **(ଶେଷ ପୃଷ୍ଠା ଦେଖନ୍ତୁ)**

## ଧାନର ଅଭାବି ବିକ୍ରି

# ତାତିଲେ ବିଧାୟକ



**ଭୁବନେଶ୍ୱର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଜେଟ୍ ଅଧିବେଶନର ଦ୍ୱିତୀୟ ଦିନରେ ଧାନ ତାତି ଯୋଗୁ ଗୃହ ଚାଲିପାରିନାହିଁ। ଧାନର ଅଭାବୀ ବିକ୍ରି ଓ ଧାନମଣ୍ଡିରେ ସମସ୍ୟାକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ଗୃହରେ ଅଚଳାବସ୍ଥା ଲାଗି ରହିଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ବାଚସ୍ପତି ସୁରମା ପାଢ଼ୀ ବାରମ୍ବାର ମୁଲତବୀ କରିଥିଲେ। ଗୃହରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସମ୍ପୂର୍ଣ୍ଣ ଧୋଇଯାଇଥିବାବେଳେ ଗୃହ ୩ଟି ପର୍ଯ୍ୟାୟରେ ମାତ୍ର ୭ମିନିଟ୍ ଚାଲିବା ସମ୍ଭବପର ହୋଇପାରିଛି। ବିରୋଧୀ ସଦସ୍ୟମାନେ ହାତରେ ପ୍ଲାକାର୍ଡ ଓ ଫ୍ଲେକ୍ସ ଧରି ପ୍ରତିବାଦ କରିବା ସହ ବିଜେଡି ସଦସ୍ୟମାନେ ଧାନକୁ ହାତରେ ଟେକି ନିଜର ବିରୋଧ ପ୍ରଦର୍ଶନ କରିଥିଲେ। ଗୃହ ବାହାରେ ମଧ୍ୟ ଧାନ ବିକ୍ରିରେ ଇନପୁଟ୍ ସବସିଡି ରାଶିକୁ ନେଇ ଶାସକ ଓ ବିରୋଧୀ ମଧ୍ୟ ମୁହାଁମୁହିଁ ହୋଇଛନ୍ତି।

### ପ୍ରବଳ ହଟ୍ଟଗୋଳ ଯୋଗୁ ଚାଲି ପାରିଲାନି ଗୃହ

ଆଜି ପୂର୍ବାହ୍ଣ ସାଢ଼େ ୧୦ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିଜେଡି ବିଧାୟକମାନେ ଧାନର ଅଭାବୀ ବିକ୍ରି ଅଭିଯୋଗ କରି ହାତରେ ଫ୍ଲେକ୍ସ ଧରି ଗୃହର ମଧ୍ୟଭାଗକୁ ଆସି ପ୍ରତିବାଦ କରିଥିଲେ। ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳ ଗାମୁଛାରେ ଧାନ ଆଣି ବିଧାନସଭା ସଚିବଙ୍କ ଟେବୁଲରେ ରଖିବା ପରେ ବିଧାୟକ ଅରୁଣ ସାହୁ ଓ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଭୟ ଏହାକୁ ହାତରେ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ଦଳର ଅନ୍ୟ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ତଳେ ସରକାରବିରୋଧୀ ସ୍ଲୋଗାନମାନ ଦେଇଥିଲେ। କଂଗ୍ରେସ ସଦସ୍ୟମାନେ ମଧ୍ୟ ଧାନର ଅଭାବୀ ବିକ୍ରି ଅଭିଯୋଗ କରି ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗରେ ବିରୋଧ ପ୍ରଦର୍ଶନ କରିଥିଲେ।

ଯଦିଓ ଗୃହରେ ପ୍ରଶ୍ନକାଳ ଆରମ୍ଭ ପାଇଁ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କୁ ବାଚସ୍ପତି ଶ୍ରୀମତୀ ପାଢ଼ୀ ଅନୁମତି ଦେଇଥିଲେ କିନ୍ତୁ ବିରୋଧୀ ଦଳ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଗୃହ ମାତ୍ର ୩ମିନିଟ୍ ଚାଲିପାରିଥିଲା। ପରେ ସାଢ଼େ ୧୧ଟାରେ ଅନୁରୂପ ସ୍ଥିତି ଲାଗି ରହିବାରୁ ମାତ୍ର ୨ମିନିଟ୍ ପରେ ଗୃହକୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମୁଲତବୀ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଭୋଜିରେ ଫୁଟିଲା ଗୁଳି ଚାଲିଗଲା ଯୁବକଙ୍କ ଜୀବନ



**କଟକ,୧୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

କଟକରେ ଫୁଟିଲା ଗୁଳି। ଗଡିଲା ମୁଣ୍ଡ। ମୃତ ଯୁବକଙ୍କ ନାଁ ସୌମ୍ୟ ରଞ୍ଜନ ଜେନା (ରିଙ୍କୁ)। କଟକର ମଧୁପାଟଣା ଥାନା ନୂଆପଡା ପ୍ରେସ୍ କଲୋନୀରେ ଘଟିଛି ଏହି ଘଟଣା। ସୂଚନା ଅନୁଯାୟୀ, ସୌମ୍ୟ ଓ ଅନ୍ୟ କିଛି ଯୁବକ ଭୋଜି କରୁଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ତା'ମଧ୍ୟରେ କେହି ଜଣେ ଯୁବକ ତାଙ୍କୁ ଗୁଳି କରି ଦେଇଥିଲେ। ଗୁଳିଟି ତାଙ୍କ ଛାତିରେ ବାଜିଥିଲା। ତାଙ୍କୁ କଟକ ବଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିଲା।

ତେବେ କିଏ ଓ କାହିଁକି ତାଙ୍କୁ ଗୁଳି କରି ଦେଲେ, ତାହା ଜଣାପଡିନି। ଏହା ବି କୁହାଯାଉଛି, କ୍ରିକେଟ୍ ଖେଳକୁ ନେଇ ଏହି ଅଘଟଣ ଘଟିଥାଇପାରେ। ନିଜେ ଡିସିପି ପଚରାଉଚରା କରୁଛନ୍ତି। ପୁଲିସର ଏକ ଟିମ୍ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ଯାଞ୍ଚ କରୁଛନ୍ତି। ୨ ଜଣକୁ ଅଟକ ରଖି ପୋଲିସ ପଚରା ଉଚରା କରୁଥିବା ଜଣାପଡ଼ିଛି। ସୌମ୍ୟଙ୍କ ମୃତଦେହ ଦେଖିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ଗୁଳି ମାରିବା ପୂର୍ବରୁ ତାଙ୍କ ସହିତ ମାରପିଟ ହୋଇଥିବା ଜଣାପଡୁଛି। ତେଣୁ ସନ୍ଦେହ ହେଉଛି ଯେ ଏହା ଏକ ଯୋଜନାବଦ୍ଧ ହତ୍ୟା ହୋଇଥାଇପାରେ। ସୌମ୍ୟ ରଞ୍ଜନ ଜେନା ଭଲ କ୍ରିକେଟ ଖେଳୁଥିଲେ। ତାଙ୍କର କାହା ସହ ଶତ୍ରୁତା ନ ଥିଲା ବୋଲି କହୁଛନ୍ତି ତାଙ୍କ ସାଙ୍ଗମାନେ। ସେ ଜଣେ ଭଲ ପିଲା ଥିଲେ ବୋଲି ତାଙ୍କୁ ଜାଣିଥିବା ଲୋକେ କହୁଛନ୍ତି।

# ୧୪ ଥର ଭେଟ୍‌ଘାଟ୍: ୬୨ ଇମେଲ୍

**ନୂଆଦିଲ୍ଲୀ,୧୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକାର ଦୋଷୀସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କୁ କେନ୍ଦ୍ରମନ୍ତ୍ରୀ ହରଦୀପ୍ ସିଂ ପୁରୀ ୨୦୧୪ରୁ ୨୦୧୭ ମଧ୍ୟରେ ୧୪ଥର ଭେଟିଥିଲେ। ଏହି ସମୟ ମଧ୍ୟରେ ଉଭୟଙ୍କ ମଧ୍ୟରେ ୬୨ଟି ଇ-ମେଲ୍ ଆଦାନପ୍ରଦାନ ହୋଇଥିଲା ବୋଲି କଂଗ୍ରେସ ମଙ୍ଗଳବାର ଅଭିଯୋଗ କରିଛି। ଏପ୍‌ଷ୍ଟିନ୍ ଫାଇଲ୍‌କୁ ନେଇ କେନ୍ଦ୍ରମନ୍ତ୍ରୀ ପୁରୀ ମିଛ କହୁଛନ୍ତି। ସେ ସ୍ପଷ୍ଟୀକରଣ ଦେବା ସହ ନିଜକୁ ସ୍ୱଚ୍ଛ ସାବ୍ୟସ୍ତ କରିବାକୁ ବିରୋଧୀ ଦଳ ଆହ୍ୱାନ ଦେଇଛି। ଏଥିସହିତ ପୁରୀ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅନ୍ୟପକ୍ଷରେ ବିରୋଧୀ ଦଳର ସମସ୍ତ ଅଭିଯୋଗକୁ କେନ୍ଦ୍ରମନ୍ତ୍ରୀ ଖଣ୍ଡନ କରିଛନ୍ତି।



**ଏପ୍‌ଷ୍ଟିନ୍-ପୁରୀ ସମ୍ପର୍କ ନେଇ କଂଗ୍ରେସ ମାଗିଲା ସ୍ପଷ୍ଟୀକରଣ**

ନୂଆଦିଲ୍ଲୀରେ ଏକ ଖବରଦାତା ସମ୍ମିଳନୀରେ କଂଗ୍ରେସ ଗଣମାଧ୍ୟମ ଓ ପ୍ରଚାର ବିଭାଗ ମୁଖ୍ୟ ପୱନ ଖେରା କହିଛନ୍ତି, ୨୦୨୪ରୁ ୨୦୧୭ ମଧ୍ୟରେ ହରଦୀପ ପୁରୀ ଓ ଏପ୍‌ଷ୍ଟିନ୍‌ଙ୍କ ମଧ୍ୟରେ ୬୨ଟି ଇମେଲ୍ ଆଦାନପ୍ରଦାନ ହୋଇଥିଲା। ଏହା ବ୍ୟତୀତ ୨୦୧୪ ଜୁନ୍ ୫, ୬, ୮, ୯, ସେପ୍ଟେମ୍ବର ୧୯, ୨୩, ୨୪ ଏବଂ ଅକ୍ଟୋବର ୯ ଓ ୧୦ ତରିଖରେ ଉଭୟ ପରସ୍ପରକୁ ଭେଟି ଆଲୋଚନା କରିଥିଲେ। ପୁରୀ ୩୨ଟି ଇମେଲ୍ ଲେଖିଥିଲାବେଳେ ଏପ୍‌ଷ୍ଟିନ୍ ୩୦ଟି ଇମେଲ୍ ପଠାଇଥିଲେ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ପରେ ଏଭଳି ଆଦାନପ୍ରଦାନ ଓ ସାକ୍ଷାତ୍ ୨୦୧୭ ପର୍ଯ୍ୟନ୍ତ ଲାଗିରହିଥିଲା। ପ୍ରଶ୍ନ ହେଉଛି ୨୦୧୪ ଜୁନ୍‌ରେ ପୁରୀ କେଉଁ ପଦବୀରେ ଥିଲେ ଏବଂ କେଉଁ କ୍ଷମତା ବଳରେ ସେ ଏପ୍‌ଷ୍ଟିନ୍‌ଙ୍କୁ ଭେଟିଥିଲେ ବୋଲି ଖେରା କହିଛନ୍ତି।

ଆମେରିକା ନ୍ୟାୟ ବିଭାଗ କିଛିଦିନ ପୂର୍ବରୁ ଯୌନ ଅପରାଧୀ ଏପ୍‌ଷ୍ଟିନ୍‌ଙ୍କ ତଦନ୍ତ ସମ୍ପର୍କିତ ଫାଇଲ୍ ପ୍ରକାଶ କରିଥିଲା। **(ଶେଷ ପୃଷ୍ଠା ଦେଖନ୍ତୁ)**

# ୮୮ରୁ ୮ ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥ ନମୁନା ନିମ୍ନ ମାନର

**ଭୁବନେଶ୍ୱର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ବଜାରରେ ପ୍ରାୟ ୯ ପ୍ରତିଶତ କ୍ଷୀର ଓ ଦୁଗ୍ଧଜାତ ପଦାର୍ଥ ନିମ୍ନମାନର ରହୁଥିବା ଦେଖାଯାଉଛି। ବିଧାନସଭାରେ ବୁଧବାର ଦିଆଯାଇଥିବା ତଥ୍ୟରୁ ଏହି ଖବର ପଦାକୁ ଆସିଛି। ଓଡିଶାରେ ଓମଫେଡ୍ ବ୍ୟତୀତ ୨୨ଟି କମ୍ପାନୀ ଦୁଗ୍ଧଜାତ ଦ୍ରବ୍ୟର ବ୍ୟବସାୟ କରୁଛନ୍ତି। ଏଥିରୁ ୧୦ଟି କମ୍ପାନୀ ରାଜ୍ୟ ଭିତରୁ ଥିବାବେଳେ ୧୨ଟି କମ୍ପାନୀ ରାଜ୍ୟ ବାହାରୁ ରହିଛି।

୨୦୨୫ ମସିହାରେ ଅର୍ଥାତ୍ ଗତ ବର୍ଷ ଜାନୁଆରୀ ୧ ତାରିଖରୁ ଡିସେମ୍ବର ୩୧ ତାରିଖ ମଧ୍ୟରେ ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଖାଦ୍ୟ ସୁରକ୍ଷା କମିଶନରେଟ୍ (ଏଫଏସଏସଏଆଇ) ପକ୍ଷରୁ ରାଜ୍ୟ ଖାଦ୍ୟ ପରୀକ୍ଷଣ ବିଜ୍ଞାନାଗାରରେ ୮୮ଟି ଦୁଗ୍ଧ ଓ ଦୁଗ୍ଧଜାତ ପଦାର୍ଥର ନମୁନା ପରୀକ୍ଷା କରାଯାଇଥିଲା।




ସେଥିରୁ ୮୦ଟି ନମୁନା ଏଫଏସଏସଏଆଇ ମାନ ପୂରଣ କରୁଥିବାବେଳେ କୌଣସି ନମୁନା ଅସୁରକ୍ଷିତ ବା ବିପଦପୂର୍ଣ୍ଣ ନଥିଲା। କୌଣସି ନମୁନାର ବ୍ରାଣ୍ଡ୍ ବି ବଦଳାଯାଇନଥିଲା ବା ଅନ୍ୟ ଭାବେ **(ଶେଷ ପୃଷ୍ଠା ଦେଖନ୍ତୁ)**

# ରାଜନଗରର ବିକଳ ଚିତ୍ର: ବେଧଡ଼କ ଚାଲିଛି ନାବାଳିକା ବିବାହ

**ରାଜନଗର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳ ବଙ୍ଗଭାଷୀ ଅଧ୍ୟୁଷିତ ଗାଁଗୁଡିକରେ ନାବାଳିକା ବିବାହ ଥମିବାର ନା ଧରୁନି। ଏପରିକି ଉଭୟ ପରିବାରର ସହମତିରେ ମଧ୍ୟ ନାବାଳିକା ବିବାହ ହୋଇଥିବା ଅଭିଯୋଗର ସତ୍ୟତା ଦେଖିବାକୁ ମିଳିଛି । ବହୁ ସଂଖ୍ୟାରେ ନାବାଳିକା ବିବାହ ଏହି ଅଞ୍ଚଳରେ ଘଟୁଥିବାରୁ ଯାହା ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଅଧିକାଂଶ ସମୟରେ ନାବାଳିକା ସହ ନାବାଳକ ଫେରାର ହୋଇଯାଉଥିବା ବେଳେ ପରବର୍ତୀ ସମୟରେ ଘରକୁ ଫେରୁଛନ୍ତି। ଯାହାକି ଉଭୟ ପରିବାର ଗ୍ରହଣ କରି ନେଉଛନ୍ତି । ଉଭୟ ପରିବାର କୌଣସି ପ୍ରତିକ୍ରିୟାଶୀଳ ନ ହୋଇ ଗ୍ରହଣ କରିନେଉଥିବାରୁ ଏହା ମଧ୍ୟ ପ୍ରକାରାନ୍ତରେ ଏଭଳି ବିବାହକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି।

ଏହା ବ୍ୟତୀତ ସାମାଜିକ ଓ ପରମ୍ପରାଗତ ବ୍ୟବସ୍ଥା ନାବାଳିକା ବିବାହକୁ ପ୍ରୋତ୍ସାହିତ କରୁଥିବା ଜଣାପଡିଛି। ନାବାଳିକାମାନଙ୍କର ମାସିକ ଧର୍ମ ଆରମ୍ଭ ହେବା ପରେ ପରିବାରର ପାରମ୍ପରିକ ବିଶ୍ୱାସ ଅନୁଯାୟୀ ପିତୃ ପୁରୁଷ ପାଣି ପାଆନ୍ତି ନାହିଁ। ସେଥିପାଇଁ ସେମାନେ ନାବାଳିକା ଅବସ୍ଥାରୁ ବିବାହ କରିଦେଉଥିବା ଜଣାପଡିଛି। ଏପରି ମାଳମାଳ ଉଦାହରଣ ଦେଖିବାକୁ ମିଳିଛି, କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ। ଏହି ଥାନା ଅନ୍ତର୍ଗତ କେରୁଆପାଳ ଗ୍ରାମର ଜଣେ ନାବାଳକ ସେହି ପଞ୍ଚାୟତର ଜଣେ ନାବାଳିକାକୁ ବିବାହ କରି ନେଇ ରାଜ୍ୟ ବାହାରକୁ ଚାଲିଯାଇଥିବା ଅଭିଯୋଗ ହୋଇଛି। ଏପରିକି ରାଜନଗର ବ୍ଲକ ସିଡିପିଓ ଦୀପାଳି ମିଶ୍ର ଖବର ପାଇ ସୁପରଭାଇଜର ମିନତୀ ମିଶ୍ରଙ୍କୁ ତଦନ୍ତ ପାଇଁ ପଠାଇଥିଲେ। ଶ୍ରୀମତୀ ମିଶ୍ର ତାଳଚୁଆ ସାମୁଦ୍ରିକ ଥାନାରେ ପହଞ୍ଚି ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନାଙ୍କ ସହିତ ପରାମର୍ଶ କରିବା ପରେ ଏଏସଆଇ ଧର୍ମେନ୍ଦ୍ର ସାମଲଙ୍କ ନେତୃତ୍ୱରେ ପୋଲିସ ଟିମ ଏବଂ ସୁପରଭାଇଜର ଶ୍ରୀମତୀ ମିଶ୍ର କେରୁଆପାଳ ଗାଁରେ ସଂପୃକ୍ତ ନାବାଳକଙ୍କ ଘରେ ପହଞ୍ଚି ଥିଲେ। ନାବାଳକଙ୍କ ପିତା ଜଣେ ଅଭାବୀ ମଣିଷ। ସେ ଜଣକ ବୋଟରେ ମାଛ ଧରିବାକୁ ସମୁଦ୍ର ଭିତରକୁ ଚାଲିଯାଇଥିଲେ। ତାଙ୍କ ଘରେ ଥିବା ସ୍ତ୍ରୀଙ୍କୁ ପଚାରିବାରୁ ୧୦ ଦିନ ତଳେ ତାଙ୍କ ପୁଅ ଏହି ପଞ୍ଚାୟତର ଜଣେ ଝିଅକୁ ନେଇ ଯାଇଥିବା ଶୁଣିଥିବା କହିଥିଲେ। ମାତ୍ର କୁଆଡେ ଗଲା? କ'ଣ କଲା? ତାହାର କିଛି ଖବର ନାହିଁ। ଜଣେ ସାଙ୍ଗର ବାହାଘରକୁ ଯାଇଛି ବୋଲି କହିଥିଲା। ତାପରଠୁ ଆଉ ଫୋନ କି ଖବର ନାହିଁ। ୧୦ ଦିନ ତଳେ ସେ ଫୋନ କରି କହିଥିଲା ମୁଁ ବାହାରକୁ ଯାଉଛି। ଆଉ ତାପର ଦିନଠୁ ତାହାର ଫୋନ ଲାଗୁନାହିଁ।

ସେହିପରି ଏହି କେରୁଆପାଳ ପଞ୍ଚାୟତ ପ୍ରଭାତୀ ଗ୍ରାମର ଶୁକଦେବ ଗିରିଙ୍କ ପୁଅ ସୁବଳ ଗିରି ସାବାଳକ ହୋଇଥିଲେ ମଧ୍ୟ ନିକଟସ୍ଥ ଗ୍ରାମର ଜଣେ ନାବାଳିକାକୁ ଡାଙ୍ଗମାଳ ସ୍ଥିତ ଜୟଦୁର୍ଗା ମନ୍ଦିରରେ ବିବାହ କରିଛନ୍ତି । ଏଥିରେ ଉଭୟ ପରିବାରର ସହମତିରେ ବିବାହ ସମ୍ପର୍ଣ୍ଣ ହୋଇଛି। ସୁପରଭାଇଜର ଶ୍ରୀମତୀ ମିଶ୍ର ଓ ସାମୁଦ୍ରିକ ଥାନାର ଏଏସଆଇ ଶ୍ରୀ ସାମଲ ସେଠାରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପୂର୍ବରୁ ଉଭୟ ନବ ବିବାହିତ ଦାମ୍ପତି କେଉଁ ଆଡେ ଫେରାର ହୋଇଯାଇଥିଲେ । ଏପରିକି ପିତା ଶୁକଦେବ ପୋଲିସ ଓ ସୁପରଭାଇଜରଙ୍କ ସମ୍ମୁଖରେ ମୋ ପୁଅର ବିବାହ ହୋଇନାହିଁ ଓ ମୋ ପୁଅମାନେ ବିଦେଶରେ ରହୁଛନ୍ତି ବୋଲି କହିଥିଲେ। ପୋଲିସର ତନାଘନା ପରେ ନବଦମ୍ପତିଙ୍କ ପୋଷାକ ଶୁଖୁଥିବାର ଦେଖି ପୁଅ ବିଦେଶରେ ଥିବାବେଳେ ଏ ପୋଷାକ କାହାର ବୋଲି ପ୍ରଶ୍ନ କରିଥିଲେ? ବାଧ୍ୟ ହୋଇ ଶୁକଦେବ ସତ ଓଗାଳି ଥିଲେ। ଉଭୟ ପରିବାରର ସହମତିରେ ବିବାହ ହୋଇଛି ବୋଲି ସେ ସତ ମାନିଥିଲେ। ନାବାଳିକା ବିବାହର କେବଳ ଏହି ୨ଟି ଘଟଣା ନୁହେଁ। ଏହି ଥାନା ଅନ୍ତର୍ଗତ ରଙ୍ଗଣୀ ପଞ୍ଚାୟତର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର **(ଶେଷ ପୃଷ୍ଠା ଦେଖନ୍ତୁ)**

# ବିଜୁଳି ବାଇପାସ୍‌କାରୀଙ୍କଠୁ ୨୪ କୋଟି ଆଦାୟ

**ଭୁବନେଶ୍ୱର,୧୮।୨: ତଥ୍ୟ**

ବିଳମ୍ବରେ ବିଦ୍ୟୁତ୍ ବିଲ୍ ପଇଠ କରୁଥିବା ହିତାଧିକାରୀମାନଙ୍କ ଠାରୁ ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିସିଓଡିଏଲ୍ ଚଳିତ ଆର୍ଥିକ ବର୍ଷରେ ୬ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଥିବାବେଳେ ବିଜୁଳି ପାଇବାସ୍ କରିଥିବା ଲୋକଙ୍କ ଠାରୁ ୨୪ କୋଟିରୁ ଅଧିକ ଟଙ୍କା ଆଦାୟ କରିଛି ।

ବିତରଣ କମ୍ପାନୀମାନେ ଗ୍ରାହକମାନଙ୍କ ଠାରୁ ଆଦାୟ କରୁଥିବା ଅର୍ଥ ସଂକ୍ରାନ୍ତରେ କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ ପଚାରିଥିବା ପ୍ରଶ୍ନର ଉତ୍ତରରେ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧାନସଭାରେ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଟିପିସିଓଡିଏଲ୍ ପକ୍ଷରୁ ବିଳମ୍ବ ପଇଠ ପାଇଁ ଆଦାୟ ହେଉଥିବା ଅର୍ଥ ଲଗାତାର ତିନିବର୍ଷ ଧରି ହ୍ରାସ ପାଇବାରେ ଲାଗିଛି । ୨୦୨୩-୨୪ ବର୍ଷରେ ଏହା ପାଖାପାଖି ୧୧ କୋଟି ଟଙ୍କା ଥିବାବେଳେ ଚଳିତ ୨୦୨୪-୨୫ ରେ ତାହା ୮.୭୩ କୋଟି ଟଙ୍କାକୁ ହ୍ରାସ ପାଇଥିଲା । ଚଳିତ ଆର୍ଥିକବର୍ଷରେ ଏହା ୬.୩୨ କୋଟି ଟଙ୍କାରେ ପହଞ୍ଚିଛି ।

କିନ୍ତୁ ବାଇପାସ୍ କରିଥିବା ହିତାଧିକାରୀଙ୍କ ଠାରୁ ଆଦାୟ ଅର୍ଥ ବଢିବାରେ ଲାଗିଛି। ୨୦୨୩-୨୪ରେ ଏହା ୨୨.୪୮ କୋଟି ଟଙ୍କା ଥିବାବେଳେ ଚଳିତ ଆର୍ଥିକ ବର୍ଷରେ ତାହା ୨୪ କୋଟି ଟଙ୍କାକୁ ଟପିଯାଇଛି । ସେହିଭଳି ମିଟର ଟାମ୍ପରିଂ କରୁଥିବା ହିତାଧିକାରୀମାନଙ୍କ ଠାରୁ ବି ୧୬ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ ହୋଇଛି । ଚଳିତବର୍ଷ ହୁକ ପକାଇ ଲୋକେ ୪.୮୩ କୋଟି ଟଙ୍କା ଗଣିଛନ୍ତି । ତେବେ ବିଦ୍ୟୁତ୍ ଲୋଡ ଉଲ୍ଲଙ୍ଘନ ନେଇ ତିନିବର୍ଷ ମଧ୍ୟରେ କୌଣସି ଅର୍ଥ ଆଦାୟ ହୋଇନାହିଁ ।



ସେହିଭଳି ଟିପିଡବ୍ଲୁଓଡିଏଲ୍ ଚଳିତବର୍ଷ ଜାନୁଆରୀ ପର୍ଯ୍ୟନ୍ତ ହୁକ ପକାଇଥିବା ଲୋକଙ୍କ ଠାରୁ ୫.୫୮ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ବାଇପାସ୍ କରିଥିବା ଲୋକଙ୍କ ଠାରୁ ପାଖାପାଖି ୨୦ କୋଟି ଟଙ୍କା ଆଦାୟ ହେଲାଣି । ମିଟର ଟାମ୍ପରିଂ ବାବଦରେ ଏହି ବିତରଣକାରୀ ସଂସ୍ଥା ୩.୩୩ କୋଟି ଟଙ୍କା ଆଦାୟ କରିଥିବା ଜଣାଯାଇଛି । ଅନ୍ୟାନ୍ୟ ବାବଦରେ ବି ଚଳିତବର୍ଷ ବିତରଣ କମ୍ପାନୀ ହିତାଧିକାରୀମାନଙ୍କ ଠାରୁ ୨.୨୩ କୋଟି ଟଙ୍କା ଆଦାୟ କରିଛି ।

ଉପମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଟିପିଏସଓଡିଏଲ୍ ବିଗତ ୫ବର୍ଷ ମଧ୍ୟରେ କୃଷି, ଘରୋଇ, ସାଧାରଣ ବ୍ୟବହାର, କୃଷି କ୍ଷେତ୍ରରେ ବ୍ୟବହାର ହେଉଥିବା ପାଣିପମ୍ପ, କୁଟୀର ଜ୍ୟୋତି ସମେତ ଅନ୍ୟାନ୍ୟ କ୍ଷେତ୍ରରେ ୧୦୪ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ କରିଛି ।

ସେହିଭଳି ଅନ୍ୟତମ ବିତରଣ କମ୍ପାନୀ ଟିପିଏନଓଡିଏଲ୍ ୨୦୨୧ ଏପ୍ରିଲ୍‌ରୁ ଚଳିତବର୍ଷ ଜାନୁଆରୀ ଶେଷ ସୁଦ୍ଧା ୧୫୫ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟକରିଛି। ଏଥିରେ ଘରୋଇ ଉପଭୋକ୍ତାଙ୍କ ଠାରୁ ସର୍ବାଧିକ ୧୨୩ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ବ୍ୟବସାୟିକ ପ୍ରତିଷ୍ଠାନରୁ ୨୫ କୋଟି ଟଙ୍କାରୁ ଅଧିକ ଅର୍ଥ ଆଦାୟ ହୋଇଛି । ତେବେ ବିତରଣ କମ୍ପାନୀମାନେ ଆଦାୟ କରୁଥିବା ସମସ୍ତ ଅର୍ଥ ସେମାନଙ୍କ ବ୍ୟାଙ୍କ୍ ଖାତାରେ ଜମା କରୁଥିବା ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# ଜଙ୍ଗଲ ଜମିରେ ଅବାଧରେ ଚାଲିଛି କୋଠାବାଡ଼ି, ଚିଙ୍ଗୁଡ଼ିଘେରୀ

**କେନ୍ଦ୍ରାପଡ଼ା,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଦ୍ରଭୂମି ଓ ଏହାର ଜୈବବିବିଧତା ର ସୁରକ୍ଷା ବିନା ବିଶ୍ୱତାପନ ଜନିତ ସମ୍ଭାବ୍ୟ ଭୟାବହତାକୁ ମୁକାବିଲା କରିବା ସମ୍ଭବ ନୁହେଁ । ବିଶ୍ୱବ୍ୟାପୀ ପରିବେଶ ବିଜ୍ଞାନୀ, ବୁଦ୍ଧିଜୀବି ଓ ଚିନ୍ତାଶୀଳ ବ୍ୟକ୍ତିମାନେ ଏଥିନେଇ ସ୍ୱଷ୍ଟ ମତ ରଖିଆସୁଛନ୍ତି । ଯାହାକୁ ଦୃଷ୍ଟିରେ ରଖି ଆଦ୍ରଭୂମି ଭିତରକନିକାର ସୁରକ୍ଷା ପାଇଁ ଗତ ୨୦୨୩ ଜୁନ ମାସରେ ଭାରତ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାର ୨୦୫ ରାଜସ୍ୱ ଗ୍ରାମକୁ ପରିବେଶ ସମ୍ବେଦନଶୀଳ ଗ୍ରାମ ଭାବେ ଚିହ୍ନଟ କରାଯାଇଥିଲା । ହେଲେ କେନ୍ଦ୍ରାପଡ଼ା ଜିଲ୍ଲାର ତଟାଂଚଳରେ ଥିବା ଏହି ବିରଳ ଜୈବବିବିଧତାକୁ ଧ୍ୱଂସ କରିବା ପାଇଁ ସବୁମତେ ଉଦ୍ୟମ ଆରମ୍ଭ ହୋଇଯାଇଛି । ରାଜନେତା ଓ ସରକାରୀ ଅଫିସରମାନେ ଏହାର ମୁଖ୍ୟ ପୃଷ୍ଠପୋଷକ ସାଜିଛନ୍ତି । ଯାହାର ପରିଣାମରେ ପରିବେଶ ସମ୍ବେଦନଶୀଳ ଗ୍ରାମ ଗୁଡ଼ିକରେ ଗଢିଉଠିଛି ଅସଂଖ୍ୟ ବେଆଇନ ଚିଙ୍ଗୁଡ଼ି ଘେରି । ବିକାଶ ଆଳରେ ଜଙ୍ଗଲ କଟାଯାଇ ତିଆରି ହେଉଛି ରାସ୍ତା, ସେତୁ ଓ କୋଠାବାଡ଼ି । ବିରଳ

### ପ୍ରଶାସନ ଚୁପ୍

ହେନ୍ତାଳ ଜଙ୍ଗଲ ଓ ଏହାର ଜୈବ ବିବିଧତାକୁ ସୁରକ୍ଷା ଦେବା ଏବଂ ଏହାକୁ ବିକଶିତ କରିବା ପାଇଁ ମୋଟା ଅଙ୍କର ଦରମା ନେଇ ଅବସ୍ଥାପିତ ହୋଇଥିବା ଅଧିକାରୀମାନେ ନିଜ ଚାକିରର ସୁରକ୍ଷା ଓ ଅର୍ଥଲୋଭରେ ଭୋଟ କାଙ୍ଗାଳ ରାଜନେତା ଓ ମାଫିଆଙ୍କର ଚାମଚାଗୀରି କରୁଛନ୍ତି । ଏଥିନେଇ ଅଭିଯୋଗ ହେଲେ ସାଧାରଣ ଲୋକଙ୍କୁ ମତେଇ ପରିବେଶ ସମ୍ବେଦନଶୀଳ ଗ୍ରାମ ଘୋଷଣା ବିରୋଧରେ ଆନ୍ଦୋଳନ କରାଇବାକୁ ପଛେଇ ଯାଉନଥିବା ଅଭିଯୋଗ ହେଉଛି । କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା, ରାଜନଗର ଓ ରାଜକନିକା ବ୍ଲକ ଅଂଚଳରେ ୧୦ ହଜାରରୁ **(ଶେଷ ପୃଷ୍ଠା ଦେଖନ୍ତୁ)**

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଫେବୃଆରୀ ୨୦୨୬ । ଗୁରୁବାର




## ୨୦ରେ ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଧାରଣା

**ହରଭଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୨୦ ଓ ୨୧ତାରିଖ ପ୍ରତି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଡାକରା ଦିଆଯାଇଛି । ଏହି ଗଣ ଧାରଣାରେ ବିଭିନ୍ନ ଦାବି ଉପସ୍ଥାପନା କରାଯାଇଛି । ଯଥା କେନ୍ଦୁପତ୍ର କେରି ବୃଦ୍ଧି, ସିଜିନାଲ କର୍ମଚାରୀଙ୍କ ମାସିକ ଦରମା ବୃଦ୍ଧି, ବନ୍ଧେଇ କର୍ମଚାରୀଙ୍କ ବଣ୍ଡଲ ଡର ବୃଦ୍ଧି, ବୋନସ ପରିମାଣ ବୃଦ୍ଧି, ବଜେଟରେ ସାମାଜିକ ନିରାପତ୍ତା ପାଇଁ ୨୦୦କୋଟି ଟଙ୍କାର ପ୍ରବଧାନ, ଫଡି ଉଚ୍ଛେଦ ବନ୍ଦ, ଘରୋଇ କରଣ ବନ୍ଦ, କେଏଲଡିବିରେ ସଂଘର ପ୍ରତିନିଧିଙ୍କୁ ମନୋନୀତ ଓ ସଂଶୋଧନ ପ୍ରଭୃତି ଦାବି ସହ ଅନ୍ୟାନ୍ୟ ଦାବି ରହିଛି । ଏହି ଦାବି ଗୁଡିକୁ ନେଇ ପ୍ରତି ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଶାନ୍ତି ପୂର୍ଣ୍ଣ ଗଣ ଧାରଣା ରହିଥିବା ବେଳେ ଆସନ୍ତା ୨୭ରେ ରାସ୍ତାରୋକ କରିବା ନେଇ ଓଡ଼ିଆ କେନ୍ଦୁପତ୍ର କର୍ମଚାରୀ ସଂଘ ଡାକରା ଦେଇଛି । ଏହି ଡାକରାରେ ବୌଦ୍ଧ ଜିଲ୍ଲାରେ ଥିବା ବୌଦ୍ଧ, କଣ୍ଟାମାଲ ବ୍ଲକରେ ସମସ୍ତ ରେଞ୍ଜ ଓ ହରଭଙ୍ଗା ବ୍ଲକର ଚାରିଛକ ଓ ଛତ୍ରଙ୍ଗ ରେଞ୍ଜ ସାମିଲ ହେବା ସହିତ ସମସ୍ତ କର୍ମଚାରୀ ୨୦ ଓ ୨୧ତାରିଖରେ ଶାନ୍ତିପୂର୍ଣ୍ଣ ଗଣ ଧାରଣା ଦେବେ ବୋଲି ଉଭୟ ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି ।



## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର



**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଛତ୍ରପୁର ଥାନା ଅନ୍ତର୍ଗତ ପୋଡାପଦର ବଡ଼ଶଙ୍ଖ ନିକଟ କେନାଲରୁ ନିଖୋଜ ହୋଇଥିବା ଯୁବକଙ୍କ ମୃତ ଶରୀର ଉଦ୍ଧାର । ବହୁ ଘଣ୍ଟା ଧରି ଅଗ୍ନିଶମ ବାହିନୀର ଖୋଜାଖୋଜି ପରେ ଯୁବକର ମୃତ ଶରୀରକୁ ଉଦ୍ଧାର କରାଯାଇଥିଲା । ନିଖୋଜ ଯୁବକ ଜଣକ ତରେଇପାଟପୁର ଗ୍ରାମର ଜି.ଏଙ୍କେଟ ରାଓ ବୋଲି ଜଣାପଡିଛି । ନିଖୋଜ ଯୁବକ ଜଣକଙ୍କ ଶଙ୍ଖ ତଳେ ଚପଲ ଓ ଗାଡି ରହିଥିବା ନେଇ ସନ୍ଦେହ ଜାତ ହେବା ପରେ ପୋଲିସ ଓ ଅଗ୍ନିଶମ ବିଭାଗର ସହାୟତା ନିଆଯାଇଥିଲା । ଅଗ୍ନିଶମ ବିଭାଗ କର୍ମଚାରୀମାନେ ପାଣିରେ ସନ୍ଧାନ ଜାରିରଖିଥିଲେ । ଗ୍ରାମବାସୀ ଓ ପରିବାର ଲୋକଙ୍କ ମଧ୍ୟ ବିଭିନ୍ନ ସ୍ଥାନରେ ମଧ୍ୟ ଖୋଜାଖୋଜି ଜାରି ରଖିଥିଲେ । ଗତ ସୋମବାର ଜି .ଏଙ୍କେଟ ସୁନ୍ଦରପୁର ଯାତ୍ରା ଦେଖି ପରେ ତାଙ୍କ ବାଇକ ଯୋଗେ ମଲାଡ଼ ଶ୍ୱଶୁର ଘର ଯାଉଥିବା ବେଳେ ଏପରି ଆଘଟଣ ଘଟିଥିବା ଏବଂ ବାଇକ ସହ ଏଙ୍କେଟ ଭରସାମ୍ୟ ହରାଇ ଗଳାଶଙ୍ଖ ଥିବା ଗଭୀର ପାଣିରେ ପଡ଼ିଥିବା ଅନୁମାନ କରାଯାଉଛି । ପୋଲିସ ଶବକୁ ଜବତ କରି ତଦନ୍ତ ଜାରି ରଖିଛି ।

## ରାସ୍ତା ଉପରେ ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ରାମନଗର ପାଟଣା ସେବା ସମବାୟ ସମିତି ଅନ୍ତର୍ଭୁକ୍ତ ପଞ୍ଜିକୃତ ଚାଷୀମାନଙ୍କ ଧାନ କିଣା ସମସ୍ୟାକୁ ନେଇ ମଙ୍ଗଳବାର ପୂର୍ବାହ୍ନ ୯ ଘଟିକାରୁ ରାସ୍ତା ଉପରେ ଧାନ ରଖି ରାସ୍ତାରୋକ ଆନ୍ଦୋଳନ କରିଥିଲେ । ଏହି ସମିତିରେ ୪୬୪ ଜଣ ଚାଷୀ ତାଙ୍କର ନାମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ଧାନର ପରିମାଣ ୧୬,୦୦୦ କ୍ୱିଣ୍ଟାଲରୁ ୧୮,୦୦୦ କ୍ୱିଣ୍ଟାଲ ମଧ୍ୟରେ ମିଲର ନେବାକୁ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୯୭ ଜଣ ଚାଷୀଙ୍କ ଠାରୁ ମୋଟ ୩୬୦୪ କ୍ୱିଣ୍ଟାଲ ଧାନ କିଣିଛନ୍ତି । ୨୦୩ ଜଣ ଚାଷୀଙ୍କ ଟୋକନ ଅବଧି ଶେଷ ହେବା ପରେ ବର୍ତ୍ତମାନ ଅବଧି ବଢାଯାଇଛି । ମାତ୍ର ବାକି ରହିଥିବା ଚାଷୀଙ୍କ ଧାନ କିଣାକୁ ନେଇ ସମସ୍ୟା ଦେଖା ଦେଇଛି । ତେଣୁ ଧାନ କିଣାକୁ ନେଇ ବିଶିଳ ଆନ୍ଦୋଳନ ହେଉଥିବା ବେଳେ ଯାଇଥିବା ବେଳେ କେବେ ଓ କେଉଁ ମିଲର କେତେ ଧାନ କିଣିବେ ତାର ଲିଖିତ ପ୍ରତିଶ୍ରୁତି ନ ଦେଲେ ଆନ୍ଦୋଳନ ଚାଲୁ ରହିବ ବୋଲି ଚାଷୀମାନେ ଦାବି କରି ରାସ୍ତାରୋକ କରିଥିଲେ । ଶେଷରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଜଳେଶ୍ୱର ବ୍ଲକ ଯୋଗାଣ ବିଭାଗ ଅଧିକାରିଣୀ ଅବନ୍ତିକା ସାହୁ, ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକ ପ୍ରମୁଖ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀମାନଙ୍କ ସହିତ କଥାବାର୍ତ୍ତା ଓ ପ୍ରତିଶ୍ରୁତି ଦେବା ପରେ ରାସ୍ତା ରୋକ୍ ଓ ଆନ୍ଦୋଳନ ହଟିଥିଲା । ଆନ୍ଦୋଳନରେ ଚାଷୀ କ୍ରୀୟାନୁଷ୍ଠାନ କମିଟି ସଭାପତି ରବିନାରାୟଣ ମିଶ୍ର, ରାମନଗର ପାଟଣା ସେବା ସମବାୟ ସମିତିର ସଭାପତି ଦୁର୍ଗା ଶଙ୍କର ଭୂୟାଁ, ପୂର୍ବତନ ସଭାପତି ମଧୁସୂଦନ ଦାସ, ପୂର୍ବତନ ବିଧାୟକ ଦେବୀ ପ୍ରଶନ୍ନ ଚନ୍ଦ, ସମାଜସେବୀ ସୁଦର୍ଶନ ଦାସ, ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ପରିଡା, କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଗିରି, ମହମ୍ମଦ ନଗର ପାଟଣା ସରପଞ୍ଚ ଅରୁଣ ସେନାପତି, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ ଲୋଚନ ପରିଡ଼ା, ରାଧାଶ୍ୟାମ ସାହୁ, ଗଣେଶ ଚନ୍ଦ୍ର ପାତ୍ର, ହରିଶ ଚନ୍ଦ୍ର ଭୂୟାଁ, ତପନ ଦତ୍ତ, ମଧୁସୂଦନ ପାଳ, ପ୍ରକାଶ ବେ, ଜ୍ୟୋତିର୍ମୟାନନ୍ଦ ପାଳ, ବିଜୟ ରଣା, ଦିଲ୍ଲୀପ ଗିରି, ଉତ୍ତମ ପାତ୍ର, ମନସୁର ଅଲ୍ଲୀ, ଶେଖ ଆଝାର, ଶ୍ରୀକାନ୍ତ ଭୂୟାଁ ପ୍ରମୁଖଙ୍କ ସହିତ ବହୁ ଚାଷୀ ଏହି ଆନ୍ଦୋଳନରେ ଯୋଗ ଦେଇଥିଲେ ।



## ମନରେଗା ଯୋଜନାରେ ଦୁର୍ନୀତି

**ମୁଖୀଗୁଡା: ଏକ୍ସପ୍ରେସ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି (ମନରେଗା) ଯୋଜନାରେ ମହାଦୁର୍ନୀତି ହେଉଥିବା ଅଭିଯୋଗ ଆଣିଛନ୍ତି ସମାଜସେବୀ ଶ୍ରୀପତି ଯୋଶୀ । ଜୁନାଗଡ଼ ଠାରେ ଅନୁଷ୍ଠିତ ହୋଇଥିବା ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସେ ଅଭିଯୋଗ କରିଛନ୍ତି ଯେ, ଜୟପାଟଣା ବ୍ଲକରେ ମନରେଗା ଯୋଜନାରେ ଯେତେ ବି କାମ କରାଯାଇଛି । ଶ୍ରମିକ ବଦଳରେ ଜେସିବି ସାହାଯ୍ୟରେ କାମ କରାଯାଇଛି ଏବଂ ଜବ କାର୍ଡ ବ୍ୟବହାର କରାଯାଇ ଶ୍ରମିକ ପାଉଣା ପକାଯାଉଛି । ଶ୍ରମିକ ଉକ୍ତ କାମରେ କାମ କରିନଥିଲେ ମଧ୍ୟ କାମ କରିଥିବା ଦର୍ଶାଯାଇଛି । ଶ୍ରମିକମାନଙ୍କ ଜବ କାର୍ଡର ନାମ ଏବଂ ଏମଏମଏସରେ ଅପଲୋଡ଼ କରାଯାଇଥିବା ଫଟୋର ତାଳମେଳ ରହୁ ନଥିବା ବେଳେ ମେଟେରିଆଲ ବିଲ୍‌ରେ ମଧ୍ୟ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି ଶ୍ରୀ ଯୋଶୀ । ସେହିପରି କୁଡଗାଁ ଗ୍ରାମପଞ୍ଚାୟତର ଧୁଟିଗୁଡା ଓ ସାଗୁନଭାଡି ପଡା ବିଦ୍ୟାଳୟ ପରିସରରେ ତିଆରି ହୋଇଥିବା ଶୌଚାଳୟ ନିର୍ମାଣ ବିନା ପିଲାରରେ ହୋଇଛି । ଭେଜିଗୁଜା ଗ୍ରାମପଞ୍ଚାୟତରେ ମଧ୍ୟ ପଞ୍ଚାୟତ ପାଖରେ ଯେଉଁ ଶୌଚାଳୟ ନିର୍ମାଣ କରାଯାଇଛି ସେଥିରେ ସିମେଣ୍ଟ ଇଟା ବଦଳରେ ମାଟି ଇଟା ବ୍ୟବହୃତ ହୋଇଛି । ଜୟପାଟଣା ବ୍ଲକରେ ୨୦୨୨ ମସିହା ଠାରୁ ହୋଇଥିବା ମନରେଗା କାମର ତଦନ୍ତ ପାଇଁ ଶ୍ରୀ ଯୋଶୀ ଦାବି କରିଛନ୍ତି, ଏପରିକି ତଦନ୍ତ କରା ନଗଲେ ସେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ।

## ଠିକା କାମକୁ ନେଇ ଗୁଳିମାଡ

**ଭବାନୀପାଟଣା: ଏକ୍ସପ୍ରେସ ନ୍ୟୁଜ୍**

ସାମାନ୍ୟ ବଚ଼ସାରୁ ଗୁଳିମାଡ । ମଙ୍ଗଳବାର ବିଳମ୍ବିତ ରାତିରେ ଭବାନୀପାଟଣା ସହରରେ ଗୁଳିମାଡ ହୋଇଛି । ଠିକା କାମକୁ ନେଇ ଗୁଳିକାଣ୍ଡ ହୋଇଥିବା କୁହାଯାଉଛି । ଏହି ଘଟଣାରେ ଭବାନୀପାଟଣା ବିବିସିପଡାର ଜଣେ ଯୁବକ ଯଶୋବନ୍ତ ନାଏକକୁ କଳାହାଣ୍ଡି ପୋଲିସ ଗିରଫ କରିଛି । ଟାଉନ୍ ଥାନା ପୋଲିସ ତିନିଜଣ ସ୍ଥାନୀୟ ଯୁବକଙ୍କୁ ଅଟକ ରଖି ପଚ଼ରାଉଚ଼ରା କରୁଛି । ଏନେଇ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା ସୂଚ଼ନା ଦେଇଛନ୍ତି ।

ସୂଚ଼ନା ଅନୁସାରେ, ମଙ୍ଗଳବାର ବିଳମ୍ବିତ ରାତିରେ ନିର୍ମାଣଧୀନ ଠିକା କାମକୁ ନେଇ ବିବିସିପଡ଼ା ହନୁମାନ ମନ୍ଦିର ନିକଟରେ କିଛି ଯୁବକଙ୍କ ମଧ୍ୟରେ ବଚ଼ସା ହୋଇଥିଲା । ଏଥିରେ ସମ୍ପୃକ୍ତ ଯୁବକ ଯଶୋବନ୍ତ ଅନ୍ୟ ଜଣେ ଯୁବକଙ୍କ ମୁଣ୍ଡରେ ବନ୍ଧୁକ ଲଗେଇଥିଲେ । ପାଖରେ ଥିବା ଯୁବକ ବନ୍ଧୁକ ଉପରକୁ କରିଦେଇଥିଲା । ଫଳରେ ବ୍ଲାଙ୍କ ଫାୟାରିଂ ବା ଫାଙ୍କା ଗୁଳି ଚାଳନା ହୋଇଥିଲା । ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଅଭିଯୁକ୍ତ ଯୁବକ ଯଶୋବନ୍ତକୁ ଗିରଫ କରିବା ସହ ଦୁଇ ବେଆଇନ ବନ୍ଧୁକ ଜବତ କରିଛି ।

## ଦନ୍ତା ଆକ୍ରମଣରେ ଦୁଇ ଗୁରୁତର

**ଢେଙ୍କାନାଳ: ଏକ୍ସପ୍ରେସ ନ୍ୟୁଜ୍**

ଦୀର୍ଘ ଦିନ ହେବ ଢେଙ୍କାନାଳ ଜିଲ୍ଲା ଭୁବନ ବନାଞ୍ଚଳ ଅଧିନରେ ଥିବା ବିଭିନ୍ନ ଗ୍ରାମରେ ଗୋଠଛଡା ଦନ୍ତାର ଉପଦ୍ରବ ଦେଖିବାକୁ ମିଳିଛି । ଦଶ ଦିନ ପୂର୍ବରୁ ଦନ୍ତାଟି ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦରେ । ହାତୀଟି ଗଡନୃସିଂହପ୍ରସାଦ ଗ୍ରାମ ନିକଟରେ ଥିବାବେଳେ ବନବିଭାଗ ଲୋକମାନଙ୍କୁ ହାତୀ ନିକଟକୁ ନଯିବାକୁ ବାରଣ କରାଯାଇଥିଲା । କିନ୍ତୁ ଗଡନୃସିଂହପ୍ରସାଦ ଗ୍ରାମର କାଳୀଆ ବେହେରା ବନବିଭାଗ କର୍ମଚାରୀଙ୍କ କଥାକୁ ଅମାନ୍ୟ କରି ଦେଖିବା ପାଇଁ ହାତୀ ନିକଟକୁ ଚାଲିଯାଇଥିଲା । ହଠାତ ହାତୀଟି ଆକ୍ରମଣ କରିଥିଲା । କାଳିଆ ବେହେରାକୁ ଶୁଣ୍ଢରେ ଟେକି ପେଟରେ ଗୋଡ ପକେଇ ଚାପି ଦେଇଥିଲା । ବନବିଭାଗ କର୍ମଚାରୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ହାତୀ ଗୁରୁତର କାଳିଆକୁ ଛାଡି ପଳାଇଥିଲା । ଗୁରୁତର କାଳୀଆ ବେହେରାଙ୍କୁ ଭୁବନ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଗୁରୁତର କାଳୀଆ ବେହେରାଙ୍କ ଅନ୍ତବୁଜୁଳା ବାହାରିଯାଇଥିବା ବେଳେ ଅଧିକ ଚିକିତ୍ସା ପାଇଁ ତାଙ୍କ କଟକ ସ୍ଥାନାନ୍ତର କରାଯାଇଛି । ଏହା ପୂର୍ବରୁ ଡେଙ୍ଗାବାହାଳୀ ଗ୍ରାମର ଧନେଶ୍ୱର କାଣ୍ଡି ଶୌଚ ହେବାକୁ ଯାଉଥିବା ସମୟରେ ଦନ୍ତା ହାବୁଡରେ ପଡିଯାଇଥିଲେ । ଦନ୍ତାଟି ଧନେଶ୍ୱରଙ୍କୁ ଶୁଣ୍ଢରେ ଟାଣି ଆଣିବା ସମୟରେ ବିଲ ହୁଡା ଯୋଗୁଁ ଜୀବନ ବଚି ଯାଇଥିଲା । ଖବର ପାଇ ବନବିଭାଗ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଧନେଶ୍ୱରଙ୍କୁ ଭୁବନ ମେଡିକାଲକୁ ପଠାଇ ହାତୀଟିକୁ ଘଡାଇଥିଲେ । ଧନେଶ୍ୱର ଭୁବନରେ ଚିକିତ୍ସା ହେଉଥିବା ବେଳେ କାଳିଆକୁ ଢେଙ୍କାନାଳ ସ୍ଥାନାନ୍ତର କରାଯାଇଛି ।





## ରାଇସ୍ ମିଲ୍ ନିକଟରୁ ମିଳିଲା ଝୁଲନ୍ତା ମୃତଦେହ

**ପାଣିକୋଇଲି: ଏକ୍ସପ୍ରେସ ନ୍ୟୁଜ୍**

ବରଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର । ପାଣିକୋଇଲି ଥାନା ଅନ୍ତର୍ଗତ କୋରେଇ ରୋଡରେ ଥିବା ଏକ ରାଇସ୍ ମିଲ ନିକଟରେ ଥିବା ଏକ ବର ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତକ ଜଣଙ୍କ ସ୍ଥାନୀୟ ଧନପୁର ଗ୍ରାମର ନଟବର ବାରିକଙ୍କ ପୁଅ ଶ୍ରୀଧର ବାରିକ ବୋଲି ଜଣାପଡିଛି ।

ସୂଚ଼ନାନୁଯାୟୀ, ଧନପୁର ଗ୍ରାମର ଶ୍ରୀଧର ବାରିକ ଦୀର୍ଘ ଦିନ ହେବ କୋରେଇ ରୋଡରେ ଥିବା ଏକ ରାଇସ୍ ମିଲରେ ଲେବର ସର୍ଦ୍ଦାର ଭାବେ କାର୍ଯ୍ୟ କରୁଥିଲେ । ମଙ୍ଗଳବାର ରାତିରେ ସେ ଘରକୁ ଫେରି ନଥିଲେ । ଘର ଲୋକ ଫୋନ କଲେ ସୁଦ୍ଧା କୌଣସି ଉତ୍ତର ମିଳିନଥିଲା । ବୁଧବାର ସକାଳେ କିଛି ଲୋକ ଶୌଚ ହେବାକୁ ଯିବା ବେଳେ ରାଇସ୍ ମିଲ ନିକଟରେ ଥିବା ବର ଗଛରେ ଶ୍ରୀଧରଙ୍କ ମୃତଦେହ ଝୁଲୁଥିବା ଦେଖିଥିଲେ । ନିକଟରେ ଏକ ସୁଇସାଇଡ୍ ନୋଟ୍ ମଧ୍ୟ ପାଇଥିଲେ । ଏନେଇ ଖବର ପାଇବା ପରେ ଘଟଣାସ୍ଥଳରେ ଶ୍ରୀଧରଙ୍କ ଘର ଲୋକେ ପହଞ୍ଚିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି । ମିଲ ଗେଟ୍ ଆଗରେ ଟାୟାର ଜାଳି ମୃତକଙ୍କ ସମ୍ପର୍କୀୟ ପ୍ରତିବାଦ କରିଛନ୍ତି । ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଜାରି ରଖିଛି ।

## ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟିର ରିପୋର୍ଟ ତଲବ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ବ୍ରହ୍ମପୁର ଗୋସାଇଁନୂଆଗାଁ-ହଳଦିଆପଦର ରେଳ ଓଭରବ୍ରିଜରେ ଏକ ଟ୍ରକ ଧକ୍କାରେ ୫ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ଘଟଣାକୁ ନେଇ ସୁପ୍ରିମକୋର୍ଟର ସଡକ ସୁରକ୍ଷା କମିଟି ଉଦବେଗ ପ୍ରକାଶ କରିଛନ୍ତି । ଏହି ଦୁର୍ଘଟଣାକୁ ନେଇ ମାର୍ଚ୍ଚ ୫ ତାରିଖ ଭିତରେ ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ କମିଟି ନିର୍ଦ୍ଦେଶ ଦେଇଛନ୍ତି । ବେପରୁଆ ଗାଡି ଚାଳନା ଯୋଗୁ ୫ ଜଣଙ୍କ ମୃତ୍ୟୁ ହୋଇଥିବା ଘଟଣାକୁ ସୁପ୍ରିମକୋର୍ଟ କମିଟି ଗୁରୁତର ସହ ନେଇଛନ୍ତି ।

ଏଭଳି ଦୁର୍ଘଟଣାର ଯେପରି ପୁନଃରାବୃତ୍ତି ନହୁଏ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ କମିଟି ପକ୍ଷରୁ ପରାମର୍ଶ ଦିଆଯାଇଛି । ଟ୍ରାଫିକ ନିୟମର କଡାକଡି ପାଳନ ନହେବା ଏବଂ ଭୁଲ ରାସ୍ତାରେ ଗାଡିଚାଳନା ଯୋଗୁ ଏଭଳି ଦୁର୍ଘଟଣା ଘଟୁଥିବା କମିଟି ଦର୍ଶାଇବା ସହ ଏହା ଉପରେ ପଦକ୍ଷେପ ନେବାକୁ କୁହାଯାଇଛି । ପ୍ରକାଶଥାଉକି, ଜାନୁଆରୀ ୩୧ ତାରିଖ ଅପରାହ୍ନ ସାଢେ ୧ଟା ବେଳେ ବ୍ରହ୍ମପୁର ସହରରୁ ଜାତୀୟ ରାଜପଥ-୧୬କୁ ଯାଉଥିବା ଏକ ଟ୍ରକ୍ ହଳଦିଆପଦର ଓଭରବ୍ରିଜ୍‌ରେ ଦ୍ରୁତଗତିରେ ଅନ୍ୟ ଏକ ଟ୍ରକ୍‌କୁ ଓଭରଟେକ କରିବା ବେଳେ ସମ୍ମୁଖ ପଟୁ ଆସୁଥିବା ୩ଟି ବାଇକକୁ ଧକ୍କା ଦେଇଥିଲା । ଟ୍ରକ ଧକ୍କାରେ ୩ ବାଇକରେ ବସିଥିବା ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା । ଟ୍ରକ୍ ଚାଳକଙ୍କ ବେପାରୁଆ ଗାଡି ଚାଳନା ଯୋଗୁ ବିନା କାରଣରେ ୫ଟି ନିରୀହ ଜୀବନ ଚାଲି ଯାଇଥିଲା । ପୋଲିସ ଟ୍ରକ୍ ଚାଳକଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା ।



## ବାଣିଜ୍ୟ

## ବଜାରରେ ୪୦ ଲକ୍ଷ କୋଟି ଅତିକ୍ରମ କଲା ନଗଦ ଟଙ୍କା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଦେଶରେ ଡିଜିଟାଲ୍ ପେମେଣ୍ଟ ବା ୟୁପିଆଇ କାରବାରରେ ବ୍ୟାପକ ବୃଦ୍ଧି ପାଇବାରେ ଲାଗିଛି । ଏହାରି ମଧ୍ୟରେ ଭାରତୀୟ ଅର୍ଥନୀତିରେ ନଗଦ ଟଙ୍କାର ପ୍ରଚ଼ଳନ ଏକ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି । ଚଳିତ ଜାନୁଆରୀ ସୁଦ୍ଧା ବଜାରରେ ନଗଦ ଅର୍ଥର ପରିମାଣ ୪୦ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଯାହା ଗତ ବର୍ଷ ଜାନୁଆରୀ ତୁଳନାରେ ୧୧ ପ୍ରତିଶତ ଅଧିକ । କାହିଁକି ବଢୁଛି ନଗଦ ଟଙ୍କାର ଚାହିଦା ।

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ)ର ଏକ ଗବେଷଣା ରିପୋର୍ଟ ଅନୁଯାୟୀ, ଏହି ବୃଦ୍ଧି ପଛରେ କେତେକ ପ୍ରମୁଖ କାରଣ ରହିଛି ।

ଜିଏସଟି ନୋଟିସ୍: ୟୁପିଆଇ କାରବାର ଆଧାରରେ ପ୍ରାୟ ୧୮,୦୦୦ କ୍ଷୁଦ୍ର ବ୍ୟବସାୟୀଙ୍କୁ ଜିଏସଟି ନୋଟିସ୍ ପଠାଯାଇଛି । ଏହି କାରଣରୁ କର୍ଣ୍ଣାଟକ, ପଶ୍ଚିମବଙ୍ଗ, ଓଡିଶା ଏବଂ କେରଳ ଭଳି ରାଜ୍ୟରେ ଲୋକେ ୟୁପିଆଇ ବଦଳରେ ଏଟିଏମ୍‌ରୁ ଅଧିକ ନଗଦ ଟଙ୍କା ଉଠାଉଥିବା ଦେଖାଯାଇଛି ।

ସୁନା-ରୂପା ବିକ୍ରି: ବଜାରରେ ସୁନା ଓ ରୂପାର ମୂଲ୍ୟ ବଢୁଥିବାରୁ ଅନେକ ପରିବାର ନିଜ ପାଖରେ ଥିବା ଅଳଙ୍କାର ବିକ୍ରି କରି ନଗଦ ଅର୍ଥ ରଖୁଛନ୍ତି ।

କମ୍ ସୁଧ ହାର ଓ ରିହାତି: ବ୍ୟାଙ୍କ ସୁଧ ହାର କମିବା ଏବଂ ଆୟକର ତଥା ଜିଏସଟି ରେ ରିହାତି ଯୋଗୁଁ ଲୋକଙ୍କ ବ୍ୟୟ କରିବା କ୍ଷମତା ବଢ଼ିଛି, ଯାହା ଫଳରେ ବଜାରରେ ନଗଦ ଟଙ୍କାର ଚାହିଦା ବୃଦ୍ଧି ପାଇଛି ।

୨୦୧୬ ନୋଟ୍ ବନ୍ଦୀ ସମୟରେ ସରକାରଙ୍କ ଅନ୍ୟତମ ଲକ୍ଷ୍ୟ ଥିଲା ବଜାରରେ ନଗଦ ଟଙ୍କାର ପ୍ରଚ଼ଳନ କମାଇ ଡିଜିଟାଲ୍ କାରବାରକୁ ପ୍ରୋତ୍ସାହନ ଦେବା । ଆଶ୍ଚର୍ଯ୍ୟଜନକ ଭାବେ, ଜାନୁଆରୀରେ ୟୁପିଆଇ କାରବାର ୨୮.୩୩ ଲକ୍ଷ କୋଟି ଟଙ୍କାର ରେକର୍ଡ ଛୁଇଁଥିଲେ ସୁଦ୍ଧା ନଗଦ ଟଙ୍କାର ବ୍ୟବହାର କମିନାହିଁ । ତେବେ ଆଶ୍ୱସ୍ତିର କଥା ଯେ, 'କ୍ୟାଶ-ଟୁ-ଜିଡିପି' ଅନୁପାତ ୨୦୨୧ର ୧୪.୪%ରୁ ହ୍ରାସ ପାଇ ୨୦୨୬ ଆର୍ଥିକ ବର୍ଷରେ ୧୧%କୁ ଖସିଛି ।

୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ପରେ ବଜାରରେ ଏବେ ୧୦୦, ୨୦୦ ଓ ୫୦୦ ଟଙ୍କିଆ ନୋଟ୍‌ର ପ୍ରାଧାନ୍ୟ ବଢ଼ିଛି । ଜନସାଧାରଣଙ୍କ ସୁବିଧା ପାଇଁ ଆଗାମୀ ମାର୍ଚ୍ଚ ୨୦୨୬ ସୁଦ୍ଧା ୯୬% ଏଟିଏମ୍ ରେ ଯେପରି ୧୦୦ ଓ ୨୦୦ ଟଙ୍କିଆ ନୋଟ୍ ଉପଲବ୍ଧ ହେବ, ସେଥିପାଇଁ ଆରବିଆଇ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଛି ।



## ଜାତୀୟ ରାଜପଥ କର୍ତ୍ତୁପକ୍ଷଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ମାଲକାନଗିରି: ଏକ୍ସପ୍ରେସ ନ୍ୟୁଜ୍**

ମାଥିଲି ଠାରୁ ୪ କି.ମି. ଦୂରରେ ଅବସ୍ଥିତ ଉଦୁଲିବେଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ରେ ଘଟି ଯାଇଛି । ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ କେଶବ ଗୌଡ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ତାଙ୍କ ସମ୍ପର୍କୀୟ ରାଜେନ୍ଦ୍ର ମାହାପାଲିଆ ଗୁରୁତର ଭାବରେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ଏହି ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ରେ ଥିବା ଖାଲଖମା ଏବଂ ନିମ୍ନମାନର ରାସ୍ତା ଯୋଗୁଁ ହୋଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବାରମ୍ବାର ଜାତୀୟ ରାଜପଥର ମରାମତି, ରକ୍ଷଣା ବେକ୍ଷଣ ଏବଂ ସଠିକ୍ ସୂଚ଼ନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ଆସିଷ୍ଟାଣ୍ଟ ଏକ୍‌ସେକ୍ୟୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକ୍‌ସେକ୍ୟୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଥାପି ଜାତୀୟ ରାଜପଥର ଅଧିକାରୀମାନେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ କର୍ଣ୍ଣପାତ କରିନଥିଲେ ଏବଂ ନିଜ ଇଚ୍ଛା ମୁତାବକ କାମ କରି ଆସୁଥିଲେ । ତେଣୁ ଆସିଷ୍ଟାଣ୍ଟ ଏକ୍‌ସେକ୍ୟୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକ୍‌ସେକ୍ୟୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁର ଏବଂ ଜାତୀୟ ରାଜପଥର ଠିକାଦାରମାନଙ୍କ ବିରୁଦ୍ଧରେ ମାଥିଲି ଥାନାରେ ମାମଲା ଦାୟର କରାଯାଇଛି ଏବଂ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ, ମାଲକାନଗିରି ଏହି ଅଧିକାରୀ ଏବଂ ଠିକାଦାରମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୧୫୨ ଅନୁଯାୟୀ ସପ୍ତାହକ ମଧ୍ୟରେ ଗୋବିନ୍ଦପାଲ୍ଲୀ ଠାରୁ ମୋଟୁ ପର୍ଯ୍ୟନ୍ତ ସମସ୍ତ ଖାଲଖମା, ଜାତୀୟ ରାଜପଥର ରକ୍ଷଣା ବେକ୍ଷଣ ଏବଂ ସଠିକ ସୂଚ଼ନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ନିର୍ଦ୍ଦେଶକୁ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୨୨୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ପୁଣି ଅଶାନ୍ତ ବରଗଡ଼

**ବରଗଡ଼: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ଼ ସହରରେ ଅପରାଧୀମାନେ ସକ୍ରିୟ ହୋଇ ପଡିଛନ୍ତି । ଏଠାରେ ଦିନ ଦ୍ୱିପ୍ରହରରେ ଭୁଜାଲି ମାଡ, ଛୁରାମାଡ଼ ହେଉଛି । ଗତ କିଛିଦିନ ତଳେ ବରଗ ହାଟପଦାରେ ଭୁଜାଲି ମାଡ଼ରେ ୨ ଯୁବକଙ୍କ ଜୀବନ ଚାଲି ଯାଇଥିଲା । ଏହି ଘଟଣା ପରେ ବିଭିନ୍ନ ଛକ ସ୍ଥାନରେ ପୋଲିସ ମୁତୟନ ଅଛନ୍ତି । ଏହାସତ୍ତ୍ୱେ ପୋଲିସକୁ ଚ୍ୟାଲେଞ୍ଜ କରି ଥରକୁ ଥର ଛୁରାମାଡ଼ ହେଉଛି । ବୁଧବାର ସକାଳେ ବରଗଡ଼ ହାଟପଦାରେ ଛୁରାମାଡ଼ରେ ସ୍ଥାନୀୟ ଉଦ୍ଧବ ଡାଙ୍ଗଙ୍କ ପୁଅ ନବକିଶୋର ଆହତ ହୋଇଛନ୍ତି । ତାଙ୍କ ଡାହାଣ ହାତରେ ଗଭୀର ଆଘାତ ଲାଗିଛି । ସେ ହାଟପଦାରେ ନିଜ ବ୍ୟବସାୟ ଚଳାଇ ଥିବାବେଳେ ୨ ଯୁବକ ଆସି ତାଙ୍କୁ ୧ହଜାର ଟଙ୍କା ମାଗିଥିଲେ । ମାତ୍ର ତାହା ଦେବା ପାଇଁ ନବ କିଶୋର ମନା କରି ଦେଇଥିଲେ । ଏହାପରେ ଯୁବକଦ୍ୱୟ ଜୋର ଜବରଦସ୍ତ ତାଙ୍କ କାଉଣ୍ଟରରୁ ଟଙ୍କା କାଢି ନେଉଥିବା ସମୟରେ ନବକିଶୋର ପ୍ରତିରୋଧ କରିଥିଲେ । ଏହି ସମୟରେ ଜୀବନରେ ମାରିଦେବା ପାଇଁ ଦୁର୍ବୃତ୍ତମାନେ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ନବକିଶୋର ପୋଲିସରେ ଅଭିଯୋଗ କରିଛନ୍ତି । ପୋଲିସ ଜଣଙ୍କୁ ଅଟକ ରଖି ତଦନ୍ତ କରୁଛି ।

## ୧୨ ସେଣ୍ଟରରେ ୨୪୦୧ ପରୀକ୍ଷାର୍ଥୀ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ସମଗ୍ର ରାଜ୍ୟରେ ଗୁରୁବାର ଅନୁଷ୍ଠିତ ହେଉଛି ମାଟ୍ରିକ ପରୀକ୍ଷା । ପୁରୀ ଜିଲ୍ଲାର ଗୋପ ଶିକ୍ଷା ମଣ୍ଡଳ ଅଧିନସ୍ତ ମୋଟ ୧୨ ସେଣ୍ଟର ମଧ୍ୟରୁ ୯ ଟିସମସ୍ତ ପ୍ରଶ୍ନପତ୍ର ଓ ପରୀକ୍ଷା ପାଇଁ ଖାତାକୁ ସୁରକ୍ଷିତ ରଖିବାପାଇଁ ୨ଟି ଷ୍ଟ୍ରଙ୍ଗ ରୁମ ରହିଛି । ୨୪X୭ କଡା ସୁରକ୍ଷା ବଳୟ ଭିତରେ ରହିଛି ସମସ୍ତ ପରୀକ୍ଷା ସାମଗ୍ରୀ । ଯାତାୟାତ ଓ ଅନ୍ୟାନ୍ୟ ସୁବିଧା ପାଇଁ ଗୋପର ପିଏମଶ୍ରୀ ନିଗମାନନ୍ଦ ସରକାରୀ ହାଇସ୍କୁଲ ନୋଡାଲ ସେଣ୍ଟର ଭାବେ ଚୟନ କରାଯାଇଛି । ଅବଶିଷ୍ଟ ୩ଟି ସେଣ୍ଟର ମଧ୍ୟରୁ ନୂଆହାଟ ବାଲିଆ ସ୍କୁଲକୁ କାକଟପୁର ନୋଡାଲ ସେଣ୍ଟରରୁ ପ୍ରଶ୍ନପତ୍ର ଯିବାର ବନ୍ଦୋବସ୍ତ ହୋଇଥିବାବେଳେ ଚଇତନା ଓ ବନ୍ତୁଳିଗ୍ରାମ ସେଣ୍ଟର ପାଇଁ ପୁରୀ ଜିଲ୍ଲା ସ୍କୁଲରୁ ପ୍ରଶ୍ନପତ୍ର ଯିବାର ବ୍ୟବସ୍ଥା ହୋଇଥିଲା ।

ସମସ୍ତ ସେଣ୍ଟରରେ ୮ଟା ୩୦ ସୁଧା ଦୁଇଟି ଡିସ୍ୱାଜ ଭ୍ୟାନ ମାଧ୍ୟମରେ ପ୍ରଶ୍ନ ପାତ୍ର ଓ ଖାତା ଆଦି ସାମଗ୍ରୀ ପହଞ୍ଚିବାର ବନ୍ଦୋବସ୍ତ ହୋଇଛି । ଗୋଟେ ଡିସ୍ୱାଜ ଭ୍ୟାନ ରେ ୨ ଜଣ ଶିକ୍ଷକଙ୍କ ସହିତ ୨ ଜଣ ବନ୍ଧୁକଧାରୀ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି । ଏଥର ଗୋପ ଶିକ୍ଷା ମଣ୍ଡଳରେ ମୋଟ ପରୀକ୍ଷାର୍ଥୀ ସଂଖ୍ୟା ହେଲା -୨୪୦୧ । ଗୋପ ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ ୪ଟା ସ୍କୁଲର ସେଣ୍ଟର ହୋଇଛି ମୋଟ ୨୦୦ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି ।

ସବୁ ସେଣ୍ଟରରେ ସିସିଟିଭିର ବନ୍ଦୋବସ୍ତ ହୋଇଥିବାବେଳେ ଗୋପ ନୋଡାଲ ସେଣ୍ଟରରେ ଏଆଇ କ୍ୟାମେରା ଲଗାଯାଇଛି । ଯାହାକୁ ବୋର୍ଡ଼ କର୍ତ୍ତୃପକ୍ଷ ତଦାରଖ କରୁଛନ୍ତି । ସମସ୍ତ କାର୍ଯ୍ୟକୁ ଶାନ୍ତିଶୃଙ୍ଖଳାରେ କିପରି ସମ୍ପାଦନା ସେଥିପାଇଁ ଗୋପ ନୋଡାଲ ସେଣ୍ଟର ପ୍ରଧାନଶିକ୍ଷୟତ୍ରୀ ବିଜୟିନୀ ଶତପଥୀ ସଦା ତତ୍ପରତା ଦେଖିବାକୁ ମିଳିଥିଲା ।

## ବାଫ୍‌ଟା ଆୱାର୍ଡସ ମଞ୍ଚରେ ନଜର ଆସିବେ ଆଲିଆ

**ସିନେମାଫିନେମା ଟିଭିଫିବି**

୭୯ତମ ବାଫ୍‌ଟା ଆୱାର୍ଡସ ମଞ୍ଚରେ ଦେଖାଦେବେ ବଲିଉଡ୍‌ର ଗଙ୍ଗୁବାଇ ଆଲିୟା ଭଟ୍ଟ । ବିଜେତାଙ୍କୁ ସେ ବାଫ୍‌ଟା ପୁରସ୍କାର ପ୍ରଦାନ କରିବେ । ବ୍ରିଟିଶ ଏକାଡେମୀ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି । ଅନ୍ତର୍ଜାତୀୟ ସିନେମାରେ ଉତ୍କର୍ଷକୁ ସମ୍ମାନ ଦେବାର ଏହି ସମାରୋହର ନାଁ ଇଇ ବାଫ୍‌ଟା ଫିଲ୍ମ ଆୱାର୍ଡସ ।

ଆସନ୍ତା ୨୨ ତାରିଖ, ଲଣ୍ଡନର ରୟାଲ ଫେଷ୍ଟିଭାଲ ହଲ୍‌ରେ ସମାରୋହ ଆୟୋଜିତ ହେବ । ଏଥିରେ ସାମିଲ ପରସ୍କାର ପ୍ରଦାନକାରୀ ଅତିଥିଙ୍କ ମଧ୍ୟରେ ୩୨ ବର୍ଷୀୟା ଆଲିୟା ଅନ୍ୟତମ । ଏଲିସିୟା ଭିକାଣ୍ଡର, ବ୍ରାୟନ କ୍ରାନ୍‌ଷ୍ଟନ, ସିଲିଆନ ମର୍ଫି, ଡେଲରୟ ଲିଣ୍ଡୋ, ଏମିଲି ୱାଟ୍‌ସନ, ଏଥାନ ହକ୍, ଗିଲିଆନ ଆଣ୍ଡରସନ୍, ଗ୍ଲେନ୍ କ୍ଲୋଜ୍, ହାନା ୱାଡିଂଘମ୍, ମୋନିକା ବେଲୁଚି, ରେଗେ-ଜିନ୍ ପେଜ୍, ରିଜ୍ ଅହମଦ ଓ ଷ୍ଟେଲାନ ସ୍କାରଗାର୍ଡ ବିଜେତାମାନଙ୍କୁ ବାଫଟା ସମ୍ମାନ ପ୍ରଦାନ କରିବେ ।




ଆଲିୟାଙ୍କ ସମେତ ଭାରତୀୟ ଫିଲ୍ମ ନିର୍ମାତା ଲକ୍ଷ୍ମୀପ୍ରିୟା ଦେବୀ ଏହି ସମାରୋହରେ ଯୋଗ ଦେବେ । ତାଙ୍କ ମଣିପୁରୀ ଫିଲ୍ମ 'ବୁଙ୍ଗ୍' ଶ୍ରେଷ୍ଠ ଶିଶୁ ପାରିବାରିକ ଫିଲ୍ମ ବିଭାଗରେ ନୋମିନେଟ୍ ହୋଇଛି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର । ୧୯ ଫେବୃଆରୀ ୨୦୨୬ । ଗୁରୁବାର

# ପରିବେଶ ପ୍ରଦୂଷଣ ବଢ଼ାଉଛି ମାଳମାଳ ଇଟାଭାଟି



**୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ଜିଲ୍ଲାରେ ମାଳମାଳ ଇଟାଭାଟି ତଥା ଇଟା କାରଖାନା ବାଲିକୁଦାର ପରିବେଶକୁ ପ୍ରଦୂଷିତ କରିଛି । ଗତ ୧୦ ତାରିଖ ସୁଦ୍ଧା ସ୍ଥାନୀୟ ତହସିଲ ପ୍ରଶାସନ ଏଭଳି ବେଆଇନ ଇଟାଭାଟି କରିଥିବା ୩୦ ଜଣଙ୍କୁ ସ୍କାନରକୁ ନେଇଛନ୍ତି । ପ୍ରାୟ ସମସ୍ତ ଇଟାଭାଟିରେ ୧୦ ହଜାରରୁ ଆରମ୍ଭ କରି ୧୫ ହଜାର, ୨୦ ହଜାର, ୨୫ ହଜାର, ୩୦ ହଜାର, ୩୫ ହଜାର ପର୍ଯ୍ୟନ୍ତ ଇଟା ପ୍ରସ୍ତୁତ କରାଯାଇଥିବା ତହସିଲ ପ୍ରଶାସନ ତରଫରୁ ଜାରି ରିପୋର୍ଟରେ ସ୍ପଷ୍ଟ କରାଯାଇଛି । ସଂପ୍ରତି ଜିଲ୍ଲାର ବିଭିନ୍ନ ସ୍ଥାନରେ ଉଭୟ ସରକାରୀ ଓ ଘରୋଇ ଜମିରେ ବେଆଇନ ଇଟାଭାଟି ରହିଥିବାର ଅଭିଯୋଗ ପାଇ ପ୍ରଶାସନ ପକ୍ଷରୁ ତନାଘନା ଜାରି ରଖାଯାଇଛି । ତା' ଛଡ଼ା ଇଟାଭାଟି ଦ୍ୱାରା ପରିବେଶ ପ୍ରଦୂଷିତ, ସରକାରଙ୍କ ରାଜସ୍ୱ ହାନୀ, ଚାଷ ଜମିରେ ଇଟାଭାଟି ସୃଷ୍ଟି କରାଯାଉଥିବାରୁ ଫସଲ ଉତ୍ପାଦନ ହ୍ରାସ ଏବଂ ସର୍ବୋପରି ମାଟି ଓ ବାଲି ଲୁଟ୍ ହେଉଥିବାର ଗନ୍ଧ ବାରି ଇତିମଧ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ କେତେକ ଇଟା କାରଖାନା ତଥା ଇଟାଭାଟିକୁ ନଷ୍ଟ କରି ଦିଆଯାଇଛି । ଏହାସତ୍ତ୍ୱେ ଏବେବି କେତେକ ଅଞ୍ଚଳରେ ବେଆଇନ ଇଟାଭାଟି କାର୍ଯ୍ୟକ୍ଷମ ରହିଛି । ଯାହାକୁ ତହସିଲ ପ୍ରଶାସନ ଜାଣି ବା ଅଜଣାର ଅଭିନୟ କରି ଘଣ୍ଟ ଘୋଡ଼ାଉଥିବା ସାଧାରଣରେ ଚର୍ଚ୍ଚା କରାଯାଉଛି । କାରଣ ବର୍ତ୍ତମାନ ଜଗତସିଂହପୁର ବ୍ଲକ ମଧୁସୂଦନପୁର ଶାସନ ପଞ୍ଚାୟତସ୍ଥିତ ଏକ ବିଦ୍ୟାଳୟର ପଛ ପଟେ ବେଆଇନ ଇଟାଭାଟି ଲଦା ଚାଲିଥିବାର ଫଟୋ ସାମ୍ନାକୁ ଆସିଛି । ବହୁ ବର୍ଷ ଧରି ଏଠାରେ ଇଟାଭାଟି ପୋଡ଼ା ଚାଲିଥିବା ଅଭିଯୋଗ ହୋଇଛି । ତଥାପି ଜିଲ୍ଲା ପ୍ରଶାସନ ବେଆଇନ ଇଟାଭାଟି ଚିହ୍ନଟ ଅଭିଯାନକୁ ବଳବତ୍ତର ରଖିବା ଭିତରେ କେବଳ ବାଲିକୁଦା ତହସିଲ ଅଞ୍ଚଳର ୩୦ଟି ସ୍ଥାନରେ ଇଟାଭାଟି ରହିଥିବା ସ୍କାନରକୁ ଆସିଛି ।

ଅପରପକ୍ଷେ ଦେଖିଲେ ଜିଲ୍ଲାର କିଛି ତହସିଲ କର୍ତ୍ତୃପକ୍ଷ ବେଆଇନ ଇଟାଭାଟି ଗୁଡ଼ିକ କେଉଁ କିସମ ଜମି ଉପରେ ନିର୍ମାଣ କରାଯାଇଛି, ତାହା ସରକାରୀ ନା ବେସରକାରୀ, ମାଟି ଗଚ୍ଛିତ ଅଛି ନା ନାହିଁ ସେ ସମ୍ବନ୍ଧରେ ଟିକିନିଖି ରିପୋର୍ଟ ପ୍ରସ୍ତୁତ କରିଛନ୍ତି । ଅଥଚ ବାଲିକୁଦା ତହସିଲ ପ୍ରଶାସନ କେବଳ ମୌଜା, ଖାତା ନମ୍ବର, ପ୍ଲଟ୍ ନମ୍ବର ଓ ସଂପୃକ୍ତ ବ୍ୟକ୍ତିବିଶେଷଙ୍କ ନାମକୁ ରିପୋର୍ଟରେ ଉଲ୍ଲେଖ କରିଛନ୍ତି । କେତେକ ସ୍ଥଳେ ପ୍ଲଟ୍ ଓ ଖାତା ନମ୍ବରକୁ ଦର୍ଶାଯାଇ ନାହିଁ । ଅର୍ଥାତ ବେଆଇନ ଇଟାଭାଟିର ଛାନ୍ ଉପର ଠାଉରିଆ କରାଯାଇଥିବା ସନ୍ଦେହ ଦୃଢ଼ୀଭୂତ ହୋଇଛି । ଏଣେ ଜିଲ୍ଲାରେ ବେଆଇନ ଇଟାଭାଟି ସଂଖ୍ୟା ଶତାଧିକ ପାର କରିଯାଇଥିବା ଉଚ୍ଛେଦ ଅଭିଯାନ ଏକପ୍ରକାର ମାନ୍ଦା ଧରିଛି । ଏମିତିକି ଅଗ୍ରାଧିକାର ଭିତ୍ତିରେ ସରକାରୀ ଜମିରେ ଗଢି ଉଠିଥିବା ବେଆଇନ ଇଟାଭାଟିକୁ ଭଙ୍ଗା ଯାଉନଥିବା ଅଭିଯୋଗ ହେଉଛି ।

## ଆଜିର ରାଶିଫଳ

ତାରିଖ ୧୯.୨.୨୦୨୬ | ଗୁରୁବାର– ଦ୍ୱିତୀୟା | ନକ୍ଷତ୍ର– ପୂର୍ବଭାଦ୍ର, କୁମ୍ଭଚନ୍ଦ୍ର



| | | |
|---|---|---|
| ମେଷ | : | ଯାତ୍ରାରେ ଶୁଭଫଳ ପାଇବେ । |
| ବୃଷ | : | ଶତ୍ରୁରେ ବିଜୟଲାଭ କରିବେ । |
| ମିଥୁନ | : | ଶତ୍ରୁ ବୃଦ୍ଧି ହେବେ । |
| କର୍କଟ | : | ଯନ୍ତ୍ରଣା ବୃଦ୍ଧି ପାଇବ । |
| ସିଂହ | : | କର୍ମରେ ସୁଖ ପାଇବେ । |
| କନ୍ୟା | : | ବନ୍ଧୁମିଳନ ହେବ । |
| ତୁଳା | : | ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ହେବ । |
| ବିଛା | : | ମାନସିକ କ୍ଳେଶ ବୃଦ୍ଧି ପାଇବ । |
| ଧନୁ | : | ସମ୍ମାନ ବୃଦ୍ଧି ହେବ । |
| ମକର | : | ଗୁରୁଜନ ଆପଣଙ୍କ ପ୍ରସନ୍ନ ହେବେ । |
| କୁମ୍ଭ | : | ଦିନଟି ଚିନ୍ତାଶୂନ୍ୟ ହୋଇ କାର୍ଯ୍ୟ କରିବେ । |
| ମୀନ | : | ସଫଳତା ପ୍ରାପ୍ତି ହେବ । |

## ରାସ୍ତାକାର୍ଯ୍ୟ ଅଧାପନ୍ତରିଆ : ବିଲ ହାତେଇବାକୁ ମସୁଧା

**ହିନ୍ଦୋଳ, ୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଅନେକ କାର୍ଯ୍ୟ ସମ୍ପୂର୍ଣ୍ଣ ନକରି ବିଲ ହୋଇଯାଉଥିବାର ଅନେକ ନଜିର ରହିଛି । ସେହିପରି ଏକ ଉଦାହରଣ ସ୍ୱରୂପ ହିନ୍ଦୋଳ ଏନଏସି ୮ନଂ ୱାର୍ଡରୁ ୱାର୍ଡନଂ୧୫ ସିଂକୋଳ ପର୍ଯ୍ୟନ୍ତ ପ୍ରାୟ ୫କିମି ରାସ୍ତା ପିଡବ୍ଲୁଡ଼ି ବିଭାଗ ପକ୍ଷରୁ ଟେଣ୍ଡର ହୋଇ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ସମ୍ପୂର୍ଣ୍ଣ ହେବା ଉପରେ ଏବଂ ଏହି କାର୍ଯ୍ୟ ଅଗ୍ରୱାଲ ନାମକ ଠିକାଦାର ସଂସ୍ଥା ଦିଆଯାଇଛି । ତେବେ ଆରମ୍ଭରୁ ରାସ୍ତାକାର୍ଯ୍ୟ ନିମ୍ନମାନର ଥିବାସହ ବିଭିନ୍ନ ସ୍ଥାନରେ ଠିକରେ ଗାର୍ଡୱାଲ ମଧ ଦିଆଯାଇନାହିଁ । ତେବେ ହିନ୍ଦୋଳ ଏନଏସି ୱାର୍ଡନଂ ୮ ମଧୁବନ ଠାରୁ ୱାର୍ଡନଂ ୯ ପାଣିଟାଙ୍କି ପର୍ଯ୍ୟନ୍ତ ରାସ୍ତାରେ କିଛି ବ୍ୟକ୍ତିଗତ ଜମି ଥିବାରୁ କୌଣସି ସମାଧାନ ନକରି ଏହି ରାସ୍ତା ଛାଡି ଦିଆଯାଇଛି ଏବଂ ମଧୁବନ ବ୍ରିଜ ଆଖପାଖରେ ରାସ୍ତାପାର୍ଶ୍ୱ ଗାର୍ଡୱାଲ ମଧ କରାଯାଇନାହିଁ । ତେବେ ଶୁଣିବାକୁ ମିଳୁଛି ସେହି ଅଂଶ ରାସ୍ତା ବାଦ ଦେଇ ବିଲ କରିନେବାକୁ ସମ୍ପୃକ୍ତ ଠିକାଦାର ସଂସ୍ଥା ମସୁଧା ଚଳାଇଛି । ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରେ ଏହି ଅସୁବିଧା ସମାଧାନ ପାଇଁ ଉଦ୍ୟମ କରାଯାଉଛି ବୋଲି ପ୍ରତିକ୍ରିୟା ଦେଇଥିଲେ । ତେବେ ପ୍ରଭାବଶାଳୀ ରାଜନୈତିକ ପ୍ରତିନିଧି, ସରକାରୀ ଅଧିକାରୀଙ୍କ ଛତ୍ରଛାୟା ତଳେ ରହି ମନମାନି କରି ରାସ୍ତା ନିର୍ମାଣ କରୁଥିବାରୁ ସ୍ଥାନୀୟ ଜନସାଧାରଣ, ହିନ୍ଦୋଳ ଏନଏସିର କାଉନସିଲର ମାନେ, ବୁଦ୍ଧିଜୀବୀ ତୀବ୍ର ନିନ୍ଦା କରିବାସହ ଅସମ୍ପୂର୍ଣ୍ଣ ରାସ୍ତା ସମ୍ପୂର୍ଣ୍ଣ କରିବା, ଗାର୍ଡୱାଲ ନିର୍ମାଣ କରିବା ସହ ନିର୍ମାଣ ହୋଇଥିବା ରାସ୍ତାର ସମ୍ପୂର୍ଣ୍ଣ ମାନ, ଗୁଣବତ୍ତା ତଦାରଖ କରାଯିବା ପରେ କାର୍ଯ୍ୟର ବିଲ କରାଯିବାକୁ ସରକାର ଓ ଜିଲ୍ଲାପ୍ରଶାସନ ନିକଟରେ ଦାବି କରାଯାଇଛି । ଅନ୍ୟଥା ହିନ୍ଦୋଳ ଏନଏସର ନିର୍ବାଚିତ ପ୍ରତିନିଧି, ବିଭିନ୍ନ ନେତୃତ୍ୱ, ଜନସାଧାରଣ, ବୁଦ୍ଧିଜୀବୀ ଓ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଚୋରି ଟ୍ରାକ୍ଟର ଡାଲା ଜବତ ଜଣେ କୋର୍ଟ ଚାଲାଣ

**ମାହାଙ୍ଗା : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରେଶ୍ୱର ଥାନା ଅଧିନ ଭଦ୍ରେଶ୍ୱର ଚାରି ଛକ ବଜାରରୁ ଏକ ଟ୍ରାକ୍ଟର ଡାଲା ଚୋରି ଘଟଣାରେ ଜଣକୁ କୋର୍ଟ ଚାଲଣ କରାଯାଇଥିବାବେଳେ ଅନ୍ୟ ଜଣେ ଫେରାର ହୋଇଯାଇଥିବା ଜଣାଯାଇଛି । ସୂଚନା ମୁତାବକ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଅଚ୍ୟୁତପୁର ଗ୍ରାମର ରମାକାନ୍ତ ନାୟକଙ୍କ ଟ୍ରାକ୍ଟର ଡାଲା ଭଦ୍ରେଶ୍ୱର ବଜାର ଚରି ଛକରେ ରଖିଥିବାବେଳେ କେହି ଦୁର୍ବୃତ୍ତ ଡାଲାଟିକୁ ଚୋରି କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇବା ପରେ ଭଦ୍ରେଶ୍ୱର ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରି କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ଥାନା ଅଞ୍ଚଳରୁ ଡାଲା ଟିକୁ ଜବତ କରିଥିବା ସହ ଏକ ଟ୍ରାକ୍ଟରକୁ ମଧ ଜବତ କରି ଥାନାରେ ଅଟକ ରଖିଥିବା ଜଣାଯାଇଛି । ଥାନା କେସ ନଂ ୩୧/୨୬ରେ ଏକ ମାମଲା ରୁଜୁ କରିବା ସହ ଚୋରି ଘଟଣାରେ ସଂପୃକ୍ତ ଅଚ୍ୟୁତପୁର ଗ୍ରାମର ଦାମୋଦର ମଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଥାନା ସୂତ୍ରରୁ ପ୍ରକାଶ ।

# ଜିଲ୍ଲାରେ ଆଣ୍ଠେଇଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା

**ଖୋର୍ଦ୍ଧା, ୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାର ସାଧାରଣ ଖାଉଟିଙ୍କ ବିଦ୍ୟୁତ ବୋଝ କମାଇବା ନିମନ୍ତେ ନିର୍ବାଚନ ପୂର୍ବରୁ ୩ସହ ୟୁନିଟ ବିଦ୍ୟୁତ ଛାଡ କରିବା ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ତେବେ ନିର୍ବାଚନ ପରେ ସାଧାରଣ ଖାଉଟି ସରକାରୀ ପ୍ରତିଶ୍ରୁତି ଅନୁଯାଇ କିପରି ବିଦ୍ୟୁତ ବିଲ ବୋଝରୁ ମୁକୁଳିବେ ତାକୁ ନେଇ ସୂର୍ଯ୍ୟଘର ଯୋଜନା ପ୍ରଣୟନ କରିଥିଲେ ଏବଂ ଏହି ଯୋଜନା ମାଧ୍ୟମରେ ଖାଉଟିମାନେ ୨ ଲକ୍ଷ ବ୍ୟୟରେ ସୋଲାର ଶକ୍ତି ବ୍ୟବହାର କରିବେ । ଯାହା ବାବଦକୁ ଓଡିଶା ସରକାର ୬୦ ହଜାର ସବ୍‌ସିଡି ପ୍ରଦାନ କରିବା ପାଇଁ ଧାର୍ଯ୍ୟ ରହିଥିବା ବେଳେ କେନ୍ଦ୍ର ସରକାର ଏବାବଦକୁ ସବ୍‌ସିଡି ଆକାରରେ ୭୮ ହଜାର ପ୍ରଦାନ କରିବେ । ଏବଂ ଜଣେ ଗ୍ରାହକ ଚାହିଁଲେ ବ୍ୟାଙ୍କ ଋଣ ଦ୍ୱାରା ମଧ ଏହି ଯୋଜନଙ୍କୁ ଉପଲବ୍ଧ କରିପାରିବ । କିନ୍ତୁ ବିଡମ୍ବନାର ବିଷୟ କେନ୍ଦ୍ର ସରକାରଙ୍କ ଏହି ଯୋଜନା ଖୋର୍ଦ୍ଧା ଜିଲ୍ଲାରେ ଫଳପ୍ରଦ ହେଉନଥିବା ଭଳି ମନେହେଉଛି । କେନ୍ଦ୍ର ସରକାରଙ୍କ ବହୁ ଆକାଂକ୍ଷିତ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ସମଗ୍ର ଜିଲ୍ଲାରେ ଆଣ୍ଠେଇଛି । କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ସୌରଶକ୍ତି ଉତ୍ପାଦନ ପାଇଁ ଜନସାଧାରଣଙ୍କୁ ବ୍ୟାପକ ସବସିଡ୍ ପ୍ରଦାନ କରୁଛନ୍ତି । ଏହା ସତ୍ତ୍ୱେ ଖୋର୍ଦ୍ଧା ଜିଲ୍ଲାରେ ଏଥିପ୍ରତି ଲୋକେ ମୁହାଉ ନଥିବା କାରଣ ଜିଲ୍ଲାପ୍ରଶାସନ କିମ୍ବା ସରକାରୀ ସ୍ତରରେ କେହି ଚିନ୍ତା କରୁନଥିବା ଭଳି ମନେ ହେଉଛି । ଜିଲ୍ଲାରେ କାଁ ଭାଁ କିଛି ଲୋକଙ୍କ ଘରେ ସୌରଶକ୍ତି ବସାଇ ଥିବା ବେଳେ ୯୦ ପ୍ରତିଶତ ଲୋକେ ଏହାକୁ ଲଗାଇବା ପାଇଁ ଆଗ୍ରହ ମନେ କରୁ ନଥିବା ମନେହେଉଛି । ଏହାର ମୂଳ କାରଣ ଖୋର୍ଦ୍ଧା ଜିଲ୍ଲାରେ ବସବାସ କରୁଥିବା ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରୁଛନ୍ତି ଏବଂ ସେଥିରୁ ଅନେକ ଦୈନିକ ଶ୍ରମିକ ଭାବରେ କାର୍ଯ୍ୟ କରୁଥିବା ବେଳେ ଦିନକୁ ରୋଜଗାର ହେଉଥିବା ମଜୁରୀ ନିଜ ପରିବାର ପୋଷଣରେ ଚାଲିଯାଉଛି । ଏହିପରି କ୍ଷେତ୍ରରେ ଜଣେ ଗରିବ ସରକାରଙ୍କ ସୌରଶକ୍ତି ବ୍ୟବହାର କରିବା ପାଇଁ ୨ ଲକ୍ଷ ଆଣିବ କେଉଁଠୁ । ଯାହାକୁ ନେଇ ଜିଲ୍ଲାରେ ସୌରଶକ୍ତି ଯୋଜନା ଆଗକୁ ବଢିପାରୁ ନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ଯଦିଓ ସରକାର ୧ ଲକ୍ଷ ୩୮ ହଜାର ସବ୍‌ସିଡି ଆକାରରେ ପ୍ରଦାନ କରିବେ ତେବେ ପ୍ରଥମେ ଏହାକୁ କାର୍ଯ୍ୟକାରୀ କରିବା ନିମନ୍ତେ ସବସିଡି ଅର୍ଥ ଗ୍ରାହକଙ୍କୁ ପ୍ରଦାନ କରିବାକୁ ପଡିବ ଏବଂ ଋଣ ଯଦି କରନ୍ତି ତେବେ ମାସିକ ପାଖାପାଖି ୧୦ ହଜାର ଟଙ୍କା ଦେୟ ପ୍ରଦାନ କରିବାକୁ ପଡିବ । ଯାହା ପାଇଁ ଏହି ଯୋଜନଙ୍କୁ କାର୍ଯ୍ୟକାରୀ କରିବା ନିମନ୍ତେ ସାଧାରଣ ବର୍ଗ ଲୋକେ ଆଗ୍ରହ ପ୍ରକାଶ କରୁନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ସୌରଶକ୍ତି ମାଧ୍ୟମରେ ବିଦ୍ୟୁତ ଯୋଗାଣ ପାଇଁ ସରକାରଙ୍କ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନା ଏବେ ଜିଲ୍ଲାରେ ବିଫଳ ହୋଇଛି । ସରକାରଙ୍କ ଚିନ୍ତା ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘର ଛାତ ଉପରେ ସୋଲାର ପ୍ୟାନେଲ ବସାଇ ସୌରଶକ୍ତି ମାଧ୍ୟମରେ ସ୍ୱଳ୍ପ ଖର୍ଚ୍ଚରେ ବିଦ୍ୟୁତ ଶକ୍ତି ପାଇପାରିବେ । ଯାହା କି ଏବେ ଖୋର୍ଦ୍ଧା ଜିଲ୍ଲାବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଯାଇଛି ।

ଅନ୍ୟପଟେ ଦାୟିତ୍ୱରେ ରହିଥିବା କମ୍ପାନୀଗୁଡ଼ିକ ପ୍ରତି ଲୋକଙ୍କ ବିଶ୍ୱାସ ଭରସା ପାଉନଥିବା ବେଳେ ସରକାରୀ ସ୍ତରରେ ସେହି ଭଳି ଆଖିଦୃଶିଆ ପ୍ରଚାର ପ୍ରସାର ଅଭାବରୁ ଏହି ଯୋଜନା ଜିଲ୍ଲାରେ ଆଗେଇ ପାରୁନଥିବା ଅନୁମାନ ହେଉଛି । ଯାହାକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛ । ସରକାର ଅଗ୍ରିମ ସବ୍‌ସିଡି ଅର୍ଥ ପ୍ରଦାନ କଲେ ଗରିବ ଲୋକେ ଏହାର ଉପକୃତ ପାଇପାରିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି । କେନ୍ଦ୍ର ଓ ରାଜ୍ୟରେ ଡବଲ ଇଂଜିନ ସରକାର ରହିଥିବା ବେଳେ ସାଧାରଣ ନିର୍ବାଚନ ଇସ୍ତାହାରରେ ୩ଶହ ୟୁନିଟ ବିଦ୍ୟୁତ ଛାଡକୁ ପ୍ରସଙ୍ଗ କରି ବିରୋଧ ଦଳ ବାରମ୍ବାର ସମାଲୋଚନା କରିଆସୁଥିବା ବେଳେ ସାଧାରଣ ଲୋକେ ଏହାକୁ ଭୁଲିଯିବା ପୂର୍ବରୁ ବିରୋଧୀ ଲୋକଙ୍କୁ ମାନେ ପକାଉଥିବାରୁ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି ଏବଂ ସରକାରଙ୍କ ଏହି ସୌରଶକ୍ତି ଯୋଜନା କାହିଁକି ଆଗକୁ ବଢି ପାରୁନାହିଁ ତାହା ଉପରେ ବିଚାର ବିମର୍ଷକୁ ନେଇ କାର୍ଯ୍ୟକାରୀ କରିବା ଉଚିତ ବୋଲି ସର୍ବସାଧାରଣରେ ଦୃଢ଼ ଦାବି ହେଉଛି ।

## ଗଞ୍ଜେଇ ଜବତ, ୨ ଗିରଫ

**ଖୋର୍ଦ୍ଧା : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଅବକାରୀ ବିଭାଗ ବିଶେଷ ସୂଚନା ଅନୁଯାୟୀ ମଙ୍ଗଳବାର ଦିନ ଖୋର୍ଦ୍ଧା ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥ ଓ ୧୬ ନମ୍ବର ଜାତୀୟ ରାଜପଥରେ ଚଢ଼ାଉ କରି ଦୁଇ ବ୍ୟବସାୟୀଙ୍କୁ ଗିରଫ କରିବା ସହିତ ୨୪ କେଜି ଗଞ୍ଜେଇ ଜବତ କରିଛି । ଅବକାରୀ ବିଭାଗର ସୂଚନା ଅନୁଯାୟୀ କନ୍ଧମାଳ ଜିଲ୍ଲାର ଗୁଟିଙ୍ଗିଆ ଅଞ୍ଚଳର ଅଶ୍ୱଥାମା ନାୟକକୁ ୫୭ ନମ୍ବର ଜାତୀୟ ରାଜପଥ ସାରୁଅ ଅଞ୍ଚଳରୁ ଗିରଫ କରିବା ସହିତ ତାଙ୍କ ନିକଟରୁ ୧୦ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ଜଙ୍କିଆ ଥାନା ଅଧୀନ ୧୬ ନମ୍ବର ଜାତୀୟରାଜପଥ ଲାହଙ୍ଗା ଫ୍ଲାଏଓଭର ରାସ୍ତା ପାର୍ଶ୍ୱରେ କର୍ଣ୍ଣାଟକ ରାଜ୍ୟର ମଣ୍ଡାୟା ଗ୍ରାମର ଅପୁ ଆର ନାମକ ଯୁବକକୁ ଗିରଫ କରି ତାଙ୍କ ନିକଟରୁ ୧୨ କିଲୋ ଗଞ୍ଜେଇ ଜବତ କରିଛି । ତେବେ ଉଭୟଙ୍କ ନାମରେ ଅବକାରୀ ଏବଂ ବେଆଇନ ନିଶାକାରବାର ଆଇନ ଅନୁଯାୟୀ ଦୁଇ ମାମଲା ରୁଜୁକରି କୋର୍ଟ ଚାଲାଣ କରିଥିବା ଜଣାପଡିଛି ।

## ମିଶନଶକ୍ତି ମହିଳାଙ୍କ ଜମାଟଙ୍କା ହଡପ କରିଥିବା ଏମବିକେଙ୍କ ବହିଷ୍କାର ଦାବି

**ଖଣ୍ଡପଡ଼ା, ୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ପଞ୍ଚାୟତ ଦାୟିତ୍ୱରେ ଥିବା ଏମବିକେ ଦୀର୍ଘ ୧୦ ମାସ ହେବ ମହାସଂଘର ସମସ୍ତ ପାସବୁକ, ରିଜୋଲ୍ୟୁସନ ବହି ଓ ଆନୁଷଙ୍ଗିକ କାଗଜପତ୍ର ନିଜ ଅକ୍ତିଆରରେ ରଖି କାହାରିକୁ ହିସାବ ନଦେବା ସହ ଲକ୍ଷାଧିକ ଟଙ୍କା ହଡପ କରିଥିବା ନେଇ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମହିଳା ଗୋଷ୍ଠୀର ସଦସ୍ୟାମାନେ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ମହିଳାମାନଙ୍କ ଅଭିଯୋଗ ଆଧାରରେ ହଡପ ହୋଇଥିବା ଟଙ୍କା ସମ୍ପର୍କରେ ବ୍ଲକ ପ୍ରଶାସନ ପକ୍ଷରୁ ଖୋଳତାଡ ଆରମ୍ଭ ହୋଇଥିଲା । ଏମବିକେଙ୍କ ବିରୁଦ୍ଧରେ ଅଭିଯୋଗ ଉଠାଇଥିବା ମହିଳାମାନେ (ଇସି ସଦସ୍ୟା) ସମସ୍ତ ବ୍ୟାଙ୍କ କାଗଜପତ୍ର ଯାଞ୍ଚ କରିବା ପରେ ସର୍ବମୋଟ ୧୩ ଲକ୍ଷ ୨ହଜାର ୮୧୭ ଟଙ୍କା ଏମବିକେ ଓ ତାଙ୍କ ସ୍ୱାମୀ ବିଭିନ୍ନ ସଂଘ ଆକାଉଣ୍ଟରେ ଜମା ନକରି ହଡପ କରିଥିବା ନେଇ ଜଣାପଡିଥିଲା । ତେବେ ପ୍ରଶାସନିକ ଅଧିକାରୀମାନଙ୍କ ତାଗିଦ ଓ ଗଣମାଧ୍ୟମରେ ଖବର ପ୍ରକାଶନ ପରେ ଏମବିକେ ଓ ତାଙ୍କ ସ୍ୱାମୀ ହଡପ କରିଥିବା ଟଙ୍କା ବାବଦରେ ପ୍ରଥମେ ୬ ଲକ୍ଷ ୭୯ ହଜାର ୮୦୩ ଟଙ୍କା ସଂଘ ଆକାଉଣ୍ଟରେ ଜମା କରିଥିବା ବେଳେ ପରବର୍ତ୍ତୀ ସମୟରେ ଆଉ ୬ ଲକ୍ଷ ଟଙ୍କା ଏହିପରି ସର୍ବମୋଟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା କରିଥିଲେ । ମାତ୍ର ବକେୟା ଆଉ ୧ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜମା ହୋଇ ନଥିବା ମହିଳା ସଦସ୍ୟମାନଙ୍କ ଠାରୁ ଜଣାପଡିଛି । ବକେୟା ଟଙ୍କା ଦେବା ପାଇଁ ଏମବିକେ ଓ ତାଙ୍କ ସ୍ୱାମୀ ବିଭିନ୍ନ ଆଳ ଦେଖାଇ ଆଉ ଧରାଛୁଆଁ ଦେଉନଥିବା ଅଭିଯୋଗ ହେଉଛି । ଫଳରେ ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏ ସମ୍ପର୍କରେ ମହିଳାମାନେ ପୁନର୍ବାର ବିଭାଗୀୟ କର୍ତ୍ତୃପକ୍ଷ ଓ ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ମିଳି ନଥିବା ଜଣାପଡିଛି । ବରଂ ବ୍ଲକ ଉନ୍ନୟନ ଅଧିକାରୀ ମହିଳାମାନଙ୍କୁ ନାନା କଥା କହି ନାଲିଆଖି ଦେଖାଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି ।

ଅପରପକ୍ଷେ ଟଙ୍କା ହଡପ କରିଥିବା ଏମବିକେ ଓ ତାଙ୍କ ସ୍ୱାମୀ ବ୍ଲକ ପ୍ରଶାସନିକ ଅଧିକାରୀମାନଙ୍କୁ କରାୟତ କରି ଏବେ ଅଭିଯୋଗ ଉଠାଇଥିବା ମହିଳାମାନଙ୍କ ଉପରେ ଦାଉ ସାଧୁଥିବା ନେଇ ମହିଳାମାନେ ଅଭିଯୋଗ ଉଠାଇ ନୟାଗଡ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି । ତୁରନ୍ତ ହଡପ ହୋଇଥିବା ବକେୟା ଅର୍ଥ ଏମବିକେ ଓ ତାଙ୍କ ସ୍ୱାମୀଙ୍କ ଠାରୁ ଆଦାୟ ସହ ଦୁର୍ନୀତିକୁ ପ୍ରଶ୍ରୟ ଦେଇ ଜମାକାରୀଙ୍କ ଟଙ୍କା ହଡପ କରିଥିବା ଏମବିକେଙ୍କୁ କାର୍ଯ୍ୟରୁ ବହିଷ୍କାର ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ଦୃଷ୍ଟି ଦେବାକୁ ମହିଳାମାନେ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ନ୍ୟାୟ ପାଇବା ନିମନ୍ତେ ମହିଳାମାନେ ବାଧ୍ୟ ହୋଇ ଆଇନର ଆଶ୍ରୟ ନେବେ ବୋଲି ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ ଜମାକାରୀଙ୍କ ଟଙ୍କା ହଡପ ଘଟଣାର ସତ୍ୟତା ଥିବା ନେଇ ଜଣାପଡିବା ପରେ ମଧ୍ୟ ସଂପୃକ୍ତ ଏମବିକେଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପ୍ରଶାସନିକ ଅଧିକାରୀମାନଙ୍କ ଅବହେଳାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନୟାଗଡ ଜିଲ୍ଲାପାଳ ଉପରୋକ୍ତ ଘଟଣାରେ ହସ୍ତକ୍ଷେପ କରିବାକୁ ଗୁଣ୍ଠୁଣି ପଞ୍ଚାୟତବାସୀ ଦାବି କରିଥିବା ବେଳେ ଦୋଷୀଙ୍କ ବିରୁଦ୍ଧରେ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ସାଧାରଣରେ ଉତ୍କଣ୍ଠା ପ୍ରକାଶ ପାଇଛି ।

## ମହିଳାଙ୍କୁ ଚାପୁଡ଼ା ମାରିଲେ ଡାକ୍ତର

**ସୋର, ୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଡାକ୍ତରଖାନାରେ ପରିସରରେ ରୋଗୀ ମୃତ୍ୟୁକୁ ନେଇ ଡାକ୍ତର ଓ ରୋଗୀଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଛି । ସୂଚନା ଅନୁସାରେ ସୋର ଥାନା ଆଙ୍ଗୁଳା ଗ୍ରାମର ମକରା ଦାସଙ୍କ ଘରକୁ ତାଙ୍କ ଶଶୁର ଆସିଥିବା ବେଳେ ଅପରାହ୍ଣରେ ତାଙ୍କ ଦେହ ଅସୁସ୍ଥ ହୋଇଥିଲା । ତ୍ୱାଇଁ ମକରା ଓ ପରିବାର ଲୋକେ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମାତ୍ର ପରିବାର ଲୋକେ ଡାକ୍ତର ବିଳମ୍ବରେ ରୋଗୀ ଦେଖିବାକୁ ଆସିଥିବା କହି ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ସେଠାରେ ଥିବା ଅନ୍ୟ ରୋଗୀଙ୍କ ସମ୍ପର୍କୀୟ ଭିଡିଓ ଉତ୍ତୋଳନ କରିବାରୁ ଡାକ୍ତର ଉତକ୍ଷିପ୍ତ ହୋଇ ନିଜର ହିତାହିତ ଜ୍ଞାନ ଭୁଲି ଯୁକ୍ତି କରୁଥିବା ଜଣେ ମହିଳାଙ୍କୁ ଆସି ଚାପୁଡ଼ା ମାରିଥିବା ଭିଡ଼ିଓରୁ ଦେଖାଯାଇଛି । ଏହାପରେ ମୃତ ବ୍ୟକ୍ତିର ସମ୍ପର୍କୀୟମାନେ ଡାକ୍ତରଙ୍କୁ ଘେରିଥିଲେ । ଫଳରେ ଡାକ୍ତରଖାନା ରଣକ୍ଷେତ୍ରରେ ପରିଣତ ହୋଇଥିଲା ।

## ରାସ୍ତା ପାର୍ଶ୍ୱ ମଦ ଦୋକାନ, ଦୁର୍ଘଟଣା ବଢ଼ାଇବ

**କୋଣାର୍କ, ୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**




ଦିନକୁ ଦିନ ରାସ୍ତା ପାର୍ଶ୍ୱରେ ମଦ ଦୋକାନ ବୃଦ୍ଧି ପାଇବା ଜୀବନ ହାନି ହେବାର ଆଶଙ୍କା ବୃଦ୍ଧି ପାଉଛି । ସରକାର ରାଜସ୍ୱ ବୃଦ୍ଧି ଆଶାରେ ସଠିକ ଜାଗା ଚୟନ ନକରି ବିଦେଶୀ ମଦ ଦୋକାନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିବା ଘଟଣାକୁ ନେଇ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିଅଛନ୍ତି । ଭିତ୍ତିଭୂମି ନଥାଇ ସରକାର କିପରି ଭାବେ ଠିପି ଖୋଲା ମଦଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କଲେ ତାହା ସମସ୍ତଙ୍କୁ ଚକିତ କରିଛି ।

ସୂଚନା ଥାଇ ପାରେକି ୨୦୨୫ ମସିହାରେ ଅବକାରୀ ବିଭାଗ ପକ୍ଷରୁ ମୌଜା ଜୁଣେଇ, ଖାତା ନଂ ୧୨୮୭,ପ୍ଲଟ ନଂ ୩୯୭/୨୬୯ ୱାର୍ଡ ନଂ –୧ରେ ନୂତନ ଠିପି ଖୋଲା ମଦ ଦୋକାନ ଖୋଲିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଅବକାରୀ ବିଭାଗ ଚିଠି ସଂଖ୍ୟା ୨୭୦/ ୭.୨.୨୫ ଅନୁଯାଇ ହୋଟେଲ ସହିତ ଠିପିଖୋଲା ମଦ ଦୋକାନ ଖୋଲା ଗଲେ କିଛି ଆପତ୍ତି ରହିଥାଏ ତେବେ ଜିଲ୍ଲାପାଳ, ପୁରୀଙ୍କ ନିକଟରେ ଆପତ୍ତି ଅଭିଯୋଗ କରିବା ପାଇଁ । ହେଲେ ଜିଲ୍ଲାପାଳଙ୍କ ନିକଟକୁ ଅଭିଯୋଗ ଯାଇଥିଲେ ମଧ ତାହାର କୌଣସି ଶୁଣାଣି ନହୋଇ କିପରି ଭାବେ ଦୋକାନ ଖୋଲିବା ପାଇଁ ଅନୁମତି ପ୍ରଦାନ କରାଗଲା ତାହା ତଦନ୍ତ ସପେକ୍ଷ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି । ଅବକାରୀ ନିୟମ ଅନୁଯାୟୀ ଶିକ୍ଷା ଅନୁଷ୍ଠାନ ଠାରୁ ୫୦୦ ମିଟର ଦୂରତା ମଧ୍ୟରେ ଠିପି ଖୋଲା ମଦ ଦୋକାନ ରହି ପାରିବ ନାହିଁ । ହେଲେ ଖୋଲାଯାଇ ଥିବା ଠିପି ଖୋଲା ମଦ ଦୋକାନ ଠାରୁ ମାତ୍ର ୩୦୦ ମିଟର ଦୂରତାରେ ଏକ ବିଦ୍ୟାଳୟ ରହିଥିବା ବେଳେ ଅଳ୍ପ କିଛି ଦୂରତାରେ ଏକ ସରକାରୀ ମେଡିକାଲ ରହିଛି । ମଦ ଦୋକାନ ଖୋଲା ଯାଇଥିବା ଅଞ୍ଚଳରେ ରାସ୍ତା ସଂକୀର୍ଣ୍ଣ ଓ ବାଙ୍କ ରହିଥିବା ବେଳେ ଦୁର୍ଘଟଣା ଘଟି ଧନ ଜୀବନ କ୍ଷତି ହେବାର ଆଶଙ୍କା ରହିଛି । ଖୋଲିଥିବା ଦୋକାନର ପାର୍କିଂ ବ୍ୟବସ୍ଥା ନଥିବାରେ ରାସ୍ତା ପାର୍ଶ୍ୱରେ ଗାଡ଼ି ପାର୍କିଂ କରି ଟ୍ରାଫିକ ସମସ୍ୟା ସୃଷ୍ଟି ହେବଛଫଳରେ କୋଣାର୍କ ପରି ପର୍ଯ୍ୟଟନ କ୍ଷେତ୍ରକୁ ଦୈନନ୍ଦିନ ଆସୁଥିବା ହଜାର ହଜାର ଗାଡ଼ି ମଟର ଯିବା ଆସିବାରେ ହଇରାଣ ହରକତ ହେବେ ବୋଲି ସାଧାରଣରେ ଚିନ୍ତା ପ୍ରକଟ ହୋଇଛି । ଏପରି ଏକ ଅନୁପଯୁକ୍ତ ଜାଗାରେ ଅବକାରୀ ବିଭାଗ କିପରି ଠିପି ଖୋଲା ମଦ ବିକ୍ରୟ କରିବା ପାଇଁ ଅନୁମତି ପ୍ରଦାନ କଲେ ତାହା ତଦନ୍ତ ସପେକ୍ଷ ଅଟେ । ତେଣୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି ।

## ସୋର–ଅନନ୍ତପୁର ଛକରେ ଟ୍ରାଫିକ ସମସ୍ୟା

**ସୋର, ୧୮।୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୁପାରୀ–ଅନନ୍ତପୁର ରାଜ୍ୟ ରାଜପଥର ସୋର ପୌରପାଳିକା ଅନ୍ତର୍ଗତ ସୋର–ଅନନ୍ତପୁର ଛକ ଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ଅଧିକାଂଶ ସମୟରେ ଟ୍ରାଫିକ୍ ସମସ୍ୟା ଗୁରୁତର ହୋଇ ପଡୁଥିବାରୁ ଆମ୍ବୁଲାନ୍ସ, କୋର୍ଟ ଭ୍ୟାନ, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଅଫିସର କର୍ମଚାରୀ ଯିବା ଆସିବାରେ ଘୋର ଅସୁବିଧା ସୃଷ୍ଟି ହେଉଛି । ଫଳରେ ଯାନବାହାନ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି



ରହୁଥିବା ଦେଖାଯାଇଛି । ଏହି ଛକ ଦେଇ ଅନନ୍ତପୁର, ବାସୁଦେବପୁର ଏବଂ ଧାମରାକୁ ପ୍ରତ୍ୟେକ ସମୟରେ ଶତାଧିକ ଗାଡ଼ି ଚଳାଚଳ କରୁଥିବା ବେଳେ ଏହି ଛକରେ ଟ୍ରାଫିକ ଜାମ ହେବା ଫଳରେ ଅଟକିବା ସହିତ ଲୋକମାନେ ଯିବା ଆସିବା ଲୋକେ ହରକତ ହେଉଛନ୍ତି । ଏହି ସମୟରେ ରାସ୍ତା ଉପରେ ଉଠା ଦୋକାନୀମାନଙ୍କ ସହିତ ବାଇକ୍, ସାଇକେଲ ବେଧଡ଼କ ଭାବେ ରଖିଦେବା ଫଳରେ ଗାଡ଼ିଗୁଡିକ ଦୀର୍ଘ ସମୟ ଅଟକ ରହିବା କାରଣରୁ ଟ୍ରାଫିକ୍ ସମସ୍ୟା ଦେଖାଦେଉଛି । ବିଶେଷ କରି ସକାଳ ୭ଟାରୁ ୧୦ଟା ଏବଂ ଅପରାହ୍ଣ ୪ଟାରୁ ୬ଟା ପର୍ଯ୍ୟ ଏହି ଟ୍ରାଫିକ୍ ସମସ୍ୟା ଅଧିକ ସୃଷ୍ଟି ହେଉଛି । ଏଠାରେ ଏକ ଟ୍ରାଫିକ୍ ପୋଷ୍ଟ ନିର୍ମାଣ କରାଯିବା ସହିତ ସୋର ପୁଲିସ୍, ପୌର କାର୍ଯ୍ୟନିର୍ବାହ ଅଧିକାରୀ ଏବଂ ତହସିଲଦାର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ପ୍ରତ୍ନତତ୍ତ୍ୱ ବିଭାଗର ବାରଣ ସତ୍ତ୍ୱେ ନଣ୍ଡା ପାହାଡ଼ରୁ ପଥର ଓ ମୋରମ ଖନନ

**ମାହାଙ୍ଗା, ୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**



ମାହାଙ୍ଗା ତହସିଲ ଅଧିନ ଲଳିତଗିରି ପଞ୍ଚାୟତ ଲଳିତଗିରି ବିଶ୍ୱପ୍ରସିଦ୍ଧ ବୌଦ୍ଧ ବିହାରକୁ ଲାଗି କରି ଥିବା ନଣ୍ଡା ପାହାଡରୁ ଏବେ ବେଆଇନ ଭାବେ ଗଛ କଟାଯାଇ ପଥର ଓ ମୋରମ ଖନନ କରାଯାଇ ବାହାରକୁ ଚୋରା ଚାଲାଣ କରାଯାଉଥିବାବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଆଖିବୁଜି ଦେଇଛି । ଯାହା ଫଳରେ ଦିନ ଦ୍ୱିପ୍ରହରରେ ମେସିନ ସାହାଯ୍ୟରେ ପଥର ଖନନ କରାଯାଇ ବଡ ବଡ ଶିଳା ବାହାରକୁ ଚାଲାଣ ହେଉଛି । ଗତ ସପ୍ତାହରେ ଏହି ବୌଦ୍ଧ ବିହାର ମ୍ୟୁଜିୟମ ସମ୍ମୁଖରୁ ବେଆଇନ ଭାବେ ଲକ୍ଷାଧିକ ଟଙ୍କା ମୂଲ୍ୟର ଗଛକୁ କାଠ ମାଫିଆମାନେ କାଟି ନେଇ ଯାଉଥିବାବେଳେ ଖବର ପାଇ ତହସିଲ ଓ ପୋଲିସ ପ୍ରଶାସନ ସହାୟତାରେ କଟା ଯାଇଥିବା ଉକ୍ତ କାଠକୁ ଜବତ କରାଯାଇଥିବାବେଳେ ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ତେବେ ଘଟଣାର ସପ୍ତାହ ନ ପୁରୁଣୁ ମାଫିଆମାନେ ପୁନର୍ବାର ଜୀବନ୍ତ ଗଛ ସହ ପଥର ଓ ମୋରମ ଲୁଟି ନେଉଥିବାବେଳେ ସ୍ଥାନୀୟ ପ୍ରଶାସନ ସବୁ ଜାଣି ଆଖିବୁଜି ଦେବା ଘଟଣା ବୌଦ୍ଧ ବିହାର ଲଳିତଗିରି ଐତିହ୍ୟର ସୁରକ୍ଷା ପ୍ରତି ବଡ ବିପଦ ସୃଷ୍ଟି କରିଛି । ଏହି ମାଫିଆମାନେ ନା ତହସିଲ ପ୍ରଶାସନ, ନା ଜଙ୍ଗଲ ପରିବେଶ ବିଭାଗ, ଖଣି ବିଭାଗ ନା ପୋଲିସ ପ୍ରଶାସନକୁ ଭ୍ରୁକ୍ଷେପ କରୁନଥିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି । ଏପରିକି ବିଶ୍ୱ ଐତିହ୍ୟ ସଂପନ୍ନ ଲଳିତଗିରି ବୌଦ୍ଧବିହାର ଧୀରେଧୀରେ ବୃକ୍ଷ ଶୂନ୍ୟ ହେଉଥିବା ବେଳେ ଶ୍ରୀହିନ ହେବାର ଆଶଙ୍କା ରହିଛି ।

ସୂଚନା ଥାଉ କି ଲଳିତଗିରି ନିକଟସ୍ଥ ନଣ୍ଡା ପାହାଡ ପାଦ ଦେଶରେ ମାହାଙ୍ଗା ତହସିଲ ଅଧିନରେ ରହିଥିବାବେଳେ ଏହି ଅଞ୍ଚଳକୁ ଲାଗି ରହିଥିବା ନଣ୍ଡା ପାହାଡ ଯାଜପୁର ଜିଲ୍ଲା ଦର୍ପଣ ତହସିଲ ଅଧିନରେ ରହିଛି । ତେଣୁ ଏହାର ସୁଯୋଗ ନେଇ ମାଫିଆମାନେ କଟର ମେସିନ ସାହାଯ୍ୟରେ ଗଛଗୁଡିକୁ କାଟି ସଫା କରିବା ପରେ ଜେସିବି ମେସିନ ଲଗାଇ ପାହାଡର ପାଦଦେଶରୁ ଅତି ମୂଲ୍ୟବାନ ପଥର, ମେଣ୍ଟାଲ ଓ ମୋରମ ଲୁଟ କରି କରି ବାହାର ସ୍ଥାନକୁ ଚାଲାଣ କରାଯାଉଛି । ଏହି ଲୁଟ ପଛରେ କିଛି ରାଜନୈତିକ ବ୍ୟକ୍ତି ଓ କିଛି ପ୍ରଶାସନିକ ଅସାଧୁ କର୍ମଚାରୀଙ୍କ ହାତ ରହିଥିବା ସାଧାରଣରେ ଆଲୋଚନା ହେଉଛି । ଏହି ସମ୍ବେଦିନଶୀଳ ଲୁଟ ଘଟଣାକୁ ଚପାଇ ଦେବା ପାଇଁ ବଡଚଣା ଓ ମାହାଙ୍ଗା ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ମାସିକିଆ ମୋଟା ରକମର ଅର୍ଥ ନେଇ ଲୁଟକୁ ପ୍ରଶ୍ରୟ ଦେଉଛନ୍ତି । ଏହି ପାହାଡରୁ ବିଗତ ଦିନରେ ବୌଦ୍ଧ କୀର୍ତ୍ତି ଆବିଷ୍କାର ହୋଇଥିବାବେଳେ ଏହି ପାହାଡର ଖନନକୁ ପ୍ରତ୍ନତତ୍ତ୍ୱ ବିଭାଗ ବାରଣ କରିବା ସହ ରୋକ ଲଗାଇଥିଲେ । ତେବେ ଏହି ପାହାଡର ଚତୁଃପାର୍ଶ୍ୱରେ ପାହାଡରୁ ଖୋଳା ଯାଇଥିବା ବଡ ବଡ ପଥର ଶିଳା ଚୋରାରେ ବିକ୍ରି କରାଯାଇ ବିଭିନ୍ନ ପଥର ମୂର୍ତ୍ତି ନିର୍ମାଣ କରାଯିବା ସହ ଏହାକୁ ବାହାର ବଜାରରେ ହଜାର ହଜାର ଟଙ୍କାରେ ବିକ୍ରି କରାଯାଉଅଛି । ଏହିସବୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଖଣିବିଭାଗ ଓ ଜଙ୍ଗଲ ବିଭାଗ ନିକଟରେ ବୌଦ୍ଧଧର୍ମୀମାନେ ଦାବି କରିଛନ୍ତି ।

**ଆମ ଦେଶରେ କୁହନ୍ତୁ କି ରାଜ୍ୟରେ, ପରିସଂଖ୍ୟାନ ଉପରେ ଆମେ ଅଧିକ ଗୁରୁତ୍ୱ ଦେଇଥାଉ । ସେଇ ପରିସଂଖ୍ୟାନକୁ ଭିତ୍ତି କରି କିଭଳି ସମସ୍ୟାର ସମାଧାନ କରାଯିବ ସେ ଦିଗରେ ସେତେଟା ତତ୍ପରତା ଦେଖିବାକୁ ମିଳେନାହିଁ । ମ୍ୟାଲେରିଆରେ ଏତେ ଲୋକ ମଲେ, ଜଣ୍ଡିସରେ ଏତେ ଲୋକ ଆକ୍ରାନ୍ତ ହେଲେ, ରାସ୍ତା ଦୁର୍ଘଟଣାରେ ଏତେ ଲୋକଙ୍କ ପ୍ରାଣହାନି ଘଟିଛି, ରାଜ୍ୟରେ ଏତିକି ଜଣ ଶିକ୍ଷକଙ୍କ ଅଭାବ ରହିଛି, ରୋଗୀଙ୍କ ତୁଳନାରେ ଡାକ୍ତରଙ୍କ ସଂଖ୍ୟା ଏତେ, ଏତିକି ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି– ଏସବୁ ପରିସଂଖ୍ୟାନ ଖୁବ୍ ନିର୍ଭୁଲ ଭାବରେ କରାଯାଇପାରେ ଆମ ରାଜ୍ୟରେ । କିନ୍ତୁ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ ସେ ଦିଗକୁ ଗୁରୁତ୍ୱ ଦିଆଯାଏ ନାହିଁ ।**


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧୯ ଫେବୃଆରୀ, ୨୦୨୬ | ଗୁରୁବାର


## ଓଡ଼ିଶା ଏକ୍ସପ୍ରେସ୍

### ସୀମା ବିବାଦଠାରୁ ଆହୁରି ଜଟିଳ!

**ସା**ରା ଦେଶରେ ଏବଂ ଆମ ରାଜ୍ୟରେ ମଧ୍ୟ ବୁଲା କୁକୁରଙ୍କ ଦୌରାତ୍ମ୍ୟ ଅଣାୟତ୍ତ ହେବାରେ ଲାଗିଛି । ଆମ ଦେଶର ରାଜଧାନୀ ଏବଂ ଆମ ରାଜ୍ୟର ରାଜଧାନୀ ମଧ୍ୟ ଏଥିରୁ ବାଦ୍ ଯାଇନି । ଏହାର ସମାଧାନ ଭାରତ–ପାକ୍ ସୀମା ବିବାଦଠାରୁ ମଧ୍ୟ ଜଟିଳ ବୋଲି ମନେହେଉଛି । ଏହାର ନିରାକରଣ ବା ସମାଧାନର ବାଟ ବାହାରି ପାରୁନି । ଏଥିରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ହସ୍ତକ୍ଷେପ କରିଛନ୍ତି ତଥାପି ଏ ସମସ୍ୟା ଅସମାହିତ ।

ଯେଉଁସବୁ ସ୍ୱେଚ୍ଛାସେବୀ ସଂଗଠନ ପଶୁ ସୁରକ୍ଷା ପାଇଁ କାମ କରୁଛନ୍ତି ସେମାନେ କୁକୁରଙ୍କ ପାଇଁ ଯେତେଟା ଦରଦ ମଣିଷଙ୍କ ପାଇଁ ସେତେଟା ଦରଦ ବୋଧେ ସେମାନଙ୍କ ପାଖରେ ନାହିଁ ! ବୁଲା କୁକୁରଙ୍କ ସ୍ୱାଧୀନତା କ୍ଷୁଣ୍ଣ ହେବାକୁ ସେମାନେ ବିରୋଧ କରନ୍ତି । ମାନବାଧିକାର ସୁରକ୍ଷା ପାଇଁ ଯେଉଁସବୁ ସଂସ୍ଥା ଏବଂ ସଂଗଠନ କାମ କରୁଛନ୍ତି, ସେମାନେ ମଣିଷଙ୍କ ସୁରକ୍ଷା କଥା ଚିନ୍ତା କରିବା ଉଚିତ୍– ମଣିଷ କେମିତି ସୁରକ୍ଷିତ ଭାବରେ ଯାତାୟାତ କରିପାରିବ, ଛୋଟ ଛୋଟ ପିଲାମାନେ କିଭଳି ନିର୍ଭୟରେ ସ୍କୁଲ୍ ଯାଇପାରିବେ ସେ ଦିଗକୁ ସେମାନେ ଗୁରୁତ୍ୱ ଦେବା ଦରକାର । ଠିକ୍ ଯେମିତି କୁକୁରପ୍ରେମୀ ସଂସ୍ଥାମାନେ କୁକୁରଙ୍କ କଥା ଚିନ୍ତା କରୁଛନ୍ତି । ମାନ୍ୟବର ସୁପ୍ରିମ୍‌କୋର୍ଟ ମଧ୍ୟ ଏ ଦିଗରେ ହସ୍ତକ୍ଷେପ କରିଛନ୍ତି । ମାନ୍ୟବର ସୁପ୍ରିମ୍‌କୋର୍ଟ ସରକାରଙ୍କୁ ଯେଉଁସବୁ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ସରକାର ତା'ର ଅନୁପାଳନ କରୁନାହାନ୍ତି । କୁକୁରଙ୍କ ଦୌରାତ୍ମ୍ୟ ବଢ଼ିଚାଲିଛି ।

ଆମ ରାଜ୍ୟରେ କେବଳ ଭୁବନେଶ୍ୱରରେ ନିର୍ଭୁଲ କୁକୁର ଗଣନା କରି ସରକାର ତାଙ୍କ ଦାୟିତ୍ୱ ବୋଧେ ତୁଟାଇ ଦେଇଛନ୍ତି । କେତେ କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଇଛି ଆଉ କେତେ ବାକି ରହିଲେ ସେ ହିସାବ ସରିବା ପରେ ବୋଧେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ! ଯଦି ବି ଏବେ ଯେତିକି କୁକୁର ଅଛନ୍ତି ରାଜ୍ୟରେ ସେମାନଙ୍କର ବନ୍ଧ୍ୟାକରଣ କରାଯାଏ ତା'ହେଲେ ଏ ସମସ୍ୟାର ସାମାଧାନ କେବେ ହେବ ବୋଲି ଆପଣ ଆଶା କରୁଛନ୍ତି? କୁକୁରଙ୍କ ବଂଶବୃଦ୍ଧି କେବେ କମିବ, ଯଦି ରାଜ୍ୟର ସବୁ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରାଯାଏ । ଏ ହିସାବ ସରକାର ଲୋକଙ୍କୁ ଜଣାଇବା ଉଚିତ୍ । ସେତେଦିନ ଯାଏଁ ଲୋକେ ସତର୍କ ହୋଇ ଚଲାବୁଲା କରିବେ ।

ଏକ ଖବରରୁ ଜଣାଯାଇଛି ନୟାଗଡ଼ ସହରରେ ବୁଲା କୁକୁର କାମୁଡ଼ା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । କୁକୁର କାମୁଡ଼ା ରୋଗୀଙ୍କ ପାଇଁ ଜିଲ୍ଲା ମୁଖ୍ୟ ହସ୍ପିଟାଲରେ ଦିଆଯାଉଥିବା ଟିକା ବିଭାଗରେ ରୋଗୀଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳୁଛି । କୁକୁର ଦେଖିଲେ ଲୋକେ ଭୟ କରୁଛନ୍ତି ।

କେଉଁ ସହରରେ କେତେ ବୁଲାକୁକୁର ଅଛନ୍ତି ଏହାର ଏକ ତାଲିକା ପ୍ରସ୍ତୁତ କରିବା ପାଇଁ ବିଧାନସଭା ପକ୍ଷରୁ ପ୍ରତ୍ୟେକ ପୌର ପରିଷଦକୁ ନିର୍ଦ୍ଦେଶ ଦିଆଯାଇଥିଲା । ନୟାଗଡ଼ ସହରରେ ୧୨୧୭ ବୁଲା କୁକୁର ରହିଥିବା ପୌର ପରିଷଦ ପକ୍ଷରୁ କୁହାଯାଇଛି । ମାତ୍ର କୁକୁର ବନ୍ଧ୍ୟାକରଣ ହେଉ ଅବା କୁକୁରଙ୍କୁ ସେଠାରୁ ସ୍ଥାନାନ୍ତର କରିବା ପାଇଁ ପୌର ପରିଷଦ ନିକଟରେ ସେମିତି କୌଣସି ଯୋଜନା ନାହିଁ ବୋଲି ଜଣାଯାଇଛି ।

ଆମ ଦେଶରେ କୁହନ୍ତୁ କି ରାଜ୍ୟରେ, ପରିସଂଖ୍ୟାନ ଉପରେ ଆମେ ଅଧିକ ଗୁରୁତ୍ୱ ଦେଇଥାଉ । ସେଇ ପରିସଂଖ୍ୟାନକୁ ଭିତ୍ତି କରି କିଭଳି ସମସ୍ୟାର ସମାଧାନ କରାଯିବ ସେ ଦିଗରେ ସେତେଟା ତତ୍ପରତା ଦେଖିବାକୁ ମିଳେନାହିଁ । ମ୍ୟାଲେରିଆରେ ଏତେ ଲୋକ ମଲେ, ଜଣ୍ଡିସରେ ଏତେ ଲୋକ ଆକ୍ରାନ୍ତ ହେଲେ, ରାସ୍ତା ଦୁର୍ଘଟଣାରେ ଏତେ ଲୋକଙ୍କ ପ୍ରାଣହାନି ଘଟିଛି, ରାଜ୍ୟରେ ଏତିକି ଜଣ ଶିକ୍ଷକଙ୍କ ଅଭାବ ରହିଛି, ରୋଗୀଙ୍କ ତୁଳନାରେ ଡାକ୍ତରଙ୍କ ସଂଖ୍ୟା ଏତେ, ଏତିକି ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି– ଏସବୁ ପରିସଂଖ୍ୟାନ ଖୁବ୍ ନିର୍ଭୁଲ ଭାବରେ କରାଯାଇପାରେ ଆମ ରାଜ୍ୟରେ । କିନ୍ତୁ ପରବର୍ତ୍ତୀ ପଦକ୍ଷେପ କ'ଣ ନିଆଯିବ ସେ ଦିଗକୁ ଗୁରୁତ୍ୱ ଦିଆଯାଏ ନାହିଁ । ମଶା କାମୁଡ଼ାରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢ଼ିଲେ ଡାକ୍ତରଖାନାରେ ଶଯ୍ୟା ସଂଖ୍ୟା ବଢ଼ାଇ ଦିଆଯାଏ । ପ୍ରତିଟି ଜିଲ୍ଲା ଚିକିତ୍ସାଳୟରେ କୁକୁର କାମୁଡ଼ା ଇଞ୍ଜେକସନ ମହଜୁଦ ରଖିବାର ନିର୍ଦ୍ଦେଶ ଦିଆଯାଏ ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ, କିନ୍ତୁ ଏହାର ମୂଳ କାରଣ ଉପରେ କୌଣସି ପଦକ୍ଷେପ ନିଆଯାଏ ନାହିଁ । କୁକୁରଙ୍କ ଦୌରାତ୍ମ୍ୟ କିଭଳି କମିବ, ମଶା ବଂଶ କିଭଳି ଧ୍ୱଂସ ହୋଇପାରିବ, ଜଣ୍ଡିସ୍ କବଳରୁ ରକ୍ଷା ପାଇବା ପାଇଁ ଲୋକଙ୍କୁ କିଭଳି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯାଇପାରିବ ଏ ଦିଗକୁ ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ । କେବଳ ପରିସଂଖ୍ୟାରେ ସୀମିତ ରହିଯାଏ ସରକାରଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ।

# ଏବେ ଏକପାଖିଆଙ୍କର ପ୍ରବଳ ଭିଡ଼

**ସତ କହିବାକୁ କିଆଁ ଡରିବି**

◆ ଅମ୍ବିକା ପ୍ରସାଦ ଦାସ ◆

**ଏକ ନିର୍ଦ୍ଦିଷ୍ଟ ଘଟଣାକୁ ପାଞ୍ଚ ପ୍ରକାରର ଉପସ୍ଥାପନ କରୁଥିବା ଗଣମାଧ୍ୟମମାନେ ଗଣତନ୍ତ୍ରର ଶକ୍ତିକୁ ଦୁର୍ବଳ କରିବାରେ ଯେ ଦାୟୀ ଏଥିରେ ଦ୍ୱିମତ ହେବାର ନାହିଁ । ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ବା ତାଙ୍କ ପରିବାର ଯଦି ଗଣମାଧ୍ୟମର ମାଲିକ ବା ପରିଚାଳନା ଦାୟିତ୍ୱରେ ଥାଆନ୍ତି ତେବେ ସମ୍ବାଦଗୁଡ଼ିକର ପ୍ରସ୍ତୁତି ଶୈଳୀ ସେଇଆଡ଼କୁ ଢଳିଥାଏ । ସେକ୍ଷେତ୍ରରେ ସାମ୍ବାଦିକଙ୍କୁ କେବଳ ଦୋଷୀ ସଜେଇବା ବା ତା'ର ବିଶ୍ୱସନିୟତାକୁ ନେଇ ପ୍ରଶ୍ନ ଉଠାଇବା ଗ୍ରହଣୀୟ ନୁହେଁ । କାରଣ ସେ ପେଟପାଟଣା ପାଇଁ ସଂସ୍ଥାରେ ଚାକିରି କରିଥାଏ । ଯଦି ସଂଖ୍ୟାଧିକ ସଂସ୍ଥାରେ ଏଇ ଅବସ୍ଥା ହୁଏ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଧୀରେଧୀରେ ରାଜନୈତିକ ବ୍ୟକ୍ତି ଓ ଶିଳ୍ପପତିମାନଙ୍କ ହାତକୁ ଚାଲିଯା'ନ୍ତି ତେବେ ଲୋକେ ସନ୍ତୁଳିତ, ସଠିକ୍ ଖବର ପାଇବେ କେମିତି?**

**ଗ**ଣମାଧ୍ୟମର ଏକପାଖିଆ ଆଭିମୁଖ୍ୟକୁ ନେଇ ବିରୋଧୀଦଳ ନେତା କ୍ଷୁବ୍ଧ ହେଲା ପରେ ସେଦିନ ଏକ ଜାତୀୟ ନ୍ୟୁଜ ଚ୍ୟାନେଲରେ ଚାଲିଥିଲା ବିତର୍କ । ନିରପେକ୍ଷତାକୁ ନେଇ ଚର୍ଚ୍ଚା ବେଳେ ଜଣେ ବରିଷ୍ଠ ସାମ୍ବାଦିକ ସନ୍ତୁଳିତ ଖବର ପ୍ରସାରଣକୁ ନେଇ ଯୁକ୍ତି ବାଢ଼ିଥିଲେ । କିନ୍ତୁ ଅନ୍ୟଜଣେ ଅଭିଯୋଗକାରୀଙ୍କ ଉପରେ ପାଲଟା ଆକ୍ରମଣ କରିବାକୁ ଯାଇ କହିଥିଲେ ଏପରି ଅଭିଯୋଗ ଲଗାତାର ପରାଜୟର ପ୍ରତିଫଳନ । ମୋଟାମୋଟି ଦୁଇଭାଗରେ ବିଭକ୍ତ ହୋଇଥିଲେ ଆଲୋଚକମାନେ ।

ପୂର୍ବେ ଖବରକାଗଜକୁ ମୁଖ୍ୟତଃ ଗଣମାଧ୍ୟମ କୁହାଯାଉଥିଲା । କିନ୍ତୁ ଧୀରେ ପ୍ରାୟ ଖବରକାଗଜର ମାଲିକାନା ଚାଲିଗଲା ପୁଞ୍ଜିପତି, ଶିଳ୍ପପତି, ରାଜନୈତିକ ଗୋଷ୍ଠୀ ବା ଧନିକ ଶ୍ରେଣୀର ଲୋକଙ୍କ ପାଖକୁ । ଏଇଧରଣର ଗଣମାଧ୍ୟମ ଏକପାଖିଆ ଖବର ଦେଇ ଚାଲିଥିବା ବେଳେ ଆସିଲା ଇଲେକ୍ଟ୍ରୋନିକ୍ସ ମିଡିଆ– ୨୪ ଘଣ୍ଟିଆ ନ୍ୟୁଜ ଚ୍ୟାନେଲ । ଯଦି ଗୋଟେ ଚ୍ୟାନେଲ କାହା ସପକ୍ଷରେ ଓକିଲାତି କଲାଣି ତ ଅନ୍ୟ ଏକ ଚ୍ୟାନେଲ ଓଲଟା ଖବର ଦେଇ କାହାର ହାତବାରିସି ସାଜିଲାଣି ।

ଗଣମାଧ୍ୟମର ନିରପେକ୍ଷତାକୁ ନେଇ ଆଲୋଚନା ବେଳେ ମନେପଡ଼େ ସ୍ୱର୍ଗତ ପ୍ୟାରୀମୋହନ ମହାପାତ୍ରଙ୍କ କଥା । ସେ ପ୍ରଶାସକ ଭାବେ ଯେମିତି ନାଁ କମେଇଥିଲେ ରାଜନୀତିର ଗୋଟି ଚାଳନାରେ ବି ମାହିର ଥିଲେ । ଦିନେ କଥା ପ୍ରସଙ୍ଗରେ ସେ କହିଲେ– ନିରପେକ୍ଷତାର ମାନେ କିଛି ନଥାଏ । ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ପକ୍ଷକୁ ଗ୍ରହଣ କରିବାକୁ ପଡ଼ିବ । ଧର୍ମ ହେଉ ଅବା ଅଧର୍ମ, ସତ୍ୟ ହେଉ ବା ଅସତ୍ୟ, ଜଣଙ୍କୁ ଗୋଟିକୁ ବାଛିବାକୁ ପଡ଼ିବ । ଏଥିରେ ସନ୍ତୁଳନର ପ୍ରଶ୍ନ ଉଠୁଛି କେଉଁଠୁ? ଗୋଟିଏ ଖବରକୁ ଗଣମାଧ୍ୟମଗୁଡ଼ିକ ଯେପରି ପାଞ୍ଚ ପ୍ରକାରର ପ୍ରଚାର ବା ପ୍ରସାର କରୁଛନ୍ତି ସେଥିରୁ ଲୋକଙ୍କ ମନରେ ସୃଷ୍ଟି ହେଉଛି ଦ୍ୱନ୍ଦ୍ୱ । କେଉଁଟା ଠିକ୍, କେଉଁଟା ଠିକ୍ ନୁହେଁ ତା' ଭିତରେ ଘାଣ୍ଟି ହେଉଛନ୍ତି ସମସ୍ତେ । ସେଥିଲାଗି ଯଦି ଗଣମାଧ୍ୟମକୁ ଦାୟୀ କରାଯାଏ ତେବେ ଭୁଲ୍ ରହିଲା କେଉଁଠି ?

ଜାତୀୟ ଗଣମାଧ୍ୟମର ବିତର୍କରେ ଜଣେ ବର୍ଷିଆନ ବାବୁ ସେଦିନ କହୁଥାନ୍ତି ଯେ ଖବର ପ୍ରସ୍ତୁତି ବେଳେ ସାମ୍ବାଦିକ ବା ସମ୍ପାଦକମାନେ ଶାସକ ଦଳ ଓ ବିରୋଧୀ ଦଳ ଭିତରେ ଆନୁପାତିକ ଭାବେ ୬୦– ୪୦ ବା ୭୦–୩୦ ପରି ସନ୍ତୁଳିତ ବ୍ୟବସ୍ଥା ରଖିବା ଦରକାର । କିନ୍ତୁ ଖବର ପ୍ରସାରଣ ବେଳେ ୯୦–୧୦ ଏପରିକି ତା'ଠାରୁ କମ୍ ଦେଖିବା ପରେ ଏକତରଫା ମନୋଭାବକୁ ନେଇ ସ୍ୱତଃ ପ୍ରଶ୍ନ ଉଠେ । ଯଦିଓ ତାଙ୍କର ଏଇ ମତ ଭାରସାମ୍ୟ ରଖିବା ଲାଗି ଉଦ୍ଦିଷ୍ଟ ଥିଲା କିନ୍ତୁ ସାମ୍ବାଦିକତାର ବିଶ୍ୱସନୀୟତା ସହିତ ତା'ର ସମ୍ପର୍କ ନାହିଁ । ଶାସକ ଦଳ ହୁଅନ୍ତୁ ଅବା ବିରୋଧୀଦଳ ହୁଅନ୍ତୁ ସେମାନଙ୍କ ବକ୍ତବ୍ୟ, କାର୍ଯ୍ୟକ୍ରମ ଯେପରି ସଠିକ୍ ଢଙ୍ଗରେ ଉପସ୍ଥାପିତ ହେବା କଥା ଠିକ୍ ସେହିପରି ସରକାରର ଭଲମନ୍ଦର ମଧ୍ୟ ଉପଯୁକ୍ତ ମୂଲ୍ୟାୟନ ହେବା ଉଚିତ୍ ।

ସ୍ୱାଧୀନତା ପରେ ବିରୋଧୀ ଦଳ ପାଖରେ ବିଶେଷ ଶକ୍ତି ନଥିଲେ ହେଁ ଶାସକ ଦଳ ବିରୋଧୀ ଦଳଙ୍କୁ ଗୁରୁତ୍ୱ ଦେଉଥିଲେ । ତା'ର କାରଣ– ସରକାରଙ୍କର ଭୁଲ୍ ତ୍ରୁଟିର ବିରୋଧୀ ଦଳ ହିଁ ଉପଯୁକ୍ତ ସମୀକ୍ଷା କରିଥାନ୍ତି । ଭୁଲ୍‌ରୁ ଶିକ୍ଷା ଗ୍ରହଣ କରି ସରକାର ସଠିକ୍ ମାର୍ଗରେ ପରିଚାଳିତ ହୁଏ । କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି । ଯଦି ଶାସନର ତ୍ରୁଟିବିଚ୍ୟୁତି ନେଇ କେହି କିଛି କହୁଛନ୍ତି କି ଲେଖୁଛନ୍ତି ତେବେ ସେମାନେ ଟାର୍ଗେଟରେ ରହୁଛନ୍ତି । ବିରୋଧୀଦଳ ତ ଛାଡ, ପ୍ରଣୟ ରାୟଙ୍କ କ୍ଷେତ୍ରରେ କ'ଣ ହୋଇଥିଲା ତାହା ବୁଝାଇ କହିବା ଦରକାର ନାହିଁ ।

ଏକପାଖିଆ ଖବର ପ୍ରସାରଣକୁ ନେଇ ବିରୋଧୀଦଳ ନେତା ପ୍ରତିକ୍ରିୟା ପ୍ରକାଶ କରିବାରେ ଭୁଲ୍ ନାହିଁ କିନ୍ତୁ ସମସ୍ତଙ୍କୁ ଗୋଟିଏ ନିକିତିରେ ତଉଲିବା ମଧ୍ୟ ଠିକ୍ ନୁହେଁ । ଯେତେବେଳେ ଗଣମାଧ୍ୟମକୁ ପରିଚାଳନା କରୁଥିବା ମାଲିକମାନେ ପକ୍ଷଭୁକ୍ତ ହୋଇଯାଉଛନ୍ତି ସେତେବେଳେ ସାମ୍ବାଦିକଠାରୁ ନିରପେକ୍ଷତା ଆଶା କରାଯିବ କେମିତି? ପକ୍ଷଭୁକ୍ତ ହେଉଥିବା ଖବରକାଗଜ ହେଉ କି ଟିଭି ଚ୍ୟାନେଲ ହେଉ ଯେତେବେଳେ ଲୋକେ ପଢ଼ିବା ଓ ଦେଖିବା ବନ୍ଦ କରିଦେବେ ସେତେବେଳେ ଏକପାଖିଆ ଖବରର ପ୍ରଚାର ଓ ପ୍ରସାରଣ ଆଗକୁ ବଢ଼ିପାରିବ କି? ଆଦୌ ନୁହେଁ । କିନ୍ତୁ ଲୋକେ ଯେତେବେଳେ ସେସବୁକୁ ଗୁରୁତ୍ୱ ଦେଉନାହାନ୍ତି ଏବଂ 'ଆମର ଯାଏ ଆସେ କେତେ' କହି ପଦକରେ ସବୁ ସାରି ଦେଉଛନ୍ତି ସେଠି ଏକପାଖିଆ ଆଭିମୁଖ୍ୟରେ ରୋକ୍ ଲାଗିବା ସମ୍ଭବ ହେଉନାହିଁ । ବରଂ ଦିନକୁ ଦିନ ଏଇ ଧାରା ବଢ଼ିବାରେ ଲାଗିଛି ।

ଏକ ନିର୍ଦ୍ଦିଷ୍ଟ ଘଟଣାକୁ ପାଞ୍ଚ ପ୍ରକାରର ଉପସ୍ଥାପନ କରୁଥିବା ଗଣମାଧ୍ୟମମାନେ ଗଣତନ୍ତ୍ରର ଶକ୍ତିକୁ ଦୁର୍ବଳ କରିବାରେ ଯେ ଦାୟୀ ଏଥିରେ ଦ୍ୱିମତ ହେବାର ନାହିଁ । ରାଜନୈତିକ ଦଳର ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତି ବା ତାଙ୍କ ପରିବାର ଯଦି ଗଣମାଧ୍ୟମର ମାଲିକ ବା ପରିଚାଳନା ଦାୟିତ୍ୱରେ ଥାଆନ୍ତି ତେବେ ସମ୍ବାଦଗୁଡ଼ିକର ପ୍ରସ୍ତୁତି ଶୈଳୀ ସେଇଆଡ଼କୁ ଢଳିଥାଏ । ସେକ୍ଷେତ୍ରରେ ସାମ୍ବାଦିକଙ୍କୁ କେବଳ ଦୋଷୀ ସଜେଇବା ବା ତା'ର ବିଶ୍ୱସନିୟତାକୁ ନେଇ ପ୍ରଶ୍ନ ଉଠାଇବା ଗ୍ରହଣୀୟ ନୁହେଁ । କାରଣ ସେ ପେଟପାଟଣା ପାଇଁ ସଂସ୍ଥାରେ ଚାକିରି କରିଥାଏ । ଯଦି ସଂଖ୍ୟାଧିକ ସଂସ୍ଥାରେ ଏଇ ଅବସ୍ଥା ହୁଏ ଏବଂ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଧୀରେଧୀରେ ରାଜନୈତିକ ବ୍ୟକ୍ତି ଓ ଶିଳ୍ପପତିମାନଙ୍କ ହାତକୁ ଚାଲିଯା'ନ୍ତି ତେବେ ଲୋକେ ସନ୍ତୁଳିତ, ସଠିକ୍ ଖବର ପାଇବେ କେମିତି?

ପୂର୍ବରୁ ଗଣମାଧ୍ୟମର ଏଇ ଚାଲାକିକୁ ଲୋକେ ବୁଝିପାରୁନଥିଲେ । କିନ୍ତୁ ଏବର ଡିଜିଟାଲ ଯୁଗରେ କିଏ କେଉଁଠି ଅଛି କାହା ସହ ମିଟିଂ କରୁଛି, କୋଉଠି କି ଧରଣର ସେଟିଂ ହେଉଛି ସବୁକିଛି ଲୋକେ ଠଉରେଇ ପାରୁଛନ୍ତି । ଗଣମାଧ୍ୟମର ମାଲିକ ବା ପରିଚାଳନା ମୁଖ୍ୟ ଯେତେବେଳେ ଏକପାଖିଆ ଆଭିମୁଖ୍ୟ ନେଇ ସଂସ୍ଥା ପରିଚାଳନା କରନ୍ତି ସେ କ୍ଷେତ୍ରରେ ସାମ୍ବାଦିକମାନଙ୍କଠାରୁ ନିରପେକ୍ଷତା ଆଶା କରିବା ବୃଥା ।

ତେବେ ଏବେବି ବିଭିନ୍ନ ରାଜ୍ୟରେ ଠିକ୍ ଦେଖୁଥିବା, ଠିକ୍ ଲେଖୁଥିବା, ଠିକ୍ ଖବର ପରିବେଷଣ କରୁଥିବା ଗଣମାଧ୍ୟମ ଅଛନ୍ତି । ଯଦିଓ ସେମାନେ ଭୀଷଣ ଚାପଗ୍ରସ୍ତ ତଥାପି ବିଶ୍ୱସନୀୟତା ହରାଇନାହାନ୍ତି ଏଯାଏ । ଏକପାଖିଆଙ୍କ ଭିଡ଼ ଭିତରେ ସେମାନେ ଏକପ୍ରକାର ହଜିଯାଇଛନ୍ତି କହିଲେ ଭୁଲ୍ ହେବନାହିଁ । ନା ସେମାନଙ୍କ ପାଖରେ ଅଛି ସାଧନ, ନା ମିଳୁଛି ସମର୍ଥନ! କିନ୍ତୁ ଧୀରେ ଧୀରେ ଲୋକେ ବୁଝିବା ଆରମ୍ଭ କରିଥିବାରୁ ଗଣମାଧ୍ୟମର ମୁଣ୍ଡିଆଳମାନେ ଆଗକୁ ଏକପାଖିଆ ଖବର ପ୍ରଚାର ବା ପ୍ରସାରଣ କରି ଲୋକଙ୍କ ମୁଣ୍ଡରେ ଜବରଦସ୍ତ ଥାପିବା ଯେ ସେତେଟା ସହଜ ହେବନି ତାହା ଜାତୀୟ ଚ୍ୟାନେଲରେ ହେଉଥିବା ବିତର୍କରୁ ସ୍ପଷ୍ଟ ବୁଝାପଡ଼େ ।

# ତାରିକ ସରକାର ପାଇଁ ଚ୍ୟାଲେଞ୍ଜ

■ ସୌଭାଗ୍ୟ ରଂଜନ ମହାନ୍ତି ■

**ପ**ଡୋଶୀ ବଙ୍ଗଳାଦେଶର ତ୍ରୟୋଦଶତମ ଜାତୀୟ ପାର୍ଲିଆମେଣ୍ଟ ନିର୍ବାଚନରେ ବଙ୍ଗଳାଦେଶ ନ୍ୟାଶନାଲ ପାର୍ଟି (ବିଏନପି) ଦୁଇ–ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ନୂତନ ସରକାର ଗଠନ କରିବାକୁ ଯାଉଛି । ୨୯୯ ଜଣିଆ ସଦସ୍ୟ ବିଶିଷ୍ଟ ସଂସଦରେ ବିଏନପି ଏକାକୀ ୨୦୯ଟି ଆସନରେ ବିଜୟୀ ହୋଇଥିଲାବେଳେ ଏହାର ନେତୃତ୍ୱାଧୀନ ମେଣ୍ଟ ୨୦୨ଟି ଆସନ ହାସଲ ବାଂଲା ନିର୍ବାଚନିକ ଇତିହାସରେ ନୂତନ ରେକର୍ଡ ସୃଷ୍ଟି କରିଛି । ବିଏନପିର ଅଧ୍ୟକ୍ଷ ତାରିକ ରହମାନ ବଙ୍ଗଳାଦେଶର ନୂତନ ପ୍ରଧାନମନ୍ତ୍ରୀ ହେବେ। ଏହି ନିର୍ବାଚନରୁ ବାଂଲାର ପ୍ରତିଷ୍ଠାତା ସ୍ୱର୍ଗତ ମୁଜିବାର ରହମାନଙ୍କ ପ୍ରତିଷ୍ଠିତ ଆୱାମୀଲିଗ୍ୟୁକୁ ପ୍ରତିଦ୍ୱନ୍ଦ୍ୱିତା କରିବାରୁ ବଞ୍ଚିତ କରାଯାଇଥିବାରୁ ଦଳର ନେତ୍ରୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା 'ଫାର୍ସ' ବୋଲି ଦର୍ଶାଇଛନ୍ତି । ଅନ୍ୟପକ୍ଷରେ କଠୋରପନ୍ଥୀ ତଥା ମୌଳବାଦୀ ରାଜନୈତିକ ଭାବେ ପରିଚିତ ଜାମାତ–ଇ–ଇସଲାମୀ ଯାହାର ଉପରେ ଗତ ୨୦୨୪ ଅଗଷ୍ଟରେ ଦେଶରେ ସଂଗଠିତ ଜେଡଜେନ ବିଦ୍ରୋହୀଙ୍କ ପୂର୍ଣ୍ଣ ସମର୍ଥନ ରହିଥିଲା, ବିଜୟୀ ହେବା ସମ୍ଭାବନା ଉଜ୍ଜ୍ୱଳ ଥିବା ବେଳେ ମୌଳବାଦୀ ନୀତି ଯୋଗୁଁ ଦଳ ୭୭ଟି ଆସନରେ ସୀମିତ ରହି ମୁଖ୍ୟ ବିରୋଧୀଦଳର ଭୂମିକା ନିର୍ବାହ କରିବ। ଆହୁରି ମଧ୍ୟ ବାଂଲାର ଭୋଟଦାତା ସମ୍ବିଧାନ, ନ୍ୟାୟପାଳିକା, ପୋଲିସ, ନିର୍ବାଚନ କମିଶନରେ ସଂସ୍କାର ପାଇଁ ଗଣଭୋଟ ଦ୍ୱାରା ମତାମତ ଦେଇଛନ୍ତି । ଗୋଟିଏ ପଟେ ଶେଖ୍ ହାସିନାଙ୍କ ଆୱାମୀ ଲିଗ, ଅନ୍ୟପଟେ ଜାମାତା– ଇ–ଇସଲାମ ପରି ମୌଳବାଦୀ ଦଳ ଦେଶର ଆର୍ଥିକ ଓ ଆଭ୍ୟନ୍ତରୀଣ ଆଇନ ଶୃଙ୍ଖଳା ପରିସ୍ଥିତି, ଦରଦାମ, ବେକାରୀ, ସାମାଜିକ ସଂହତି, ରାଜନୈତିକ ଅସ୍ଥିରତା ଏବଂ ମୌଳବାଦୀ ରାଷ୍ଟ୍ରର ଖ୍ୟାତି ରହମାନଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ।

ଏହା ନିଃସନ୍ଦେହ ଯେ, ବଙ୍ଗଳାଦେଶର ନୂତନ ସରକାର ଭାରତ ପାଇଁ ଭୌଗୋଳିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ପ୍ରଥମତଃ ବଙ୍ଗଳାଦେଶ ଭାରତ ପଡୋଶୀ ଏବଂ ୨୩ ପ୍ରତିଶତ ହିନ୍ଦୁ ବସବାସ କରନ୍ତି । ସେହିପରି ଦେଶର ପୂର୍ବାଚଞ୍ଚଳ ରାଜ୍ୟଗୁଡିକୁ ସାମଗ୍ରୀ ପରିବହନ ପାଇଁ ବଙ୍ଗଳାଦେଶ ଭୂଖଣ୍ଡ ଦେଇଯିବା ଏକମାତ୍ର ପଥ। କେବଳ ଏତିକି ନୁହେଁ, ବଙ୍ଗଳାଦେଶ ସହ ଭାରତର ସମ୍ପର୍କ ଅତି ପୁରୁଣା ଓ ନିବିଡ। ପୂର୍ବ ପାକିସ୍ଥାନରୁ ସ୍ୱତନ୍ତ୍ର ବଙ୍ଗଳାଦେଶ ଗଠନ କେବଳ ଭାରତ ପାଇଁ ସମ୍ଭବପର ହୋଇପାରିଛି ବୋଲି କହିଲେ ଅତିରଞ୍ଜିତ ହୋଇନପାରେ। ବିଏନପିର ଅଧ୍ୟକ୍ଷ ତଥା ଭାବି ପ୍ରଧାନମନ୍ତ୍ରୀ ରହମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇବା ସହ ଦୁଇଦେଶର ସମ୍ପର୍କରେ ଉନ୍ନତି ପାଇଁ ଦୃଢ ଆଶା ପ୍ରକଟ କରିଛନ୍ତି । ଭାରତ ସହ ସମ୍ପର୍କକୁ ଆହୁରି ଦୃଢିଭୂତ କରିବା ଲାଗି ରହମାନ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । କିନ୍ତୁ ଭାରତ–ବାଂଲା ସମ୍ପର୍କରେ ପୂର୍ବତନ ପ୍ରଧାନମନ୍ତ୍ରୀ ହାସିନା ବାଧକ ସାଜିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । ଉଲ୍ଲେଖଯୋଗ୍ୟ ଯେ, ଗାଦିଚ୍ୟୁତ ପରେ ହାସିନା ଭାରତରେ ଆଶ୍ରୟ ନେଇଛନ୍ତି। ଅବଶ୍ୟ ଭାରତ ତାଙ୍କୁ ରାଜନୈତିକ ଆଶ୍ରୟ ଦେଇନାହିଁ । ଇତିମଧ୍ୟରେ ବିଭିନ୍ନ ମାଲାରେ ବାଂଲା ଅଦାଲତ ତାଙ୍କୁ ଜେଲଦଣ୍ଡ ଠାରୁ ଆରମ୍ଭ କରି ମୃତ୍ୟୁଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାଜନୈତିକ ଦୃଷ୍ଟିକୋଣରୁ ବିଏନପିର ମୁଖ୍ୟ ଶତ୍ରୁ ହେଉଛି ଆୱାମୀ ଲିଗ୍। ହାସିନା ପ୍ରଧାନମନ୍ତ୍ରୀ ଥିବାବେଳେ ବିଭିନ୍ନ ମାମଲାରେ ତାରିକ ମାତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଖାଲେଦା ଦିଆଙ୍କୁ ଜେଲରେ ରଖିଥିବାବେଳେ ଗିରଫ ଭୟରେ ତାରିକ ଇଂଲଣ୍ଡରେ ନିର୍ବାଚିତ ଭାବେ ଦୀର୍ଘ ୧୭ବର୍ଷ ଧରି ରହିଥିଲେ। ଏବେ ସେ ପ୍ରଧାନମନ୍ତ୍ରୀ ହେବାକୁ ଯାଉଥିବାବେଳେ ହାସିନାଙ୍କ ପ୍ରତ୍ୟର୍ପଣ ଦାବି କରିଛନ୍ତି। ପୂର୍ବରୁ କାମଚଳା ୟୁନୁସ ସରକାର ମଧ୍ୟ ହାସିନାଙ୍କ ପ୍ରତ୍ୟର୍ପଣ ପାଇଁ ବାରମ୍ବାର ଦାବି କରିବା ସହ ଚେତାବେନୀ ମଧ୍ୟ ଦେଇଥିଲେ। ହାସିନାଙ୍କୁ ଭାରତରୁ ବାଂଲାଦେଶକୁ ପ୍ରତ୍ୟର୍ପଣ କରାଯିବା ଲାଗି ବିଏନପି ତା'ର ନିର୍ବାଚନ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିବାବେଳେ ଭାରତ ଯଦି ଉତମ ସମ୍ପର୍କ ରଖିବାକୁ ଚାହୁଁଛି, ତେବେ ହାସିନାଙ୍କୁ ପ୍ରଥମେ ପ୍ରତ୍ୟାର୍ପଣ କରୁ ବୋଲି କରିସାରିଲେଣି । କିନ୍ତୁ ଭାରତ ସରକାର ସ୍ପଷ୍ଟ କରିଦେଇଛନ୍ତି ଯେ, ହାସିନା ନିଜ ଇଚ୍ଛାରେ ଭାରତ ଆସିଥିବା ବେଳେ ସ୍ୱଦେଶ ଫେରିବା ତାଙ୍କ ଇଚ୍ଛା ଉପରେ ନିର୍ଭର କରେ । ନିଜ ଜୀବନ ପ୍ରତି ବିପଦ ଥିବାରୁ ହାସିନା କେବେହେଲେ ବାଂଲାକୁ ଫେରିବାକୁ ଚାହିଁବେ ନାହିଁ। ତେବେ ଦୁଇ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ଖରାପ ହେବା ଆଶଙ୍କା କରାଯାଏ । ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବିଦ୍ରୋହ ଏବଂ ହାସିନା ଭାରତରେ ଆଶ୍ରୟ ନେବା ପରେ ବାଂଲାରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି । ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି । ଇତି ମଧ୍ୟରେ ୧୩ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇଥିବା ବେଳେ ବହୁ ହିନ୍ଦୁଙ୍କ ଘର ଜାଳି ଦିଆଯାଇଛି । ହିନ୍ଦୁଙ୍କ ଉପରେ ହତ୍ୟା, ଦୁଷ୍କର୍ମ, ଅତ୍ୟାଚାର ବଢିଚାଲିଛି। ଯାହାକୁ ନେଇ ଭାରତରେ ତୀବ୍ର ପ୍ରତିକ୍ରିୟା ପାଇଛି । ଭାରତ ସରକାର ପ୍ରତିବାଦ ସ୍ୱରୁପ ଦୂତାବାସ ଅଧିକାରୀଙ୍କ ପରିବାର ବର୍ଗଙ୍କୁ ଫେରାଇ ଆଣିଛନ୍ତି । ଏହାର ପ୍ରଭାବ ମଧ୍ୟ କ୍ରିକେଟ ଉପରେ ପଡିଛି। ଭାରତ ମାଟିରେ ନଖେଳିବା ନିଷ୍ପତିରେ ଟି ୨୦ ବିଶ୍ୱକପକୁ ବର୍ଜନ ବାଂଲା କ୍ରିକେଟ ବୋର୍ଡ ବର୍ଜନ କରିଛି । ଏପରି ସ୍ଥଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ କ୍ରିକେଟ ବୋର୍ଡ ବର୍ଜନ କରିଛି। ଏପରି ସ୍ଥଳେ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଆଶା କରାଯାଇନପାରେ ।

ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ

ମୋ. ୯୪୩୭୯୯୪୩୭୯

# ଅନନ୍ୟ ମୁକ୍ତି ସଂଗ୍ରାମୀ ଗୌରାଙ୍ଗ ଚରଣ ଦାସ

■ ହିମାଂଶୁ ଶେଖର ଆଚାର୍ଯ୍ୟ ■

**ଆ**ଜି ହେଉଛି ମହାନ ସ୍ୱାଧୀନତା ସଂଗ୍ରାମୀ, ଗଡଜାତ ପ୍ରଜା ଆନ୍ଦୋଳନ ଓ କୃଷକ ଆନ୍ଦୋଳନର ନେତା ଗୌରାଙ୍ଗ ଚରଣ ଦାସଙ୍କ ୫୩ ତମ ଶ୍ରାଦ୍ଧବାର୍ଷିକୀ । ଏହି ସାଲିସ ବିହୀନ ସଂଗ୍ରାମୀ ୧୮୯୯ ମସିହା ଜାନୁୟାରୀ ୨୬ ତାରିଖରେ ଜଗତସିଂହପୁର ଜିଲ୍ଲା ବାଗଲପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା ପଙ୍କଜ ଦାସ ଓ ମାତାଙ୍କ ନାମ ସାବିତ୍ରୀ ଦେବୀ । ଜନ୍ମରୁ ଗୌରାଙ୍ଗ ଦାସଙ୍କର ଡାହାଣ ହାତ ଅତି ଛୋଟ, ପତଳା ଓ ଅକାମୀ । ହେଲେ ପ୍ରବଳ ଇଚ୍ଛାଶକ୍ତି ଓ ଦୃଢ ମନୋବଳ ଯୋଗୁଁ ସେ ଗୋଟିଏ ହାତରେ ସହଜରେ ସବୁ କାମ କରିପାରୁଥିଲେ । ବାଁ ହାତରେ ସୁନ୍ଦର ଅକ୍ଷର ଲେଖୁଥିଲେ, ସହଜରେ ଗଛ ଉପରକୁ ଗୋଟିଏ ହାତରେ ଚଢିପାରୁଥିଲେ, ନଦୀ ପହଁରି ପାରୁଥିଲେ, ବାଗୁଡି ଖେଳୁଥିଲେ, ସାଇକେଲରେ ବୁଲୁଥିଲେ । କୌଣସି କାମରେ ପଛେଇ ଯାଉନଥିଲେ । ଏପରିକି କେତେକ କ୍ଷେତ୍ରରେ ଦୁଇହାତ ଥିବା ପିଲାଙ୍କ ଠାରୁ ବଳି ପଡୁଥିଲେ । ଏହାହିଁ ଥିଲା ତାଙ୍କର ବିଶେଷତ୍ୱ । ହେଲେ କ୍ରମଶଃ କେଜାଣି କାହିଁକି ବିସ୍ମୃତିକୁ ଚାଲିଯାଉଛନ୍ତି ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ଓ ସମାଜବାଦୀ ନେତା ଗୌରାଙ୍ଗ ଚରଣ ଦାସ । ତାଙ୍କ ବିଷୟରେ କୌଣସି ପତ୍ର ପତ୍ରିକାରେ ସେଭଳି କିଛି ଆଖିଦୃଶିଆ ଲେଖା ଦୃଷ୍ଟି ଗୋଚରହୁଏ ନାହିଁ ବା ଜୟନ୍ତୀ ଓ ଶ୍ରାଦ୍ଧଦିବସରେ ତାଙ୍କୁ ସେପରି ମନେ ପକାଯାଏନାହିଁ । ତାଙ୍କ କଥା ଓ ଗାଥାକୁ ଉତ୍ତରପିଢି ପାଖରେ ପହଞ୍ଚାଇବା ଏହି ଆଲେଖ୍ୟର ମୁଖ୍ୟ ଉଦ୍ଦେଶ୍ୟ ।

ପ୍ରାରମ୍ଭିକ ପର୍ଯ୍ୟାୟରେ ତରିକୁନ୍ଦ ଠାରେ ଥିବା କୃଷି ଫାର୍ମରେ ବିପ୍ଳବୀ ନବକୃଷ୍ଣ ଚୌଧୁରୀ ଓ ବହ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ସଂସ୍ପର୍ଶରେ ଆସିଲେ । ୧୯୨୧ ମସିହାର କଥା । ପ୍ରଥମଥର ପାଇଁ ଗାନ୍ଧିଜୀ ଓଡିଶା ଗସ୍ତରେ ଆସିଥିଲେ । ସଂଗ୍ରାମୀ ଗୌରାଙ୍ଗ ମହାତ୍ମା ଗାନ୍ଧୀଙ୍କ ଭାଷଣ ଶୁଣିବାକୁ ଯାଇଥିଲେ । ସେଇଠୁ ହିଁ ତାଙ୍କ ଜୀବନର ଗତିପଥ ବଦଳିଗଲା । ଏହାପରେ ପରିବାରର ବନ୍ଧନକୁ ତୁଟାଇ ଓ ଦାମ୍ପତ୍ୟ ସୁଖକୁ ପଛ କରି ସେ ସ୍ୱାଧୀନତା ସଂଗ୍ରାମର ଯଜ୍ଞବେଦୀକୁ ଲମ୍ଫ ପ୍ରଦାନ କରିଥିଲେ । ଆଉ ତା'ପରର ଘଟଣା ଥିଲା ସ୍ୱର୍ଣ୍ଣାଭ ଇତିହାସ । ପରବର୍ତ୍ତୀ ସମୟରେ ଜଣେ ବିପ୍ଳବୀ ଓ ଜନସେବକ ଭାବେ ସେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସମସ୍ତଙ୍କ ପାଖରେ 'ଗୌରୀଭାଇ' ରୂପେ ସୁପରିଚିତ ହୋଇଥିଲେ । ଶାରୀରିକ ଅକ୍ଷମତା ସତ୍ତ୍ୱେ ଗୌରାଙ୍ଗ ଦାସଙ୍କ ସଂଗ୍ରାମୀ ଜୀବନ ବେଶ ଘଟଣା ବହୁଳ ଓ ଦୀର୍ଘ ଥିଲ । ଛାତ୍ର, ଯୁବକ, ଜନସାଧାରଣଙ୍କୁ ଜାତୀୟ ସଂଗ୍ରାମରେ ସାମିଲ କରିବା ପାଇଁ ତାଙ୍କ ପାଖରେ ଥିଲା ଚୁମ୍ବକୀୟ ଶକ୍ତି । ସେହି ଶକ୍ତି ବଳରେ ସେ ସମସ୍ତଙ୍କୁ ଆକର୍ଷିତ କରିପାରୁଥିଲେ । ତାଙ୍କର ଓଜସ୍ୱିନୀ ଭାଷଣ ଯେ ଶୁଣିଛି ସେ ଭୁଲିପାରିବ ନାହିଁ ।

ବିଶ୍ୱବିଦ୍ୟାଳୟର ଉପାଧିପ୍ରାପ୍ତ ବ୍ୟକ୍ତି ସେ ନଥିଲେ । ମାତ୍ର ଦେଶପ୍ରାଣତା ଓ ନିର୍ଭୀକତା ତାଙ୍କ ଭିତରେ ଭରି ରହିଥିଲା । ଏ ପ୍ରକାର ଅବଦମିତ ବ୍ୟକ୍ତିତ୍ୱ କ୍ୱଚିତ୍ ଦେଖିବାକୁ ମିଳେ । ତାଙ୍କ ପ୍ରେରଣାରେ ବାଗଲପୁରରୁ ୧୮ ଜଣ କାରାବରଣ କରିଥିଲେ ଓ ଶହଶହ ପୁଅ, ଝିଅ ଓ ବୋହୂ ସ୍ୱାଧୀନତା ସଂଗ୍ରାମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ୧୯୩୦ ଲବଣ ସତ୍ୟାଗ୍ରହରେ ପ୍ରଥମ ସତ୍ୟାଗ୍ରହୀ ଦଳରେ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହରଙ୍କ ସହ ଇଞ୍ଚୁଡି ଠାରେ ଲବଣ ଆଇନ ଭଙ୍ଗ କରି ଏକବର୍ଷ, ୧୯୩୨ରେ ସ୍ୱରାଜ୍ୟ ଦିବସ ପାଳନ କରି ଗିରଫ ଓ ଆହତ, ୧୯୪୦ରେ ବ୍ୟକ୍ତିଗତ ସତ୍ୟାଗ୍ରହରେ ଯୋଗଦେଇ ଏକବର୍ଷ, ୧୯୪୨ରେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ତିନିମାସ ଓ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ ଅଢେଇବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗିଥିଲେ । ଏହିପରି ଭାବେ ସେ ମୋଟରେ ପାଞ୍ଚବର୍ଷ ତିନି ମାସ ଜେଲ୍‌ରେ ରହିଥିଲେ । ୧୯୩୮ରେ ସାରା ଭାରତରେ ଚହଳ ପକାଇଥିବା ଢେଙ୍କାନାଳ ପ୍ରଜା ଆନ୍ଦୋଳନରେ ନେତୃତ୍ୱ ନେଇ ବ୍ରିଟିଶ ଓ ରାଜ୍ୟ ପୋଲିସର ଆକ୍ରମଣରେ ସଂଜ୍ଞାହୀନ ହୋଇପଡିଲେ ଗୌରାଙ୍ଗ ଦାସ । ହାତକେମ୍ପା ବିଦ୍ରୋହୀ ମରିଗଲା ଭାବି ଅତ୍ୟାଚାରୀମାନେ ତାଙ୍କୁ ଛାଡିଦେଇ ଚାଲିଗଲେ। ମାସମାସ କାଳ ହାସପାତାଳରେ ରହିଲା ପରେ ସୁସ୍ଥ ହେଲେ ସେ ।

ସାମାଜିକ ପରିବର୍ତ୍ତନ ନିମନ୍ତେ ସଂଘର୍ଷ ଥିଲା ତାଙ୍କ ଜୀବନର ମୂଳମନ୍ତ୍ର । ସେଥିପାଇଁ ନିଜର ରାଜନୈତିକ ଜୀବନ ଆରମ୍ଭ କରିବା ପୂର୍ବରୁ ସେ ନିଜ ଉଦ୍ୟମରେ ହରିଜନଙ୍କ ଉପରେ ଦେଉଥିବା ନିର୍ଯାତନା ବିରୁଦ୍ଧରେ ନିଜ ଗାଁରେ ଓ ବାହାରେ ଦୃଢ ପ୍ରତିବାଦ କରିଥିଲେ । ଫଳସ୍ୱରୂପ ତାଙ୍କୁ ବହୁ ଅପମାନ ସହିବାକୁ ପଡିଛି । ସାମାଜିକ ବାଛନ୍ଦ କରିବା ପର୍ଯ୍ୟନ୍ତ କଥାଯାଇଛି । ଏସବୁକୁ ଭ୍ରୁକ୍ଷେପ କରିନଥିଲେ ଗୌରାଙ୍ଗ ଦାସ । ଏଭଳି କାର୍ଯ୍ୟ ବର୍ତ୍ତମାନ ସମୟରେ ହୁଏତ ବିପ୍ଳବାତ୍ମକ ହୋଇନପାରେ । ମାତ୍ର ସେ କାଳରେ ଯେତେବେଳେ ହରିଜନ ପାଖ ମାଡିଲେ ଅପରାଧ ବୋଲି ବିବେଚନା କରାଯାଉଥିଲା, ହରିଜନଙ୍କୁ ଛୁଇଁଦେଲେ ତିନିତିନି ଥର ଗାଧୋଇବାକୁ ପଡୁଥିଲା, ସେ ସମୟରେ ସେମାନଙ୍କ ସାଙ୍ଗରେ ମିଶିବା, ରହିବା, ଖାଇବା ଓ ସର୍ବୋପରି ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା କାଠିକର ପାଠ ଥିଲା, ସେତିକିବେଳେ ଗୌରାଙ୍ଗ ଦାସଙ୍କ କାର୍ଯ୍ୟ ଯେ ଏକ ସ୍ୱୟଂସମ୍ପୂର୍ଣ୍ଣ ବିପ୍ଳବ ଥିଲା ଏଥିରେ ସନ୍ଦେହ ନାହିଁ । ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରା ପରେ କେତେକ ସ୍ଥାନରେ ହରିଜନଙ୍କ ମନ୍ଦିର ପ୍ରବେଶ ହୋଇଥିଲେ ମଧ୍ୟ ନିଜ ଗାଁ ବାଗଲପୁରରେ ଥିବା ଦଧିବାମନଜୀଉ ମନ୍ଦିରରେ ହରିଜନମାନେ ପ୍ରବେଶ କରିପାରୁନଥିଲେ । ନିଜ ପ୍ରଚେଷ୍ଟାରେ ଉଚ୍ଚବର୍ଗର ଲୋକମାନଙ୍କୁ ବୁଝାଇବାରେ ସଫଳ ହୋଇଥିଲେ ଗୌରାଙ୍ଗ ଦାସ । ଫଳ ସ୍ୱରୂପ ୧୯୪୬ ମସିହା ଡିସେମ୍ବର ୨୦ ତାରିଖରେ ଦଧିବାମନ ମନ୍ଦିର ହରିଜନଙ୍କ ପାଇଁ ଖୋଲାହେଲା । ଏଣିକି ସବୁରି ମୁହଁରେ ଗୌରୀଭାଇଙ୍କର ପ୍ରଶଂସା ।

ବିଂଶ ଶତାବ୍ଦୀର ତୃତୀୟ ଦଶକ ପରେ ବିପ୍ଳବୀ ଜନନାୟକ ନବକୃଷ୍ଣ ଚୌଧୁରୀ ଓ ସ୍ୱୟଂସମ୍ପୂର୍ଣ୍ଣା ବିପ୍ଳବିଣୀ ମାଳତୀ ଚୌଧୁରୀଙ୍କ ପ୍ରେରଣାରେ ଓଡିଶାରେ ଯେଉଁ ନୂତନ ସମାଜବାଦୀ ଆନ୍ଦୋଳନର ମୂଳଭିତ୍ତି ଦିଆଗଲା, ସେଥିରେ ପ୍ରମୁଖ ଭୂମିକା ନେଇଥିଲେ ଗୌରାଙ୍ଗ ଦାସ । ଉତ୍କଳ କଂଗ୍ରେସ ସମାଜବାଦୀ କର୍ମୀସଂଘ ନାମରେ ସଂଗଠନ ଆରମ୍ଭ ହେଲା । ସ୍ୱରାଜ ବାର୍ତ୍ତା ଓ ସ୍ୱାଧୀନତା ସଂଗ୍ରାମ ପାଇଁ ଯୁବକମାନଙ୍କୁ ତାଲିମ ଦେବା ସହ ଗ୍ରାମ୍ୟ ଉନ୍ନୟନ ଓ କୃଷି କାର୍ଯ୍ୟ ଉନ୍ନତି ପାଇଁ ମୂଳଦୁଆ ପଡିଲା । ଏହାର ଉଦ୍ଦେଶ୍ୟ ଥିଲା ବ୍ୟକ୍ତିଗତ ସମ୍ପତ୍ତି କିଛି ରହିବ ନାହିଁ । ନବକୃଷ୍ଣ ଚୌଧୁରୀ ତାଙ୍କ ଅଣଖିଆ ଫାର୍ମ ଦେଇଦେଲେ ସଂଘ ହାତରେ ଏବଂ ମାଳତୀ ଚୌଧୁରୀ ତାଙ୍କ ଗହଣାତକ, ଯାହାକୁ ମୂଳଧନ କରି ଏକ ସମାଜବାଦୀ ସାପ୍ତାହିକୀ 'ସାରଥୀ' ପ୍ରକାଶ ପାଇଲା । ଗୌରାଙ୍ଗ ଦାସ ସମ୍ବଳହୀନ ଥିଲେ ମଧ୍ୟ ତାଙ୍କ ସ୍ତ୍ରୀ ଦୂତିକା ଦେବୀଙ୍କର ଯାହା କାନଫୁଲ ଦିଓଟି ଥିଲା ତାକୁ ଦାନ କରିବାକୁ ପ୍ରସ୍ତୁତ ଥିଲେ । ମାତ୍ର ବନ୍ଧୁମାନଙ୍କ ଅନୁରୋଧରେ ଶେଷରେ ତାହା କଲେ ନାହିଁ । ଖାଲି ସେତିକି ନୁହେଁ କୃଷକମାନଙ୍କୁ ଜମିଦାରୀ ଅତ୍ୟାଚାର ଓ ଶୋଷଣରୁ ରକ୍ଷା କରିବା ପାଇଁ ସେ ତାଙ୍କ ଗାଁ ବାଗଲପୁରେ ଆୟୋଜନ କଲେ ପ୍ରଥମ କୃଷକ ସମ୍ମିଳନୀ । ଏଠାରେ ସେ ପ୍ରସ୍ତାବ ଆଣିଲେ– ଏଣିକି କୌଣସି ଚାଷୀ ଜମିଦାର, ମଠମହନ୍ତ ବା ଅନ୍ୟ ଉଚ୍ଚଶ୍ରେଣୀର ଲୋକଙ୍କୁ ଦେଖିଲେ କେହି ଲମ୍ୱ ହୋଇ ବା ମୁଣ୍ଡମାଡି ଦଣ୍ଡବତ କରିବେ ନାହିଁ, ଛିଡା ହୋଇ ନମସ୍କାର କରିବେ । ସେହିଦିନୁ ଗୌରାଙ୍ଗ ବାବୁଙ୍କର କାର୍ଯ୍ୟ କେବଳ ବାଗଲପୁର ଅଞ୍ଚଳ ନୁହେଁ, ସାରା ଓଡିଶାରେ ବ୍ୟାପିଲା, ଜଣେ କୃଷକ ନେତା ହିସାବରେ । ଯେଉଁଠି ଜମିଦାରୀ ଶୋଷଣ– ଅତ୍ୟାଚାର, ସେଠି ଲୋକଙ୍କ ସାହସ ଦେବାକୁ ଗୌରୀଭାଇ ଲୋଡା ।

ରାଜନୀତି ଓ ପ୍ରଶାସନ କ୍ଷେତ୍ରରେ ମଧ୍ୟ ଚଳଚଞ୍ଚଳ ଥିଲେ ଗୌରାଙ୍ଗ ଦାସ । ୧୯୪୦ ମସିହାରେ କଟକ ସଦର ଲୋକାଲ ବୋର୍ଡ ସଦସ୍ୟ ଭାବେ ପ୍ରଶାସନିକ କ୍ଷେତ୍ରରେ ପାଦ ଥାପିଥିଲେ । ୧୯୪୬ ମସିହା ନିର୍ବାଚନରେ ପଶ୍ଚିମ କଟକ ନିର୍ବାଚନ ମଣ୍ଡଳୀରୁ ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଓଡିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ତାଙ୍କ ବିରୁଦ୍ଧରେ ଠିଆ ହେବାକୁ କେହି ସାହସ କରିନଥିଲେ । ବିଧାନସଭାରେ ସେ ସବୁବେଳେ ଗରିବ ଶ୍ରେଣୀର ଲୋକଙ୍କ ସମସ୍ୟା ସମାଧାନ ପାଇଁ ମତ ଦେଇଥିଲେ । ୧୯୬୧ ମସିହାରେ ଓଡିଶା ଜିଲ୍ଲା ପରିଷଦ ଗଢାହେଲା । ଗୌରାଙ୍ଗ ବାବୁ ଜିଲ୍ଲା ପରିଷଦର ଚେୟାରମ୍ୟାନ୍ ବା ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଜିଲ୍ଲା ପରିଷଦ ସଭାପତି ଭାବେ ତାଙ୍କ କାର୍ଯ୍ୟକାଳ ଅନେକ ଦୃଷ୍ଟିରୁ ମହତ୍ତ୍ୱ ରଖେ । ଜିଲ୍ଲା ଭିତରେ କୃଷି, ଶିକ୍ଷାର ପ୍ରସାର ତଥା ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସେ ନୂଆ ଯୋଜନା କରିଥିଲେ ଓ ସେଥିରେ ସଫଳ ହୋଇଥିଲେ ।

୧୯୭୨ ମସିହା ଫେବୃଆରୀ ୧୯ ତାରିଖରେ ଗୌରାଙ୍ଗ ଦାସଙ୍କର ଜୀବନଦୀପ ନିର୍ବାପିତ ହୋଇଯାଇଛି । ସେ ଆଉ ଫେରିବେନି । ମାତ୍ର ସେ ଯେଉଁଥିପାଇଁ ସଂଘର୍ଷ ଆରମ୍ଭ କରିଥିଲେ ତାହା ଏବେବି ଅଧୁରା ହୋଇରହିଛି । କୃଷକ, ଖଟିଖିଆ ଓ ମେହନତି ମଣିଷ ଏବେବି ଅବହେଳିତ ଓ ସମସ୍ୟା ଜର୍ଜରିତ । ରାଜ୍ୟ ସରକାର ଏବଂ ଓଡିଶା ସାହିତ୍ୟ ଏକାଡେମୀ ଏହି ମହାନ ସଂଗ୍ରାମୀ ଓ ସମାଜବାଦୀଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସକୁ ରାଜ୍ୟ ସ୍ତରରେ ପାଳନ କରିବାର ସମୟ ଏବେ ଆସିଛି। ତାହା ହୋଇପାରିଲେ ତାହାହିଁ ହେବ ଏହି ଯୋଗଜନ୍ମା ବରପୁତ୍ରଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ମୋ – ୯୩୩୭୨୨୧୯୨୪



# ସପ୍ତମ ଋତୁ ପଞ୍ଚମ ସ୍ୱର

## ସାହିତ୍ୟ ଆସର

## ଡାଇରୀ ସାଇତା କବିତା

● ରମେଶ ମଙ୍ଗରାଜ



**୪୭୫**

ଆଉ ଟିକେ ରହିଯା ତୁ'
ତରତର ଏତେ କିଆଁ ହେଉ
ଏ ମଉକା ଛାଡ଼ିଦେଲେ
ଏ ସମୟ ଆସିବନି ଆଉ ।୧।

ସମୟ ଦେଇଛି ଯାହା
ଆ' ଆମେ ନେବା ଆପଣାଇ
ସୁଯୋଗ ହରାଇ ଦେଲେ
ଫେରିବନି ଆଉ ଆମ ପାଇଁ ।୨।

ଯୋଡ଼ି ହୋଇଯିବା ଆ
ଚାଲୁଥିବା ସମୟ ସହିତ
କେତେ ଅବା ବେଳ ଆଉ
ପଶ୍ଚିମରେ ସୂର୍ଯ୍ୟ ରତ ରତ ।୩।

**୪୭୬**

ମୋ ବାଟରେ ମୁଁ ଚାଲିଛି
ଏଇ ବାଟ ପସନ୍ଦ ମୋଅର
ବାଟର ବାଟୋଇ ମୁହିଁ
କାନ୍ଧରେ ମୋ ବାହୁଙ୍ଗାର ଭାର ।୧।

ଏ ବାଟରେ କାନ୍ଦିଛି ମୁଁ
କେବେ ପୁଣି ଖୁସିରେ ହସିଛି
ଅଳ୍ପ କିଛି ହରାଇଛି
ବେଶି କିଛି ବାଟରୁ ପାଇଛି ।୨।

ମୋ ସହିତ କେତେ କିଏ
ଚଲାବାଟେ ଯୋଡ଼ି ହୋଇଛନ୍ତି
ମୁଁ ଚାଲିଛି ସେଇମିତି
ଏକା ଏକା ପାଉଛି ମୁଁ ଶାନ୍ତି ।୩।

**୪୭୭**

ଭାରି ମନେପଡ଼େ ମୋର
ତୋ ସହିତ ବିତିଥିବା ଦିନ
କଣ୍ଟେଇ କୋଳିର ନଟି
ଆମ୍ବତୋଟା ବୁଦୁବୁଦି ବଣ ।୧।
ଭାରି ମନେପଡ଼େ ମୋର
ପିଲାଦିନ ଡଙ୍ଗା ଭସା ବେଳ
ଏବେ ଯେବେ ବର୍ଷା ଆସେ
ଲାଗିଥାଏ ଡହଳ ବିକଳ ।୨।

ଭାରି ମନେ ପଡ଼େ ମୋର
ଫୁଲ ତୋଳା, ଭୋଦୁଅର ରାତି
ହଜିଛି ପୁରୁଣା ସ୍ମୃତି
ତୋଅ ବିନା ଶୂନ୍ୟ ମୋର ଛାତି ।୩।

**ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା**
**ମୋ. ୯୧୭୮୬୨୧୬୨୮୦**

# ପ୍ରତୀକ୍ଷିତ ଉପେକ୍ଷା

● ନଟବର ସାହୁ



ତୁମ ଉପେକ୍ଷା ହିଁ ମଧୁରତମ
ଅପେକ୍ଷାର ଅନ୍ତଃହୀନ ଯନ୍ତ୍ରଣା
ଜଣା ଅଜଣାରେ ଘଟିଥିବା
ଆକସ୍ମିକ ସଂଯୋଗ,
ନା ଛାଡ଼ିହୁଏ ନା ଧରିହୁଏ
ନା ନିଜ ପାଇଁ ନା ତୁମ ପାଇଁ ।

ହସକାନ୍ଦର ଦ୍ୱନ୍ଦ୍ୱ ପାଚେରି
ଉଠାଏ, ସମ୍ପର୍କର ସେତୁ
ଦୁର୍ବଳ ହୁଏ କ୍ରମଶଃ,
ଅବୁଝା ମନ ଅଳିକରେ
ଡାଳ ଡେଇଁ ଫୁଲ ତୋଳିବାକୁ
କଣ୍ଟା କୁଦି କୋଳି ତୋଳିବାକୁ
ତେବେ ବି ନିଦ ଭାଙ୍ଗେନି ।

ତୁମ ଭୀତତ୍ରସ୍ତ ଆଶା ଦ୍ୱିଧାଜଡ଼ିତ ପାଦ
ଜଡ଼ାଇ ରଖେ ତୁମ କବଳିତ
ନିରୀମାଖି ଆତ୍ମାକୁ
ପଥାରୁଢ଼ କରି ସ୍ୱର୍ଗଦ୍ୱାରକୁ ।

**ଗୁରୁଜଙ୍ଗ, ଖୋର୍ଦ୍ଧା**
**ମୋ. ୯୮୬୧୨ ୧୬୩୨୯**

# ହଷ୍ଟେଲକୁ ଫେରିନି ସୁନ୍ଦରୀ ଶୀତ ଫେରିବାକୁ ବସିଲାଣି



କଥା ଏତିକି

● ସୁନୀଲ ବୋଷ

**ଶୀ**ତ ଫେରିବାକୁ ବସିଲାଣି । ପ୍ଲାଷ୍ଟିକ ନଡ଼ିଆ ତେଲ ବୋତଲର ଟାଣପଣ ଆଉ ନାହିଁ । ଶୀତକୁ ଡରି ସିଏ ବି ବୋଧ କାଠପାଲଟି ଯାଇଥିଲା । ଏବେ ସିଏ ଖୁବ୍ ନିର୍ଭୟରେ ତା' ପୂର୍ବରୂପକୁ ଫେରିଆସିଛି । ଗାଧେଇଲାବେଳେ ଆଉ ନଡ଼ିଆ ତେଲର ସେ ବୋତଲକୁ ବୁଡେଇବାକୁ ପଡୁନି ଗରମ ପାଣିରେ କି ରଖିବାକୁ ପଡୁନି ଖରାରେ ।

ଶୀତ ସରିଆସିଲାଣି । ଶ୍ରୀମତୀଙ୍କ କୋଲ୍ଡକ୍ରିମ୍ ଟ୍ୟୁବ୍‌ର ସେ ପୂରିଲା ଚେହେରା ଆଉ ନାହିଁ । ହତଯୌବନା ଏବେ ସିଏ, ଶ୍ରୀମତୀଙ୍କ ଆଙ୍ଗୁଠି ଚାପାର ଅତ୍ୟାଚାରରେ । ଅନେକ ସତେଜତା ସିଏ ଦେଇଛି ତାଙ୍କୁ । ଶ୍ରୀମତୀଙ୍କ ବୟସକୁ ଅନେକ ଲୁଚେଇଛି ସିଏ, ଶ୍ରୀମତୀଙ୍କ ଶୀତଛୁଆ ଶୁଖିଲା ଗାଲକୁ ଛଳନାର ପ୍ରଲେପରେ ଚକଚକ କରେଇ ।

ଅନେକ ଉଗ୍ରଆଧୁନିକା ସେମାନଙ୍କ ପ୍ରିୟ ହାତକଟା ବ୍ଲାଉଜ ଖୋଜିବେଣି । ଶୀତ ପାଇଁ ସେମାନଙ୍କୁ ବାଧ ହୋଇ ଛାଡ଼ିବାକୁ ପଡ଼ିଥିଲା ସେସବୁ ଠିକ୍ ଯେମିତି ପଞ୍ଜକରେ ବାଧ ହୋଇ ଆଇଁଷ ଛାଡନ୍ତି ଆଇଁଷ ରଙ୍କୁଣାମନେ । ଏ ସାଧନା କି କଷ୍ଟ ଏକଥା ସେଇମାନେ ହିଁ ଜାଣନ୍ତି । ସ୍ୱଳ୍ପ ବସନାମାନଙ୍କର ଶୀତଦିନେ ଠିକ୍ ଏଇ ଅବସ୍ଥା ହିଁ ହୁଏ । ଦେହକୁ ପୂରାପୂରି ଘୋଡେଇ ରଖିବା ଏମାନଙ୍କ ପାଇଁ ଅନେକଟା ପରାଧୀନତାର ଯନ୍ତ୍ରଣା ଭଳି । ଆକଟ ସବୁବେଳେ ସ୍ୱାଧୀନତାର ପରିପନ୍ଥୀ ।

ଶୀତ ଫେରିଯାଉଛି ଆଧୁନିକାମାନେ ସେମାନଙ୍କ ସ୍ୱାଧୀନତା ଫେରିପାଇବା ଖୁସିରେ ନିଶ୍ଚେ ଆତ୍ମହରା ହେବେଣି । ଶୀତ ସବୁବେଳେ ସୁନ୍ଦରୀଙ୍କ ବଇରୀ- ଦ୍ୱଚାର ଶତ୍ରୁ ।

ପଢ଼ିଶାଘର ଝିଅ ହଷ୍ଟେଲକୁ ଫେରିନି । ହଷ୍ଟେଲ ଖୋଲିନି । ସିଏ ଗାଧେଇସାରି ଏବେବି ଛାତ ଉପରକୁ ଆସୁଛି ତା' ଓଦା କେଶ ଶୁଖାଇବା ପାଇଁ । ତା' ଡ୍ରେସ୍ ଶୁଖୁଛି ଛାତ ଉପରର ତାରରେ । ଛାଇ ଲେଉଟିଲେ ସିଏ ତା' ଡ୍ରେସ୍ ତୋଳି ନେବାକୁ ଆସୁଛି ତେଣୁ ଶୀତ ଚାଲିଗଲାଣି ବୋଲି କହିହେଉନି । ସିଏ ହଷ୍ଟେଲ ଚାଲିଗଲେ ବୋଧେ ଶୀତ ଫେରିଯିବ । ପାଣିପାଗ ବିଭାଗ କ'ଣ ଏକଥା କହିଛି ?

# ଦୁଷ୍ଟାମି

**ଡ. ପ୍ରତିଭା ମହାରଥୀ**



**ର**ଜନୀବାବୁ ସକାଳୁ ସକାଳୁ ନିତ୍ୟକର୍ମ ସାରି ଗ୍ୟାରେଜ୍‌ରୁ ଗାଡ଼ି କାଢ଼ି ବାହାରିଗଲେ ଏୟାରପୋର୍ଟ ଅଭିମୁଖେ । ତାଙ୍କର ଏକମାତ୍ର ପୁତ୍ର ବଣ୍ଟି ଓ ବୋହୂ ରିମା ଆମେରିକାରୁ ଆଜି ଆସି ଓଡ଼ିଶାରେ ପହଞ୍ଚିବେ । ବାହାଘରର ଷୋଳମଙ୍ଗଳା ପରେ ପରେ ସେମାନେ ଦୁହେଁ ଆମେରିକା ଚାଲି ଯାଇଥିଲେ । ଦୁହେଁ ସେଠାରେ ଏକ ବଡ଼ କମ୍ପାନୀରେ କାମ କରନ୍ତି । ଏବେ ପ୍ରାୟ ଦେଢ଼ ବର୍ଷ ପରେ ଘରକୁ ଆସୁଛନ୍ତି ।

ଆତ୍ମୀୟସ୍ୱଜନ ଓ ବନ୍ଧୁ ଯଦି ପାଖରେ ନଥିବେ, ବିରାଟ ରାଜପ୍ରାସାଦ ମଧ ଶ୍ମଶାନ ଭଳି ମନେହେବ । ତେଣୁ ପୁଅ ଓ ବୋହୂ ଆସୁଥିବାରୁ ମା' ଅନୀତାଙ୍କ ଗୋଡ଼ ଆଉ ତଳେ ଲାଗୁନି । ପାଞ୍ଚ/ସାତ ଦିନ ହେଲାଣି, ସେ ତାଙ୍କ ପୁଅକୁ ଯାହା ଯାହା ଭଲ ଲାଗେ ସେଇ ସବୁ ଦ୍ରବ୍ୟଗୁଡ଼ିକ ଯୋଗାଡ଼ିବା ପାଇଁ ରଜନୀବାବୁଙ୍କୁ ବସାଇଉଠାଇ ଦେଉନାହାନ୍ତି । ସକାଳ ଜଳଖିଆରେ ପୁଅ ପାଇଁ ନଡ଼ିଆ ପୁର ଦିଆ ଏଣ୍ଡୁରି ପିଠା ସାଙ୍ଗକୁ ସବୁ ପରିବା ପଡ଼ି ଗୋଟେ ଖାଣ୍ଟି ଓଡ଼ିଆ 'ଡାଲ୍‌ମା' କରିବାକୁ ପ୍ରସ୍ତୁତ ହୋଇସାରିଲେଣି ସିଏ ଗଲା ରାତିରୁ । ବାକି ଦ୍ୱିପହର ଭୋଜନରେ ପୁଅ ପାଇଁ ମାଛ ମାର୍କେଟ୍‌ରୁ ଖୋଜା ହୋଇ ଆସିଛି ପୋହଳା ମାଛ ଆଉ ଛୋଟ ଚିଙ୍ଗୁଡ଼ି । ପୋହଳା ମାଛକୁ ଝୋଳ କରିବେ ଏବଂ ପୋଇ, କଖାରୁ, ଆଳୁ, ବାଇଗଣ ସହ ଚିଙ୍ଗୁଡ଼ି ମାଛର ଘାଣ୍ଟିଆ ହେବ । ଏହା ତାଙ୍କ ପୁଅକୁ ବହୁତ ଭଲଲାଗେ। ଏହା ବ୍ୟତୀତ ପାଣିକଖାରୁ ବଡ଼ି ପ୍ରସ୍ତୁତ ହୋଇ ରହିଛି ମାସକ ଆଗରୁ । କଖାରୁ ଶାଗ ଖୋଜା ହୋଇ ଆସିଛି । କାରଣ ବଡ଼ିଫୁଲା ଆଉ କଖାରୁ ଶାଗ ପୁଅର ଭାରି ପ୍ରିୟ ଅଟେ । ମା' ମନ ତ, ଯେତେ କଲେବି, ଯୋଗାଡ଼ ସରେନି । ଆହୁରି କିଛି କରି ରଖିବାକୁ ମନ ବଳାଏ ସିନା, ମା'ର ପ୍ରସ୍ତୁତି କେବେ ସରି ନଥାଏ । ବାସ୍ତବିକ୍, ଜଣେ ମାଆର ନିଜ ସନ୍ତାନ ପ୍ରତି ଥିବା ସ୍ନେହ ସହିତ ପୃଥିବୀର ଅନ୍ୟ କୌଣସି ବସ୍ତୁ ତୁଳନୀୟ ନୁହେଁ ।

ସେପଟେ ରଜନୀ ବାବୁ କେତେବେଳୁ ଏୟାରପୋର୍ଟରେ ପହଞ୍ଚି ଏପାଖ ସେପାଖ ଦୃଷ୍ଟି ପହଁରାଇ ଆଣୁଛନ୍ତି । ହେଲେ କାହିଁ ବଣ୍ଟି ତ କେଉଁଠି ହେଲେ ଦେଖାଯାଉ ନାହିଁ । ସେ କ'ଣ ଆସିବା ପ୍ରୋଗ୍ରାମ ବଦଳାଇଦେଲା । ପୁଣି ଭାବୁଚନ୍ତି, ପ୍ଲେନ୍ କ'ଣ ଆଉ ବିଳମ୍ବ ଅଛି କି? ଏହିପରି ନାନା ପ୍ରଶ୍ନବାଚୀରେ ମୁଣ୍ଡଟା ଭାରାକ୍ରାନ୍ତ ହେଉଥିଲା ବେଳକୁ ବେଳ ତାଙ୍କର । ହଠାତ୍ ତାଙ୍କ ଫୋନ୍‌ଟି ବାଜି ଉଠିଲା । ପକେଟ୍‌ରୁ ଫୋନ୍ କାଢ଼ି କାନରେ ଦେଲେ । ହଁ ବଣ୍ଟିର ହିଁ ଫୋନ୍, ସେପାଖରୁ ବଣ୍ଟି କହୁଥିଲା, ବାବା, ଆମେ ଆଜି ଏୟାରପୋର୍ଟରୁ ସିଧାସିଧା କଟକ ଚାଲିଆସିଲୁ ରିମା ଘରକୁ । ରିମାର ମା' ବାରମ୍ବାର ଫୋନ୍ କଲାରୁ ରିମା ବାଧ କଲା ମୋତେ ସେଠିକୁ ଆଗ ଯିବାପାଇଁ । କାଲି ସକାଳୁ ସକାଳୁ ଆମେ ଦୁହେଁ ତୁମ ପାଖକୁ ଚାଲି ଆସିବୁ ।

ରଜନୀବାବୁଙ୍କ ମୁଣ୍ଡଟା ଜୋର୍‌ରେ ଘୂରେଇଦେଲା ଯେପରି । ସାରା ପୃଥିବୀଟା ତାଙ୍କୁ ତାଙ୍କ ଚାରିପାଖେ ଘୂରିଲା ପରି ଲାଗିଲା । ହଠାତ୍ ଗାଡ଼ିରେ ଭରାଦେଇ ଠିଆ ହୋଇପଡ଼ିଲେ, ନଚେତ୍ ପଡ଼ିଯାଇଥାନ୍ତେ । କିଛି ସମୟ ପରେ ଘରେ ପହଞ୍ଚିଲେ ରଜନୀବାବୁ । ଅନୀତା ଦେବୀ କିଛି ପଚାରିବା ପୂର୍ବରୁ ଜୋର୍‌ରେ ଚିତ୍କାର କରି କହିଲେ, ଗୁଣମନ୍ତ ପୁଅ ତୁମର, ବୋହୂ କଥାରେ ପଡ଼ି ଆଗ ଶ୍ୱଶୁରଘରକୁ ଚାଲିଗଲେ, କାଲି ସକାଳେ ଏଠିକୁ ଆସିବେ। ଘୃଣାରେ ଓ ବିରକ୍ତିରେ ମୁହଁ ଛିଞ୍ଚାଡ଼ି ଏତକ କହି ଆର୍ମଚେୟାରରେ ବସିପଡ଼ିଲେ ପେପର ପଢ଼ିବା ପାଇଁ । ସବୁଥିରେ ସନ୍ତୁଷ୍ଟ ରହୁଥିବା ବ୍ୟକ୍ତି ହିଁ ସୁଖୀ ଜୀବନ ବିତାଇପାରେ । ତେଣୁ ସଦା ହସ ହସ ସଦା ଶାନ୍ତ ଅନୀତା ଦେବୀ ଚଟାପଟ୍ ଚା' କପ୍‌ଟି ଧରି ଟି'ପୟେ ଉପରେ ରଖୁ ରଖୁ ନମ୍ର ତଥା ଉଦାର ଭାବରେ କହୁଥିଲେ, ହଁ ମ ଆମେ ଯେମିତି 'ବଣ୍ଟି'କୁ ଦେଖିବାକୁ ବ୍ୟଗ୍ର, 'ରିମା'ର ବାପା ମାଆ ସେପରି 'ରିମା'କୁ ଦେଖିବାକୁ ବ୍ୟଗ୍ର ହେବା ସ୍ୱାଭାବିକ । ବଣ୍ଟି ଆମର ଖୁବ୍ ଜାଣିବାର, ବୁଝିବାର ପିଲା । ସେ ନିଜେ ଅନୁଭବ କରିଛି ବାପା ମାଆଙ୍କ ମନର ଭାବକୁ । ସେଥିପାଇଁ ନିଜ ବ୍ୟଗ୍ରତାକୁ ଚାପିରଖି ଆଗ ରିମା ମନକୁ ଖୁସି ଦେବାପାଇଁ ସେଠିକୁ ଚାଲିଗଲା । କ'ଣ ବା ଭୁଲ ହେଇଗଲା ଯେ... ରାତି ପାହିଲେ କାଲି ଆସି ଦୁହେଁ ପହଞ୍ଚିଯିବେନି । ତୁମେ ଚା' ପିଅ ଆଉ ମନକୁ ହାଲ୍‌କା କରିନିଅ । ପ୍ରକୃତରେ କ୍ରୋଧକୁ ନିଶ୍ଚିହ୍ନ କରିଦେବାର ସବୁଠୁ ସରଳ ଓ ଶ୍ରେଷ୍ଠ ଉପାୟ ହେଲା, ଏହାର କାରଣକୁ ବିନଷ୍ଟ କରିଦେବା ।

ସନ୍ଦିଗ୍ଧ ଦୃଷ୍ଟିରେ ଅନେଇ ରହିଥିଲେ ରଜନୀବାବୁ, ପତ୍ନୀ ଅନୀତାଙ୍କ ମୁହଁକୁ । ମନେ ମନେ ତାରିଫ କରି କହୁଥିଲେ ଯେପରି, ଅନୀତା, ଶତ ଧନ୍ୟବାଦ, ତୁମର ମାତୃହୃଦୟକୁ ।

ଠିକ୍ ଏଇ ସମୟରେ କବାଟ କ'ଣରେ ଲୁଚି ରହିଥିବା ପୁଅ ବଣ୍ଟି ଓ ବୋହୂ ରିମା ବାହାରି ଆସି ରଜନୀବାବୁଙ୍କ ପାଦ ଛୁଇଁ ଜୁହାର ହେଲାବେଳେ ବଣ୍ଟି ବଡ଼ପାଟିରେ କହୁଥିଲା, ବାବା, ଆମ ସର୍‌ପ୍ରାଇଜ୍‌ଟା କେମିତି ଲାଗିଲା । ଅନୀତାଙ୍କ ସହ ପିଲାଦୁହିଁଙ୍କ ହସରେ ଘର ସତେକି ଫାଟି ପଡୁଥିଲା । ରଜନୀବାବୁ ଡିମାଡିମା ଆଖିରେ ସେମାନଙ୍କୁ ଚାହିଁ ରହି କହୁଥିଲେ, ହଇରେ, ପିଲାଦିନ ଦୁଷ୍ଟାମି ଏଯାଏଁ ଛାଡ଼ିନୁ??

***ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର***
***ମୋ. ୯୪୩୭୦୩୭୮୦୯***

# ବଢ଼ିକୁ ଅପେକ୍ଷା

● ଜୀମୂତ ତ୍ରିପାଠୀ



**ଲୋ**କ ଜମା ହୋଇଥାନ୍ତି, ଆବା କାବା ହୋଇ ଚାହିଁଥାନ୍ତି । ଆଣ୍ଠୁଏ ପାଣି ସେଥିରେ ସେ ବୁଡ଼ି ମଲା କେମିତି ! ବୁଢ଼ୀଟାଏ, ବୟସ ହୋଇଯାଇଥିଲା, ବୟସ ଠିକ୍ ଭାବେ କେତେ ହେବ କହିବା କଷ୍ଟକର, ହେଲେ ଏ ଗାଁର ସେ ଥିଲା ସବୁଠାରୁ ପୁରୁଖା ଲୋକ । ଗାଁର ଶିକ୍ଷିତ ଲୋକଙ୍କ ହିସାବ ଅନୁସାରେ ବୁଢ଼ୀର ବୟସ ନବେ ପାଖାପାଖି ନିଶ୍ଚିତ ହେବ । ନିତି ସେ ନଇପୋଖରୀକୁ ଗାଧେଇ ଯାଏ, ବାସନ ମାଜେ, ହେଲେ ବୁଡ଼ି ମରିବା ପାଇଁ ତ ପାଣି ଦରକାର ? ଏତିକି ପାଣିରେ ସେ ବୁଡ଼ିଲା କେମିତି? ବିଶ୍ୱାସ ନହେଲେ ବି ଜଳ ଜଳ ଦେଖାଯାଉଛି ନଈବନ୍ଧ କଡ଼ ନଈଯୋଡ଼ି ପାଣିରେ ରମାବୋଉର ମଲାଦେହ ମୁହଁ ମାଡ଼ି ପଡ଼ିଛି ।

ଗାଁ ଶେଷ ମୁଣ୍ଡ, ଝାଟିମାଟି ଘର ବଖରାଏ । ଦୁଆରରେ ଲାଗିଛି ତାଟି କବାଟ ।

ରାତି ପ୍ରାୟ ଦଶଟା ହେବ, ଗାଁଟା ପୂରା ଶୂନ୍‌ଶାନ୍ । ଏତିକିବେଳେ ରମାବୋଉ ଘର ବାହାରେ କିଏ ଡାକିଲା, ରାଗରେ ଦୁଇ ଚାରି ଗୋଇଠା ମାରିଲା ବୋଧେ... ତାଟି ଖଣ୍ଡକ ଘର ଭିତରକୁ ଅଜାଡ଼ି ପଡ଼ିଲା ।

ତାଟି ପଡ଼ିବା ଶବ୍ଦରେ ରମାବୋଉର ନିଦ ଭାଙ୍ଗିଗଲା । 'ଏତେ ରାତିରେ କିଏ ସେ ତାଟି ବାଡ଼େଇଲା... ବାଡ଼େଇ ବାଡ଼େଇ ଭାଙ୍ଗିଦେଲା! ତାଟି କିଏ କାହିଁକି ବା ବାଡ଼େଇବ... କାଳିଆ ହୋଇଥିବ... ଦେହ କୁଣ୍ଡାଇବାକୁ ତାଟିରେ ଦେହ ଘଷୁଥିଲା ବୋଧେ ତାଟି ଭାଙ୍ଗିଗଲା... ।' କାନେଇଲା ରମାବୋଉ.. । ଦିନକୁ ଦୁଇବେଳା ପେଟ ପୂରାଇବା ଯାହା ପାଇଁ କଷ୍ଟ ତା' ତାଟି କାହିଁକି କିଏ ବା ଭାଙ୍ଗିବ !

ବାହାରପଟୁ ପାଟି ଶୁଭିଲା... 'ଜେଜିମା ...ଜେଜିମା ଉଠ... ଗାଁ ଦାଣ୍ଡରେ ପାଣି ଚାଲିଲାଣି, ଘରେ ପାଣି ପଶିଯିବ...' ଧଡ଼ପଡ଼ ହୋଇ ରମାବୋଉ ଉଠି ବସିଲା । ଏତ ଧରମା ପୁଅ ଟୁନାର କଥା ଭଳି ଲାଗୁଛି । ମଜାରେ ଏମିତି କହୁନି ତ! ରମାବୋଉ ହେଁସ ଉପରେ ବସି ଚିହିଁଙ୍କି ଉଠିଲା, ଚିଲେଇ କହିଲା '...ହଁ... ହଁ.. ।' ଦିନ ଦୁଇଟାରେ ଦୁଇ ଚାରି ଅସରା ବର୍ଷା ହୋଇଥିବ, ସେଥିରେ କ'ଣ ନଈ ବଢ଼ି ଗାଁରେ ପାଣି ପଶିଗଲା ! ବଢ଼ିପାଣି ଗାଁରେ ପଶିବା କଥାକୁ ରମାବୋଉ ବିଶ୍ୱାସ କରିପାରୁନଥାଏ । ଥଙ୍ଗମଙ୍ଗ ହୋଇ ରମାବୋଉ ଉଠିବସିଲା, ସେତେବେଳକୁ ଘର ଭିତରକୁ ଟୁନା ପଶି ଆସିଲାଣି । ରମାବୋଉ କିଛି ପଚାରିବା ପୂର୍ବରୁ ତା' ଖୁଆ ଧରି ଏକରକମ ତାକୁ ଘୋଷାରି ଘୋଷାରି ବାହାରକୁ ନେଇ ଗଲା ଟୁନା । ଘର ବାହାରେ ପାଞ୍ଚ ସାତଜଣ ଭେଣ୍ଡିଆ ।

ବୁଢ଼ୀ ନିଦ ମଳମଳ ଆଖିରେ ଚାହିଁଲା, ହେଲେ ଘଟଣା କ'ଣ ବୁଝିବା ପୂର୍ବରୁ ବାହାରେ ଠିଆ ହୋଇଥିବା ଭେଣ୍ଡିଆଙ୍କ ମଧ୍ୟରୁ ଜଣେ ବିରକ୍ତି ଗଳାରେ କହିଲା, ଚାହିଁଛୁ କ'ଣ ? ତେଣେ ପାଟ ବୁଡ଼ି ଗାଁ ଦାଣ୍ଡରେ ପାଣି ଆଣ୍ଠୁଏ, ଘରେ ଶୋଇ ଘୁଙ୍ଗୁଡ଼ି ମାରୁଛୁ? ଜୀବନ ନେଇ ବନ୍ଧ ଉପରକୁ ଚାଲି ଯା... ନହେଲେ ପାଣିରେ ଭାସି ଯିବୁ । ରମାବୋଉ ତଥାପି ବୁଝିପାରୁ ନଥାଏ, ଗାଁ ଦାଣ୍ଡରେ ପାଣି ଆସିଲା କୁଆଡୁ, ଦଳେଇଘାଇ ଭାଙ୍ଗିଲା ସନ ଯାହା ଗାଁରେ ପାଣି ପଶିଥିଲା, କାହିଁ ସେକାଳୁ ଏ ଗାଁକୁ ବଢ଼ିପାଣି କେବେ ଆସେନି । ଏ ବର୍ଷ ଚାଷ ପାଇଁ ବର୍ଷା ନାହିଁ, ଦୁଇ ଅସରା ବର୍ଷାରେ ବଢ଼ିପାଣି ଗହିର ବୁଡ଼େଇ ଗାଁରେ ପଶିଗଲା! ଜୋର୍ ଦୁଇ ଚାରି ଅସରା ବର୍ଷା ହେଲେ ପାଟ ସେପାରି ଗହିରଗାଁରେ ଯାହା ପାଣି ପଶିଯାଏ, ଜୋର୍ ବନ୍ୟା ନହେଲେ ଏ ଗାଁରେ ପାଣି ପଶେନି । ଗାଁରେ ନଈପାଣି ପଶିଲା କେମିତି? ରମାବୋଉ ନିଦ ଭାଙ୍ଗି ଗଲାଣି, ସେ ନଇଁ ନଇଁ ଦଶ ଖୋଜ ଯାଇ ଦେଖେ ତ ସତକୁ ସତ ଗାଁ ଦାଣ୍ଡରେ ପାଣି ଚାଲୁଛି ।

ରମାବୋଉର ଭାବଭଙ୍ଗୀ ଦେଖି ଗାଁର ଦୁଇ ଚାରିଜଣ ଯୁବକ ତା' ଖୁଆକୁ ଧରି ଏକରକମ ଘୋଷାରି ଘୋଷାରି ନେଇ ନଈବନ୍ଧ ଉପରେ ବସାଇ ଦେଲେ । ରମାବୋଉ ଗଣ୍ଠିଲି, ଲୁଗାପଟା ଦୁଇଖଣ୍ଡ ଧରି ପଛେ ପଛେ ଟୁନା ଚାଲିଛି । ବନ୍ଧ ଉପରେ ଲାଇଟ୍ ଜଳୁଛି । ଯେ ଯାହା ଘରଡିହ ଛାଡ଼ି ସମସ୍ତେ ବନ୍ଧ ଉପରେ ରୁଣ୍ଡ ହୋଇଛନ୍ତି । ସନ୍ଧ୍ୟା ପହରୁ ଗାଁ ଛାଡ଼ି ସମସ୍ତେ ବନ୍ଧକୁ ଚାଲି ଆସିଛନ୍ତି । ଗୋରୁଗାଈ, ଗାଁଟା ଯାକର ଧାନ ଚାଉଳ ବସ୍ତା, ପେଡ଼ିପୁଟୁଳା ସଜା ହୋଇ ରହିଛି ବନ୍ଧ ଉପରେ । ବନ୍ଧର ଗୋଟାଏ ପଟରେ ମହମ ପାଲ ପଲା ତଳେ ରୋଷାଇ ଚାଲିଛି । ପଲକୁ ପଲ ପଙ୍ଗତରେ ବସି ଖାଉଥା'ନ୍ତି । ହୋ ହଲ୍ଲାରେ ବନ୍ଧ ପଡୁଛି ଉଠୁଛି ।

ଚାରିଦିନ ତଳେ ରମାବୋଉ ନଈ ଆଡ଼େ ଯାଇଥିଲା ଯେ ଏଡ଼େବଡ଼ ନଈଟା ଶୁଖିଲା ଠକ୍ ଠକ୍ ପଡ଼ିଥିଲା । ହେଲେ ଆଜିର ଘଟଣା ଭାବିଲା ବେଳକୁ ତାକୁ ଆଶ୍ଚର୍ଯ୍ୟ ଲାଗୁଥାଏ । ଆଜି ଆଖିରେ ଯାହା ଦେଖୁଛି ସେଥିରେ ମନ ବୁଝୁନି । ରମାବୋଉ ବରଗଛ ଗଣ୍ଡିକୁ ଆଉଜି ଏଣେ ତେଣେ ଚାହୁଁଥାଏ.. ବଢ଼ି ଆସିବାର ଦୁଃଖ କାହାରି ଚେହେରାରେ ନାହିଁ । ସମସ୍ତେ ଖୁସି.. ନଈ ବଢ଼ିକୁ ଯେମିତି ସମସ୍ତଙ୍କ ଅପେକ୍ଷା ଥିଲା, ସେ ଆସିଛି, ସମସ୍ତେ ଆନନ୍ଦିତ, ଉଲ୍ଲସିତ । ତାକୁ ଛାଡ଼ିଦେଲେ ସମସ୍ତେ ଯେମିତି ମନବୋଧ କରି ବଢ଼ିକୁ ସ୍ୱାଗତ କରୁଛନ୍ତି...

ଜେନେରେଟର ଆଲୁଅରେ ସଫାତୋଫା ଦିଶୁଛି ଚାରିଦିଗ । ଗାଁର ଅଳ୍ପ ବୟସୀ ଝିଅ ବୋହୂ ଭେଳାଭେଳା ହୋଇ ବସି ଗପ ଜମାଇଛନ୍ତି । କେହିକେହି ତାସ୍, ଲୁଡୁପାଲି ମେଲାଇ ଖେଳରେ ବ୍ୟସ୍ତ । ଗାଁର ବୟସ୍କ ମୁରବିମାନେ ହାତରେ ଟର୍ଚ୍ଚ ଲାଇଟ୍ ଖଣ୍ଡେ ଖଣ୍ଡେ ଧରି ବନ୍ଧ ଉପରେ ଟହଲ ମାରୁଥାନ୍ତି । ଗାଁର କେଇଜଣ ମୁରବି, ବୟସ୍କ ଲୋକ ଟୋକାଟାକାଳିଆଙ୍କ ସାଥିରେ କୌଣସି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ବିଚାର ଆଲୋଚନା ଚଳାଇଥାନ୍ତି । କେଇଜଣ ଉଦ୍‌ଯୋଗୀ ଯୁବକ କୋଡ଼ିକୋଦାଳ ଧରି ଗହିର ଆଡ଼କୁ ଚାଲିଗଲେ, ଘଣ୍ଟେ ଅଧରେ ଗହିରଭିତରୁ କେଇଜଣ କୋଡ଼ିକୋଦାଳ ଧରି ବନ୍ଧକୁ ଫେରିଲେ, ମୁରବିମାନଙ୍କ ସାଥିରେ ସେମାନେ ଦେଖା କରିବା ମାତ୍ରେ ସବୁରି ମୁହଁରେ ଆନନ୍ଦର ଲହରି ଖେଳିଗଲା ।

ହସଖୁସି ଟାହିଟାପରାରେ ନଈବନ୍ଧ ପଡୁଛି ଉଠୁଛି । ରମାବୋଉ ଯେମିତି ପ୍ରଧାନସାହିର ଦୟା ପ୍ରଧାନଙ୍କୁ ଦେଖିଛି, ଘୁଷୁରି ଘୁଷୁରି ପାଖକୁ ଯାଇ ପଚାରିଲା, ହଇଓ ପ୍ରଧାନେ! ବଢ଼ି ପାଣି ଆସିଲା କେଉଁଠୁ? ଦୟା ସାହି ମୁରବି ତାଙ୍କୁ ସବୁ କଥା ଜଣା । ବୁଢ଼ୀକଥା ଶୁଣି ପ୍ରଧାନେ ହସିଦେଇ ତୁନି ରହିଲେ । ରମାବୋଉ କି ଛାଡ଼ିବା ଜନ୍ତୁ! ତା'ର ସେଇ ଗୋଟାଏ ପ୍ରଶ୍ନ । ଯାହାକୁ ଯେଉଁଠି ଦେଖିଲା ସେ ଗୋଟାଏ କଥା ହେଲେ ତା' କଥା ଶୁଣୁଛି କିଏ? କେହି କେହି ବୁଢ଼ୀ ଉପରେ ବିରକ୍ତ ହୋଇ କହୁଥାନ୍ତି, 'ତୁନି ହୋଇ ବସ, ନହେଲେ ଏ ଅନ୍ଧାରରେ ଖାତଖମାରେ ପଡ଼ି ମରିବୁ ।'

ରାତି ଯେତିକି ଯେତିକି ବଢ଼ି ବଢ଼ି ଚାଲିଛି ବନ୍ଧ ଉପରୁ ଲୋକଙ୍କ ଭିଡ଼ କମୁଛି, ରାତିଅଧକୁ କିଏ କେଉଁଠି ନାହିଁ, ଯେ ଯାହା ନିଜ ସୁବିଧାରେ ଶୋଇପଡ଼ିଲେ । ହେଲେ ରମାବୋଉ ଆଖିକୁ ନିଦ ନାହିଁ । ବଢ଼ିପାଣି ଗାଁରେ ପଶିବା କଥାକୁ ସେ ବିଶ୍ୱାସ କରିପାରୁନି, ସେ ଖାଲି ଏଣେ ତେଣେ ଚାହିଁଛି, ବନ୍ଧରେ ସିନା ଆଲୁଅ ହେଲେ ବିଲ ଗହିର ସବୁ ଅନ୍ଧାରରେ କିଛି ବି ଦିଶୁନି ।

ଏବେ ବନ୍ଧରେ ଗାଁର ଦଳେ ଟୋକାଙ୍କୁ ଛାଡ଼ିଦେଲେ ଆଉ କେହି ନାହିଁ । ରାତିଅନିଦ୍ରା ସାଥିକୁ ଜରାଗ୍ରସ୍ତ ମଣିଷର କଷ୍ଟ, ତଥାପି ରମାବୋଉ ସାହସ ବାନ୍ଧି ପୋଲିଆ ଉପରେ ବସିଥିବା ଟୋକାଙ୍କ ପାଖକୁ ଗଲା, ଗାଁ ମୁରବି, ସରପଞ୍ଚ ଜଣ ଜଣ କରି ସମସ୍ତଙ୍କ ପାଖକୁ ଗଲା, ତା'ର ସେ ଗୋଟାଏ ପ୍ରଶ୍ନ, ବଢ଼ିପାଣି ଆସିଲା କେଉଁଠୁ । ରମାବୋଉ ପ୍ରଶ୍ନରେ ସମସ୍ତେ ବିରକ୍ତ । ଟୋକାଟାଏ ବୁଢ଼ୀ ହାତକୁ ଭିଡ଼ି ଭିଡ଼ି ଅନ୍ଧାର ଭିତରେ ଗହିର ଭିତରକୁ ଘୋଷାରି ନେଇ ଯାହା ଦେଖାଇଲା ବୁଢ଼ୀର ମୁଣ୍ଡ ବିଗିଡିଗଲା ।

ରମାବୋଉ ରାଗରେ ଚିତ୍କାର ଛାଡ଼ିଲା, 'ହଇରେ ତୁମେଗୁଡ଼ା ଏଡ଼େ ଅଲକ୍ଷ୍ମୀ! ବନ୍ଧ ହାଣି ନଈରୁ ମାହାରା ଖୋଲି ଗାଁରେ ପାଣି ପୂରାଇଛ, ସେଥିରେ କ'ଣ ନା ନଈବଢ଼ି ! କହୁଛ କ'ଣ ନା ଏସନ ବରଷା ହେଲାନି, ଫସଲ ନାହିଁ, ବିଲରେ ପାଣି ପୂରାଇ ଦେଲେ ଯାହା ବି ଅଛି ସେତକ ବଢ଼ି ଖାଇଯିବ, ଗାଁରେ ପାଣି ପୂରାଇ ଦେଲେ ଘର ଭଙ୍ଗା ପଇସା ପାଇବ, ଫସଲ ହାନି ପାଇଁ ବୀମା ପଇସା, ସରକାର ଘରଭଙ୍ଗା ପଇସା ଦେବେ? ... ଛି ଛି ଏମିତି ଭିକ ମଗାରେ ବଞ୍ଚିବା ଅପେକ୍ଷା ମରିଯିବା ଭଲ । ମୁଁ ସମସ୍ତଙ୍କୁ ତୁମ ପେଞ୍ଚ ବୁଲି ବୁଲି କହିବି...' ରମାବୋଉ ଆଉ କ'ଣ ସବୁ କହିବାକୁ ଯାଉଥିଲା, ପଛପଟୁ ତା' ମୁହଁକୁ କିଏ ଜଣେ ଜୋର୍‌କରି ଜାବୁଡ଼ି ଧରିଲା । ରମାବୋଉ ରାଗରେ ଥରୁଥିଲା, ଗୋଟାପଣ ଥରୁଥିଲା, ଛାତିଟା ପଡୁଥିଲା ଉଠୁଥିଲା, ନାକରୁ ତତଲା ନିଃଶ୍ୱାସ ବାହାରି ତାକୁ ଅଥୟ କରିଦେଉଥିଲା ।

ପରଦିନ ସକାଳୁ ଆଣ୍ଠୁଏ ପାଣିରେ ପଡ଼ିଥିଲା ରମାବୋଉର ନିର୍ଜୀବ ଶରୀର । ଏଡ଼େ ଏଡ଼େ ଆଁ କରି ଚାହିଁଛି । ଗୋଡ଼ ହାତ ସବୁ କାଠ । ଲୋକେ ଦେଖିଲେ, ଥାନାକୁ ଖବର ଗଲା, ବଢ଼ିପାଣିରେ ବୁଡ଼ି ବୁଢ଼ୀଟାଏ ମରିଗଲା । ପୁଲିସ ଆସିଲେ, ବ୍ଲକ ତହସିଲରୁ ବାବୁମାନେ ଆସିଲେ, ଲେଖାପଢ଼ା ହେଲା, ଖବରକାଗଜରେ ବଢ଼ିପାଣିରେ ଭାସିଯାଇ ବୁଢ଼ୀ ମରିଥିବା ଫଟୋ ସହ ଖବର ବାହାରିଲା ।

ସରକାରୀ ଲୋକ ଆସିଲେ, ରାଜନେତାଏ ଆସିଲେ । ବଢ଼ି ପାଇଁ ରିଲିଫ ଚାଉଳ ଚୁଡ଼ା, ଜରି, କମ୍ବଳ, ଲୁଗାପଟା ବଣ୍ଟା ଗଲା। ଫସଲହାନି କ୍ଷୟକ୍ଷତି ହିସାବ ହେଲା, ଘର ଭଙ୍ଗା ପଇସା ମିଳିଲା । ବୁଢ଼ୀର କେହି ନାହିଁ ତା' ଅକାଳ ମୃତ୍ୟୁ କ୍ଷତି ଭରଣା ପାଇସା ଦାବି କରିବାକୁ । ଟିପ ମାରି ବୁଢ଼ୀ ପଇସା ଗାଁ ମୁରବି ରଖିଲେ । ବୁଢ଼ୀର ଶୁଦ୍ଧି ଭୋଜିଭାତ ହେଲା ସେଇ ପଇସାରେ । ବଢ଼ିପାଣିରେ ବୁଢ଼ୀ ଚାଳିଆ ଦୁଇ ବଖରା ଭାଙ୍ଗିଗଲା ବୋଲି ରିପୋର୍ଟ ହେଲା। ଗାଁ ସଭାର ପରାମର୍ଶରେ ରମାବୋଉର ନିଅଂଶିଆ ଡିହର ମାଲିକାନା ଗଲା କୋଠ ଖାତାକୁ । ରିପୋର୍ଟ ଲେଖା ପଢ଼ା ପରଦିନ ପାଣି ଶୁଖି ଗାଁ ଟାଙ୍ଗେରା। ଚା' ଦୋକାନରେ ଭିଡ଼ ଜମିଲା, ରମାବୋଉକୁ ନେଇ ବେଶ୍ କେଇଦିନ ଟୋକାଟାକାଳିଆଙ୍କ ଖଟି ଚାଲିଲା। ଦିନ କେଇଟାରେ ସମସ୍ତେ ଭୁଲିଗଲେ ରମାବୋଉକୁ । ସମସ୍ତଙ୍କର ଅପେକ୍ଷା ଆରବର୍ଷକୁ। ପୁଣି ବଢ଼ି ଆସିବ, ଆଉ ଥରେ ଲେଖାପଢ଼ା ହେବ, ରିଲିଫ୍ ମିଳିବ ।

***ମୋ. ୯୪୩୭୦୧୧୭୭୩***



# ସମର୍ପିତ ସାହିତ୍ୟ

● ବେବୀଲତା ଶତପଥୀ

ତମେ ମୋର ଅଧାଗଢ଼ା ଦିଅଁ
କଳାକାହ୍ନୁ ସୁନ୍ଦର ମୂରତି
କୁହୁକ ବଂଶୀର ଅଜବ ସ୍ୱନ
ହଜି ନ ଥିବା ସକାଳ
ଆତ୍ମାର ଅଭିସାର
ଚେନାଏ ସମ୍ପର୍କର ଭାଷା
ଅସରାଏ ବର୍ଷାର ପ୍ରତିଶ୍ରୁତି ।

ମୁଁ ତ ମଧୁଝରା କବିତାଟେ
ଅନାସକ୍ତ ଆଖିରେ ମୋ ପ୍ରେମରଅନ୍ତରା
ଓଠେ ମୋର କୃଷ୍ଣଚୂଡ଼ାର ହସ
ମନ୍ଦ ମଳୟର ମତୁଆଲା ବାସ୍ନା
ଅଧା ଲେଖା ଫଗୁ ବୋଳା ଚିଠି
ବସନ୍ତର ବେନାମୀ ଠିକଣା ।

ମୁଁ ସୀମାହୀନ ଆକାଶର
ଆଞ୍ଜୁଳାଏ ବର୍ଷା
ମନରେ ଅକୁହା ପୁଲକ
ଆଉ, ପ୍ରୀତି ଭିଜା ଈର୍ଷା
ମୋ ଭାଗର ସମୟ ନେଇ
ତୁମ ସହ ନିରୋଳାରେ ଗପେ
ଆଭିଜାତ୍ୟର ଚାନ୍ଦୁଆ ତଳେ
ଆଖି ବୁଜି, ତୁମଠୁ ତୁମକୁ ମାଗେ ।

ତମେ କିନ୍ତୁ ନିହାତି ବେଶୀ ଗୋଟେ
ନହେଲେ, କବିତା ପରି ମନେଇଝିଅର
ପ୍ରେମରେ ପଡିଥା'ନ୍ତ କି
ନାହିଁ ନ ଥିବା ଅନ୍ୟମନସ୍କତା ଭିତରେ
ଛନ୍ଦିହୋଇ ଯାଉ ଥାନ୍ତ କି ?
ଚିତ୍ର ଓ ଚରିତ୍ର ହୁଅନ୍ତା କି ମନୋମୁଗ୍ଧ
ତମେ ଜାଣ କି ନ ଜାଣ, ବୁଝକି ନ ବୁଝ
ତମେ ହିଁ ତ ମୋର, ସମର୍ପିତ ସାହିତ୍ୟ ।

***କେ-୪, ପଦ୍ମାଲୋକ, କଳିଙ୍ଗ ବିହାର, ଭୁବନେଶ୍ୱର,***
***ମୋ. ୬୩୭୨୯୯୯୫୯୦***

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୧୯ ଫେବୃଆରୀ ୨୦୨୬ । ଗୁରୁବାର

## ପ୍ରବାସି ଶ୍ରମିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ସଚେତନତା

**ଜଗତସିଂହପୁର, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଜଗତସିଂହପୁର ବ୍ଲକ ଅନ୍ତର୍ଗତ ଖଇରଙ୍ଗ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପ୍ରବାସି ଶ୍ରମିକଙ୍କ ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହକାରୀ ଶ୍ରମ ଅଧିକାରୀ, ସରପଞ୍ଚ ଉପସ୍ଥିତ ଥିଲେ। ସହକାରୀ ଶ୍ରମ ଅଧିକାରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଚିବ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ପ୍ରତ୍ୟେକ ଶ୍ରମିକ ନିଜ ନାମକୁ ଶ୍ରମ କାର୍ଯ୍ୟାଳୟରେ ପଞ୍ଜିକରଣ କରାଇ ଶ୍ରମ କାର୍ଡ କରାଇବା ନିତାନ୍ତ ଆବଶ୍ୟକ। ଯେକୌଣସି କାର୍ଯ୍ୟରେ ଯୋଗ ଦେବା ଆଗରୁ ସମ୍ପୃକ୍ତ ମାଲିକଙ୍କ ନାମ, ଠିକଣା ଓ ସଂସ୍ଥାର ପଞ୍ଜିକରଣ ବିଷୟରେ ଜାଣି ଚୁକ୍ତିନାମା ସ୍ୱାକ୍ଷର କରାଇବା ଉଚିତ୍। ଯଦି ଚୁକ୍ତିନାମା ଅନୁଯାଇ ମଜୁରୀ କିମ୍ବା ଅନ୍ୟାନ୍ୟ ସୁବିଧା ସୁଯୋଗ ନମିଳେ ତେବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଇବା ଆବଶ୍ୟକ। ପ୍ରବାସି ଶ୍ରମିକଙ୍କ ବିଭିନ୍ନ ଆଇନଗତ ସାହାଯ୍ୟ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣ ସହ ଯୋଗାଯୋଗ କରିବାକୁ ସଚିବ ସଚେତନ କରାଇଥିଲେ। ଶେଷରେ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

## ସରୋଜ ପଟ୍ଟନାୟକଙ୍କ ପାଞ୍ଚ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ବୁଦ୍ଧ ମନ୍ଦିର ସଭାକକ୍ଷରେ ଶିକ୍ଷାବିତ୍ ଡ. ସରୋଜ ପଟ୍ଟନାୟକଙ୍କ ଲିଖିତ ୫ଟି ପୁସ୍ତକ ଉନ୍ମୋଚିତ ହୋଇଛି। ସେଗୁଡ଼ିକ ହେଲା: ରାଜନୀତି ବିଜ୍ଞାନ ପାଠ୍ୟକ୍ରମ ସମ୍ବଳିତ ରାଜନୈତିକ ବିଭିନ୍ନ ତନ୍ତ୍ର ଏବଂ ରାଜନୈତିକ ଦର୍ଶନ ସମ୍ପର୍କିତ ପୁସ୍ତକ ଓ୍ୱେଷ୍ଟର୍ଣ୍ଣ ପଲିଟିକଲ୍ ଥଟ୍, ପଲିଟିକାଲ୍ ଥିଓରୀ, ପଲିଟିକାଲ ଥଟ୍ ଏବଂ ଦେଶର ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ବିଷୟ ସମ୍ବଳିତ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ସନ୍ଦର୍ଭର ଏକ ସଂକଳନ ପୁସ୍ତକ ରିଫ୍ଲେକ୍ସନ୍ ଅନ୍ ଷ୍ଟେଟ୍, ସୋସାଇଟି ଆଣ୍ଡ୍ ଏନ୍‌ଭିରନ୍‌ମେଣ୍ଟ ଏବଂ ବିବିଧ ପ୍ରସଙ୍ଗ: ଭିନ୍ନଦୃଷ୍ଟି ଉନ୍ମୋଚନ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ବିବେକ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ଡ.ରବିନାରାୟଣ ସେନାପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ.ଜୟକୃଷ୍ଣ ବରାଳ, ବରିଷ୍ଠ ପ୍ରଶାସକ କରୁଣାକର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାକୁ ପରିଚାଳନା କରିଥିଲେ ଦେନା ବ୍ୟାଙ୍କର ପୂର୍ବତନ ଉପ ମହାପ୍ରବନ୍ଧକ ଗୁରୁପ୍ରସାଦ ମହାନ୍ତି। ଅତିଥି ପରିଚୟ ଦେଇଥିଲେ ଡ. ପ୍ରତାପ କୁମାର ମିଶ୍ର। ଧନ୍ୟବାଦ ଦେଇଥିଲେ ଗାୟତ୍ରୀ ମହାନ୍ତି। ମଞ୍ଚ ସଂଯୋଜନା କରିଥିଲେ ନିବେଦିତା ଭଞ୍ଜ।

## ୨ଟି ପ୍ରକଳ୍ପ ଉଦ୍‌ଘାଟିତ



**ଚାରିଛକ, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିମାପଡା ବ୍ଲକ ଚାରିଛକ ନିକଟସ୍ଥ ଭୋଦର ପଞ୍ଚାୟତ ଭଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଇକେଲ ଷ୍ଟାଣ୍ଡ ଓ ଅନ୍ନପୂର୍ଣ୍ଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀମାନଙ୍କ ହସ୍ତ ପ୍ରକ୍ଷାଳନ ନିମନ୍ତେ ଏକ ପ୍ରକଳ୍ପକୁ ମଙ୍ଗଳବାର ସ୍ଥାନୀୟ ସରପଞ୍ଚ ଚାରୁଲତା ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ଏହି ଉଦଘାଟନ ସମୟରେ ପ୍ରଧାନଶିକ୍ଷୟତ୍ରୀ ମନସ୍ୱିନୀ ଲେଙ୍କା, ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଦାଶ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ସ୍ୱାଇଁ, ନାଏବ ସରପଞ୍ଚ ସୁଧାଂଶୁ ଭୂଷଣ ପ୍ରଧାନ, ସମାଜସେବୀ ପ୍ରଶାନ୍ତ କୁମାର ବେହେରା, ସବ୍ୟସାଚୀ ରାୟ ଚୂଡାମଣୀ, ସୁରେନ୍ଦ୍ର ନାଥ ନାୟକ, କ୍ଷୀରୋଦ କୁମାର ନାୟକ, ତୋଫାନ କୁମାର ପ୍ରଧାନ, ମନମୋହନ ବାରିକ, କାର୍ତ୍ତିକେଶ୍ୱର ପଳତା, ଚିତରଞ୍ଜନ ଜେନା, ପ୍ରଜ୍ଞାଜିତ ବେହେରା, ମନୋରଂଜନ ମିଶ୍ର, ଓ୍ୱାର୍ଡସଭ୍ୟା ସବିତାରାଣୀ ସିହ୍ନା, ଓ୍ୱାର୍ଡସଭ୍ୟ ଦେବେନ୍ଦ୍ର ବେହେରା, ପ୍ରମୋଦ ଜେନା, ସର୍ବେଶ୍ୱର ବାରିକ, ପୂର୍ଣ୍ଣଚନ୍ଦ୍ର ଓଝାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ଉପସ୍ଥିତଥିଲେ।

## କବିତା ପୁସ୍ତକ 'ସାପ ଶିଡ଼ି ଖେଳ'

**କେନ୍ଦ୍ରାପଡ଼ା, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସଂପ୍ରତି ଅନୁଷ୍ଠିତ ହୋଇଯାଇଥିବା ତୋଷାଳୀ ସାହିତ୍ୟ ଉତ୍ସବରେ କେନ୍ଦ୍ରାପଡ଼ା ମାଟିର ସୁନାମଧନ୍ୟ କବି ମନୋରଂଜନ ସାହୁଙ୍କ ଓଡ଼ିଆ କବିତା ସଂକଳନ 'ସାପ ଶିଡ଼ି ଖେଳ' ସହିତ ଏହାର ଇଂରାଜୀ, ହିନ୍ଦୀ ଓ ବଙ୍ଗଳାରେ ତିନି ଗୋଟି ଭାଷାର ଅନୁବାଦିତ ସଂକଳନ ଉନ୍ମୋଚିତ ହୋଇଛି। ଅନୁଷ୍ଠାନର ସଂପାଦକ ଓ ସଭାପତି ବିଶିଷ୍ଟ କବି ପ୍ରଦୀପ କୁମାର ବିଶ୍ୱାଳ ଓ କବି ଜୟ ଜଗଦେବ, ଓଡିଶା ସାହିତ୍ୟ ଏକାଡେମୀର ସଂପାଦକ ବିଶିଷ୍ଟ ଲେଖକ ଚନ୍ଦ୍ରଶେଖର ହୋତା, ବିଶିଷ୍ଟ କବି ଚିନ୍ତକ ହରପ୍ରସାଦ ଦାସ, ଜ୍ଞାନପୀଠ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଔପନ୍ୟାସିକ ପଦ୍ମଭୁଷଣ ପ୍ରତିଭା ରାୟ, କାଶ୍ମୀର କବି ମଜରୁହୁ ରସିଦ, କେରଳୀ କବି ଲେଖକ କେଭି ଡୋମିନିକ ଓ ମଣିପୁରୀ ଲେଖକ ରବିନ୍ ଏସ୍.ନାଙ୍ଗମ୍ ପ୍ରମୁଖ ଉପସ୍ଥିତ ରହି କବି ମନୋରଞ୍ଜନ ସାହୁଙ୍କ ଓଡ଼ିଆ କବିତା ସଂକଳନ 'ସାପ ଶିଡି ଖେଳ' ସହିତ ଏହାର ୩ଟି ଅନୁବାଦିତ ସଂକଳନ ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାରେ ଉନ୍ମୋଚନ କରିଥିଲେ। ଏଥିରେ ଓଡିଶା ତଥା ଭାରତର ବିଭିନ୍ନ ରାଜ୍ୟରୁ ବିଭିନ୍ନ ଭଷାଭାଷୀର ଲେଖକ ଲେଖିକାମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟଯେ, କବି ମନୋରଂଜନ ସାହୁଙ୍କ କବିତା ଅନୁବାଦ ହୋଇ ଦେଶ ବିଦେଶରେ ବିଭିନ୍ନ ପତ୍ରିକା ରେ ପ୍ରକାଶିତ ହୋଇ ବହୁ ପାଠକୀୟ ଆଦୃତି ଲାଭ କରିଛି ।

## ତାଲୁକ ଆଇନ ସେବା ସମିତିର ସଚେତନତା

**ପଟ୍ଟାମୁଣ୍ଡାଇ, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର କୋର୍ଟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ତାଲୁକ୍ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଜଜ ବିଦ୍ୟାଧର ପୃଷ୍ଟିଙ୍କ ପୌରହିତ୍ୟରେ ଆୟୋଜିତ ସଚେତନତା ଶିବିରରେ ସିନିୟର୍ ସିଭିଲ ଜଜ ଅପୂର୍ବା ଚୌଧୁରୀ, ସିଭିଲ ବିଚାରପତି ଜେଏମଏଫସି ବିଦ୍ୟୁତଲତା ପ୍ରଧାନ, ଅତିରିକ୍ତ ସିଭିଲ ବିଚାରପତି ଜେଏମଏଫସି ଡ଼ିକେ ବାଲକ୍ରିଷ୍ଟନ ଯୋଗଦେଇ ମହିଳାମାନଙ୍କ ପ୍ରତି କାର୍ଯ୍ୟ କ୍ଷେତ୍ରରେ ହେଉଥିବା ବିଭିନ୍ନ ପ୍ରକାରର ଯୌନ ଆକ୍ରୋଶ ବିଷୟରେ ଆଲୋଚନା କରିବା ସହ ସେଥିପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କର ଏହି ସଂକ୍ରାନ୍ତୀୟ ବିଭିନ୍ନ ମୋକଦ୍ଦମାର ସ୍ଥିରୀକୃତ ହୋଇଥିବା ସିଦ୍ଧାନ୍ତ ଉପରେ ଆଲୋକପାତ କରିଥିଲେ। ଏହି ସଚେତନାତା ସଭାରେ ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ଆଇନଜିବୀ ସୁରେଶ ନରେନ୍ଦ୍ର, ବରିଷ୍ଠ ଆଇନଜୀବୀ ଅଭିରାମ କୁଣ୍ଡ, ଆଇନଜିବୀ ହୃଦାନନ୍ଦ ମହାନ୍ତି ବିଶ୍ୱନାଥ ରାଉତ, ରିତାଳି ଦାଶ ପ୍ରମୁଖ ଯୋଗ ଏହି ଆଇନ ଅନୁଯାୟୀ ପ୍ରତିଷ୍ଠାନରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ବାଧ୍ୟତାମୂଳକ ବୋଲି ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ ସିଭିଲ କୋର୍ଟରେ ଇଂଟରନାଲ କମ୍ପ୍ଲେନ୍ କମିଟି ଗଠିତ ହୋଇସାରିଛି। ପ୍ରତ୍ୟେକ ସରକାରୀ ଓ ବେସରକାରୀ ସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ବିଇଓ. ଅଫିସ, ଡ଼ିଇଓ ଅଫିସ ତହସିଲ ଅଫିସ ବ୍ଲକ ଅଫିସ, ବ୍ୟାଙ୍କ ସବୁଠାରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ଇଂଟରନାଲ କମ୍ପ୍ଲେନ କମିଟି ଗଠନ କରାଯାଇ ମହିଳାମାନଙ୍କୁ ସୁରକ୍ଷା ଦେବା ଉପରେ ଆଲୋକପାତ କରାଯାଇଥିଲା। ଯେଉଁ ସଂସ୍ଥା କମିଟି ଗଠନ ନକରିବେ ପ୍ରଥମେ ୫୦ ହଜାର ପରେ ୧ ଲକ୍ଷ ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡିବ ବୋଲି ସୂଚନା ଦେଇଥିଲେ । ଏହି ଶିବିରରେ ଲିଗାଲ ଏଡ଼ କର୍ମକର୍ତା ଅପର୍ଣା ସାମଲ, ମୋହନ ଦାଶ, ସିଏସଆଇ କୋର୍ଟର ସମସ୍ତ କର୍ମକର୍ତ୍ତା, ଲିଗାଲ ଏଡ଼ର ସମସ୍ତ ପିଏଲଭି ସଭ୍ୟ ଓ ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ପଟ୍ଟାମୁଣ୍ଡାଇ ଜେଏମଏଫସି କୋର୍ଟ ସରକାରୀ ଆଇନଜୀବୀ ଧୀରେନ୍ଦ୍ରନାଥ ସାହୁ ଧନ୍ୟବାଦ ଦେଇଥିଲେ।

# ୩ ଏକର ବେଆଇନ୍ ଅଫିମ ଚାଷ ଧ୍ୱଂସ

**ବଣାଇଁଗଡ, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**



କିଛି ଦିନ ତଳେ ବଣାଇଁ ଉପଖଣ୍ଡର କୋଇଡା ଅଞ୍ଚଳ ବେଆଇନ ଅଫିମ ଚାଷ ଧରାପଡ଼ିଛି। କିଛି ଦିନ ନ ଯାଉଣୁ ବଣାଇଁ ଉପଖଣ୍ଡ ଗୁରୁଣ୍ଡିଆ ଥାନା ପଙ୍କଡିହି ଗ୍ରାମର ଜରଡା ଅଞ୍ଚଳରେ ଠାବ ହୋଇଛି ବିରାଟ ଅଫିମ କ୍ଷେତ। ଏକର ଏକର ଜାଗାରେ ବେଧଡ଼କ ଅଫିମ ଚାଷ ଚାଲିଥିଲା। ଫୁଲ ଧରିବା ଯାଏଁ ଗଛ ବଢ଼ିସାରିଥିଲା। ଆଉ କିଛି ଦିନ ପରେ ସେଥିରେ ଧରିଥାନ୍ତା ବିଷ ଫଳ ଯେଉଁଥିରୁ ତିଆରି ହୋଇଥାନ୍ତା ହେରୋଇନ୍ ଓ ବ୍ରାଉନସୁଗାର ଭଳି ନିଶାଦ୍ରବ୍ୟ। ହେଲେ ଠିକ୍ ଅମଳ ପୂର୍ବରୁ ମାଡ଼ିବସିଲା ପୋଲିସ୍ ଓ ଅବକାରୀ ବିଭାଗ। ଚାରିପଟେ ଘଞ୍ଚ ଜଙ୍ଗଲ, ମଝିରେ ଧାଡ଼ି ଧାଡ଼ିହୋଇ ଲାଗିଛି ହଜାର ହଜାର ଗଛ, ଫୁଟିଛି ଶହ ଶହ ନିଷିଦ୍ଧ ଫୁଲ। ଏହା କାଶ୍ମୀରର ମନୋରମ ଟୁଲିପ ବଗିଚା ନୁହେଁ। ସୁନ୍ଦରଗଡ଼ ଗୁରୁଣ୍ଡିଆ ଅଞ୍ଚଳର ବେଆଇନ ଅଫିମ କ୍ଷେତ ୩ଏକର ଜାଗା, ୪୨ ହଜାର ଗଛ, ଆନୁମାନିକ ମୂଲ୍ୟ ୪୨ଲକ୍ଷ ଟଙ୍କା। ଏଭଳି ସ୍ଥାନରେ ବିରାଟ ଅଫିମ କ୍ଷେତର ପର୍ଦ୍ଦାଫାସ କରିଛି ପୋଲିସ ଓ ଅବକାରୀ ଟିମ୍। ୨ ପ୍ଲାଟୁନ ଫୋର୍ସ ସହାୟତାରେ ୫ରୁ ୬ ଘଣ୍ଟାର କସରତ ପରେ ସବୁ ଗଛ ନଷ୍ଟ କରାଯାଇଥିଲା। ବୁଧବାର ଏହି ଟିମରେ ଅତିରିକ୍ତ ତହସିଲଦାର ଗୁରୁଣ୍ଡିଆ, ୪ ଥାନା ଅଧିକାରୀ ଓ କର୍ମଚାରୀ, ଅବକାରୀ ବିଭାଗର ଅଧିକାରୀ ଓ କର୍ମଚାରୀ, ବନ ବିଭାଗ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଜଙ୍ଗଲ ଜମିରେ ଏମିତି ବେଧଡ଼କ ବେଆଇନ ଅଫିମ ଚାଷ କରିଥିବା କୌଣସି ଲୋକଙ୍କର ପୋଲିସ ଟେର ପାଇନଥିବା ବେଳେ ଘଟଣାର ତଦନ୍ତ କରୁଥିବା ଜଣାପଡିଛି। କିନ୍ତୁ ଆଉ କେତେ ଦିନ ବାରମ୍ବାର ଖବର ପ୍ରସାରଣ ହେଉଛି କିନ୍ତୁ ପୋଲିସ ଓ ଅବକାରୀ ବିଭାଗର ନିଦ ଭାଙ୍ଗୁ ନାହିଁ। ଫେଇଁ ଶୋଇଥିବ ଯିଏ, ତାକୁ ଉଠେଇବ କିଏ ସେହି ନ୍ୟାୟରେ ବର୍ତ୍ତମାନ କାର୍ଯ୍ୟ ଚାଲିଛି।

ଇତି ମଧ୍ୟରେ ଜଣାପଡ଼ିଛି, ଝାଡ଼ଖଣ୍ଡରୁ ଚାଲିଥିଲା ଅଫିମ ରାକେଟ୍। ଝାଡ଼ଖଣ୍ଡର ୪ ଜଣ ଦୁର୍ବୃତ୍ତ ୨ମାସ ହେଲା ଅଫିମ ଚାଷ କରୁଥିଲେ। ଏସବୁ ଔଷଧୀୟ ଚାରା କହି ଗରିବ ଆଦିବାସୀଙ୍କୁ ଟଙ୍କା ପ୍ରଲୋଭନ ଦେଖାଇ ଚାଷରେ ନିୟୋଜିତ କରିଥିଲେ। ୪ଟି ବିରାଟ ବିରାଟ ଜଙ୍ଗଲ ଜମି ସଫାକରି ଡାଳପତ୍ରରେ ବାଡ଼ କରିଥିଲେ। ପାଖରେ ବହୁଥିବା କାରୋ ନାଳରେ ୨ଟି ବଡ଼ ମୋଟର ଲଗାଇ ଜଳସେଚନ କରୁଥିଲେ। ଏ ସବୁ ସତ୍ତ୍ୱେ ଜଙ୍ଗଲ ବିଭାଗ ଏହାର କୌଣସି ଟେର ପାଉନଥିଲା କେମିତି ? ତାହା ବଡ଼ ସନ୍ଦେହ ସୃଷ୍ଟି କରିଛି। ୧୫ ଦିନ ପୂର୍ବରୁ କେନ୍ଦୁଝରର ବଡ଼ବିଲ ଅଞ୍ଚଳରେ ମଧ ଦେଢ଼ ଏକର ଅଫିମ ଚାଷ ନଷ୍ଟ କରାଯାଇଥିଲା। ଏହି ଅଫିମ ନେଟ୍‌ୱର୍କର ଚେର ଆଉ କେଉଁ ଜିଲ୍ଲାକୁ ବ୍ୟାପିଛି ? କିଏ ଏତେ ଟଙ୍କା ଲଗାଉଛି, ଅଫିମ ଚାଷର ଜଟିଳ ତରିକା ବତାଉଛି ? ଏସବୁ ତଦନ୍ତ ସାପେକ୍ଷ ବୋଲି ସାଧାରଣ ଲୋକ ଦାବି କରିଛନ୍ତି।

## ବାଲିମାଫିଆଙ୍କୁ ମାଡ଼ିବସିଲେ ତହସିଲଦାର



**ନିମାପଡ଼ା, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆଇନ କାନୁନକୁ ଆଖିଠାର ମାରି, କୋଟିକୋଟି ଟଙ୍କାର ରାଜସ୍ୱ ଫାଙ୍କି ନଦୀ ପଠାରୁ ମନଇଚ୍ଛା ବାଲି ମାଟି ତାଡ଼ି ଅଞ୍ଚଳରେ ଦିନକୁ ଦିନ ବାଲି ମାଫିଆଙ୍କ ଉପଦ୍ରବ ବଢ଼ି ଚାଲିଥିବା ବେଳେ ନିମାପଡ଼ା ତହସିଲଦାରଙ୍କୁ ଆକ୍ସନ ମୋଡ଼ରେ ଦେଖିବାକୁ ମିଳିଛି। ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ନିମାପଡ଼ା ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଚାରିଛକ ଥାନା ଅଧିକାରୀ ଶୋଭରାଜ ପ୍ରିୟଦର୍ଶୀ ମହାନ୍ତି ପ୍ରମୁଖ ଏକ ସ୍କ୍ୱାଡ ମିଳିତ ଭାବେ ଚଢ଼ାଉ କରି ଦୁଇଟି ବାଲି ବୋଝେଇ ହାଇୱାକୁ ଜବତ କରିଛନ୍ତି। ନିମାପଡ଼ା, ଚାରିଛକ, ଗୋପ ଆଦି ଅଞ୍ଚଳରୁ ରାତି ଅଧରେ ପ୍ରବଳ ମାତ୍ରାରେ ଚୋରା ବାଲି, ମାଟି ତଥା ଖଣିଜଦ୍ରବ୍ୟ ଆଦି ଚାଲାଣ ହେଉଥିବାର ନିୟମିତ ଖବର ପ୍ରକାଶ ପାଇବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କିଛିଦିନ ହେଲା ଏହି ଏନଫୋର୍ସମେଣ୍ଟ ସ୍କ୍ୱାଡ଼ ଗଠନ କରାଯାଇ ବାଲିମାଫିଆଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିଲା। ମଙ୍ଗଳବାର ରାତ୍ରୀ ପ୍ରାୟ ୧୨ଟା ୩୦ମିନିଟ ସମୟରେ ଚାରିଛକ ବଜାରଠାରୁ ମାତ୍ର ୨ଶହ ମିଟର ଦୂରରେ ଚୋରାବାଲି ବୋଝେଇ ୨ଟି ହାଇୱା ନିମାପଡ଼ା ଅଭିମୁଖେ ଆସୁଥିବା ସମୟରେ ସ୍କ୍ୱାଡ଼ ତାଙ୍କୁ ମାଡି ବସିଥିଲା। ବାଲି ବୋଝେଇ ୨ଟି ହାଇୱା ସମେତ ଗାଡି ଡ୍ରାଇଭର, ହେଲ୍ପର ଏବଂ ସେମାନଙ୍କ ମୋବଇଲ ଫୋନ୍ ପୋଲିସ ଜବତ କରିଛି। ଜବତ କରାଯିବା ପରେ ଏ ସମ୍ବନ୍ଧରେ ପୁରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ, ମାଇନିଂ ଅଧିକାରୀମାନଙ୍କୁ ଅବଗତ କରାଯାଇଛି। ଏହି ପ୍ରକ୍ରିୟା ନିୟମିତ ଜାରି ରହିବ। ଚୋରା ଚାଲାଣ କରୁଥିବା ବାଲି ମାଫିଆମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ମନୋଜ ପ୍ରଧାନ କହିଛନ୍ତି।

## ମତ୍ସ୍ୟଜୀବିଙ୍କ ପାଇଁ ଦକ୍ଷତା ବିକାଶ ତାଲିମ



**ବ୍ରହ୍ମପୁର, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରତ୍ୟେକ ଜୀବନ ଅତି ମୂଲ୍ୟବାନ, ସରକାର ଜିରୋ କାଜୁଆଲଟି ଉପରେ ମୁଖ୍ୟ ଫୋକସ ଦେଇଥାନ୍ତି। ଛତ୍ରପୁର ଓ ଗଞ୍ଜାମ ବ୍ଲକର ସାମୁଦ୍ରିକ ଗ୍ରାମର ବହୁ ମତ୍ସ୍ୟଜିବି ଦୈନିକ ମାଛ ଧରିବା ପାଇଁ ଦୈନିକ ଡଙ୍ଗା ଯୋଗେ ସମୁଦ୍ରକୁ ଯାଇଥାନ୍ତି। କିନ୍ତୁ ସେମାନେ ସମୁଦ୍ରକୁ ଯିବାସମୟରେ ଲାଇଫ ଜ୍ୟାକେଟ ପରିଧାନ କରିନଥାନ୍ତି, ବେଳେ ବେଳେ କୌଣସି କାରଣ ବସତଃ ସମୁଦ୍ରରେ ଉଚ୍ଛଜୁଆର ଆସିଲେ ଡଙ୍ଗା ଓଲଟି ମତ୍ସ୍ୟଜୀବିଙ୍କ ମୃତ୍ୟୁ ହୋଇଥାଏ। ତେଣୁ ସମୁଦ୍ରରେ ଜୀବନର ସୁରକ୍ଷା ନେଇ ଓଡିଶା ସରକାରଙ୍କ ମତ୍ସ୍ୟ ନିର୍ଦ୍ଦେଶାଳୟ ଓ ବିଶାଖାପାଟଣା ସ୍ଥିତ ସିଫନେଟ ସଂସ୍ଥା ପକ୍ଷରୁ ହୁମ୍ମା ଠାରେ ଦିନିକିଆ ମତ୍ସ୍ୟଜୀବୀଙ୍କ ପାଇଁ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମୁଦ୍ରରେ ଜୀବନ ସୁରକ୍ଷା ଏକ କର୍ମଶାଳା ଅନୁଚିତ ହୋଇଥିଲା। ଏଥିରେ ବିଭିନ୍ନ ଅଞ୍ଚଳରୁ ୫୦ରୁ ଊର୍ଦ୍ଧ୍ୱ ସାମୁଦ୍ରିକ ମତ୍ସ୍ୟଜୀବୀମାନେ ଉପସ୍ଥିତ ରହିଥିଲେ। ସମୁଦ୍ରକୁ ଯିବା ସମୟରେ ସେମାନଙ୍କ ସୁରକ୍ଷା ପାଇଁ କ'ଣ ସବୁ ଉପକରଣ ବ୍ୟବହାର କରିବେ ସେନେଇ ସେମାନଙ୍କୁ ଏହି କର୍ମଶାଳାରେ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଛତ୍ରପୁର ସାମୁଦ୍ରିକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ଦେବୀଦତ ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ଅମୀୟ ରଞ୍ଜନ ନାୟକ, ସିଫନେଟ ମୁଖ୍ୟ ପ୍ରଶିକ୍ଷକ ଡକ୍ଟର ମହାଦେବ ରାମା କୋକାନେ, ପି.ରିଜେଶ, ଭିଏସ.ଶରଥ ପ୍ରମୁଖ ଉପସ୍ଥିତ ଥିଲେ।

## ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ



**ବ୍ରହ୍ମପୁର, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ସମାଜକୁ ବରିଷ୍ଠ ନାଗରିକମାନଙ୍କର ଅବଦାନକୁ ସ୍ୱୀକାର କରି ସେମାନଙ୍କ ପ୍ରତି ସମାଜର ଆନୁଗତ୍ୟ ପ୍ରକାଶ କରିବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସପ୍ତାହ ଗଞ୍ଜାମ ଜିଲ୍ଲା ପ୍ରଶାସନ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମପୁର ମହାନଗର ନିଗମର ନୂତନ ସମ୍ମିଳନୀ କକ୍ଷରେ 'ସମ୍ମାନ ଓ ବିଚାର ବିନିମୟ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ମହାନଗର ନିଗମ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀ, ଡେପୁଟି କମିଶନର ଆଶୀର୍ବାଦ ପରିଡ଼ା, ଆସିଷ୍ଟାଣ୍ଟ କମିଶନର ରୋନିତ କୁମାର, ପ୍ରାକ୍ତନ ଡେପୁଟି କମିଶନର ଆଦିତ୍ୟ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ସମସ୍ତ ବରିଷ୍ଠ ନାଗରିକଙ୍କ ସୁବିଧା ଅସୁବିଧା ବୁଝିବା ସହ ସ୍ନେହ ଓ ସମ୍ମାନ କରିବା ବୋଲି କହିଥିଲେ। ଏହି ଆଲୋଚନା ଚକ୍ରର ବିଷୟ ରହିଥିଲା 'ବରିଷ୍ଠ ନାଗରିକ ଆମ ବରିଷ୍ଠ ସମ୍ବଳ'। ବହୁ ସଂଖ୍ୟାରେ ବରିଷ୍ଠ ନାଗରିକମାନେ ଏହି ଆଲୋଚନା ଚକ୍ରରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଡ଼ ସଂଗୀତା ବାବୁ, ନମିତା ମହାପାତ୍ର ଓ ବିରୁପକ୍ଷ ଦାସ ଉପସ୍ଥିତ ଥିଲେ। ପ୍ରଥମ ସ୍ଥାନ ସୁଶାନ୍ତ କୁମାର ପଟ୍ଟନାୟକ, ଦ୍ୱିତୀୟ ଏମ୍ ରାଜୀବ ଓ ମିହିର କାନ୍ତ ମହାପାତ୍ର ଏବଂ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ରୋନିତ କୁମାର ସେଠୀ ଓ ଦିନବନ୍ଧୁ ଶ୍ରିପଲଭ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ପରିଚାଳନା କରିଥିବାବେଳେ ବ୍ରହ୍ମପୁର ମହାନଗର ନିଗମ ସାମାଜିକ ସୁରକ୍ଷା ବିଭାଗରର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ମୌଳିକ ସୁବିଧା ଅଭାବ ନେଇ ଜିଲ୍ଲାପାଳଙ୍କୁ ଗୁହାରି

**ରାୟଗଡ଼ା/ କଲ୍ୟାଣସିଂହପୁର, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**



ନିୟମଗିରି ଅଞ୍ଚଳରେ ମୌଳିକ ସୁବିଧା ପହଞ୍ଚୁନଥିବା ନେଇ ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଥିବା ବେଳେ, କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ପାରାଶାଳୀ ପଞ୍ଚାୟତର ଗ୍ରାମବାସୀ ନିଜମାନଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଭେଟି ଗୁହାରି କରିଛନ୍ତି। ଏହି ପଞ୍ଚାୟତରେ ବସୋବାସ କରୁଥିବା ଡଙ୍ଗରିଆ କନ୍ଧ ସମ୍ପ୍ରଦାୟ ଆଜି ପର୍ଯ୍ୟନ୍ତ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଦାବି କରିଛନ୍ତି। ଅଞ୍ଚଳରେ ଅନେକ ବିପିଏଲ୍ ହିତାଧିକାରୀ ଥିଲେ ମଧ୍ୟ ଗାଁ ନିକଟରେ ରେସନ୍ ଚାଉଳ ମିଳୁନାହିଁ। ଟଙ୍କିକିଆ ଚାଉଳ ପାଇଁ ଲୋକମାନେ ଦୂରସ୍ଥ ଲେଖାପାଦାର ଅଞ୍ଚଳରୁ ପ୍ରାୟ ୧୫ କି.ମି. ଦୂରରେ ଥିବା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ବାଧ୍ୟ ହେଉଛନ୍ତି। ଏନେଇ ପୂର୍ବରୁ ସ୍ଥାନୀୟ ମାଧ୍ୟମରେ ଖବର ପ୍ରକାଶ ପାଇଥିବା ପରେ ଗ୍ରାମବାସୀମାନେ ସମୁହବଦ୍ଧ ଭାବେ ଜିଲ୍ଲାପାଳଙ୍କ ସମ୍ମୁଖରେ ନିଜ ଅସୁବିଧା ଉପସ୍ଥାପନ କରିଥିଲେ।

ବୁଧବାର ଗ୍ରାମବାସୀମାନେ ଆଶୁତୋଷ କୁଲକରନିଙ୍କୁ ଭେଟି ଅଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଜଣାଇଥିଲେ। ଜିଲ୍ଲାପାଳ କହିଥିଲେ ଯେ, ଗ୍ରାମବାସୀମାନେ ପ୍ରଶାସନ ଉପରେ ବିଶ୍ୱାସ ରଖି ନିଜ ସମସ୍ୟା ନେଇ ଆସିଥିବା ଖୁସିର କଥା ଏବଂ ସେମାନଙ୍କର ସମସ୍ତ ଯୁକ୍ତିସଙ୍ଗତ ଦାବିକୁ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, କଲ୍ୟାଣସିଂହପୁରରୁ ଲାକପଦର ପର୍ଯ୍ୟନ୍ତ କୌଣସି ସରକାରୀ ବସ୍ ସେବା ନଥିବାରୁ ଯାତାୟାତରେ ଭାରି ଅସୁବିଧା ହେଉଛି। ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା ନଥିବାରୁ ଲୋକେ ପାହାଡ଼ିଆ ଝରଣାର ପାଣି ଉପରେ ନିର୍ଭର କରୁଛନ୍ତି। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଅଭାବ ସହ ଗମନାଗମନ ପାଇଁ ଥିବା ରାସ୍ତାର ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୟନୀୟ ବୋଲି ସେମାନେ ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ କାମ ନିମ୍ନମାନର ହୋଇଥିବା ସହ ଏପର୍ଯ୍ୟନ୍ତ ଶେଷ ହୋଇନଥିବାକୁ ନେଇ ମଧ୍ୟ ଜିଲ୍ଲାପାଳଙ୍କ ନଜରକୁ ଆଣାଯାଇଥିଲା। ଜିଲ୍ଲାପାଳ ସମସ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଗ୍ରାମବାସୀମାନେ ଶୀଘ୍ର ପ୍ରାୟୋଗିକ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଆଶା ପ୍ରକାଶ କରିଛନ୍ତି।

## ଡ୍ରେନ୍ କାମ ନିମ୍ନମାନର

**କୋଦଳା, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲା କୋଦଳା ଏନଏସିରେ ଭଡାଟିଆ ଜେଇଙ୍କ ଦ୍ୱାରା ଚାଲିଛି ନିମ୍ନମାନର ଉନ୍ନୟନ କାମ। ତଦାରଖ କରିବା ପାଇଁ କେହି ନାହାନ୍ତି, ଯାହାର ଫାଇଦା ନେଉଛନ୍ତି ଅଧିକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ। ଆମେ ଏଥି ପାଇଁ କହୁଚୁ କି ପ୍ରାୟ ଅଢ଼େଇ ମାସ ହେବ କୋଦଳା ଏନଏସିର ଜେଇ ଦୀପିକା ବେହେରାଙ୍କୁ ପୋଲସରା ବଦଳି ହୋଇଗଲାପରେ ଖଲିକୋଟର ଜେଇ ଜିତେନ୍ଦ୍ର ଜେନାଙ୍କୁ ଡେପୁଟେସନରେ କୋଦଳା ଏନଏସିକୁ ଦୁଇ ଦିନ ପାଇଁ କାର୍ଯ୍ୟ କରିବା ପାଇଁ ପିଡି ଦୁଡା ଅଡର କଲେ ତା'ସହ ଚିଠି ନମ୍ବର ୧୫୮୭ ତା ୨୧/୦୭/୨୦୨୩ରେ ବେଗୁନିଆପଡାର ଜେଇ ଧର୍ମେନ୍ଦ୍ର ବାଡତୀୟାଙ୍କୁ ସେତେବେଳର ଗଞ୍ଜାମ ଜିଲ୍ଲାପାଳ କୋଦଳା ଏନଏସିର ଦାୟିତ୍ୱ ଦେଇଥିଲେ। ହେଲେ ତାହାର ଫାଇଦା ନେଇ ଏବେ ସେଇ ଚିଠିକୁ ନେଇ ଅଧ୍ୟକ୍ଷ ଓ ଏଆଇ ଫାଇଦା ଉଠେବାରେ ଲାଗିଛନ୍ତି। ଯାହାର ପରିଣାମ ହେଉଛି ନିମ୍ନମାନର କାମ ସହ କମ କାମକରି ଅତ୍ୟଧିକ ବିଲ କରୁଛନ୍ତି। ଯାହା ଫଳରେ ମୋଟା ଅଙ୍କର ପିସି ନେଇ ମାଲେମାଲ ହେଉଛନ୍ତି ଅଧକ୍ଷ ଓ ଏଆଇ। ବର୍ତ୍ତମାନ କୋଦଳା ଏନଏସିର ୧୨ନମ୍ବର ଓ୍ୱାର୍ଡରେ ଡ୍ରେନ କାମରେ ବାଲି, ମେଣ୍ଟାଲ ଓ ଗୁଡ଼ି ଏକ ଫୁଟୁ ପୋତିବାର ଥିବାବେଳେ ମାତ୍ର ତିନି ଇଞ୍ଚି ପୋତିବା ସହ ୬ ଇଞ୍ଚିରେ ରଡ଼ ବାଇଣ୍ଡିଙ୍ଗ କରିବା ପାଇଁ ଏଷ୍ଟିମେଟରେ ଥିବାବେଳେ ଦଶ ଇଞ୍ଚିରେ ରଡ଼ ବାଇଣ୍ଡିଙ୍ଗ ହେଉଛି ସେଇଭଳି ୧୦ନମ୍ବର ଓ୍ୱାର୍ଡର ସବ୍ ଜେଲ ନିକଟରେ ରାସ୍ତା ନିର୍ମାଣ ଚାଲିଛି ତାହା ମଧ୍ୟ ନିମ୍ନମାନର କାମ ହେବା ସହ ୧୦ଓ୍ୱାର୍ଡର ବିଶୋଇ ସାହିରେ ହୋଇଥିବା ଡ୍ରେନ କାମ ନିମ୍ନମାନର କାମ ସହ କମ କାମ ହୋଇଥିବା ବେଳେ ଏବେ ଅଧିକ ପେମେଣ୍ଟ କରିବା ପାଇଁ ମସୁଦା ଚଳେଇ ଥିବା ନେଇ ବିଶେଷ ସୂତ୍ରରୁ ଖବର ମିଳିଛି। ଯାହାର ଫାଇଦା ନେଇ ଅଧକ୍ଷ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ ଲକ୍ଷ ଟଙ୍କା ଚଳୁ କରିବାରେ ଲାଗିଛନ୍ତି। କୋଦଳା ଏନଏସିରେ ସ୍ଥାୟୀ ଜେଇ ନଥିବାରୁ ଏହି ଦୁଇ ଜଣ ଜେଇ କାମର ତଦାରଖ କରି ପାରୁନାହାନ୍ତି ଯାହା ଫଳରେ କଣ୍ଟ୍ରାକ୍ଟରମାନେ ନିମ୍ନମାନର କାମ କରିବା ସହ କିଛି ବିଜେପି କର୍ମୀଙ୍କୁ ଭାଗରେ ରଖି ଏଇ ଭଳି ମନ ମୁଖି କାର୍ଯ୍ୟ କରୁଛନ୍ତି। ଏଇ ଭଳି କୋଦଳା ଏନଏସିରେ ଦୁର୍ନୀତି ବଢ଼ିବାରେ ଲାଗିଥିବା ବେଳେ ଜିଲ୍ଲାପାଳ, ପିଡି ଓ ରାଜ୍ୟ ସରକାର କାହିଁକି ନିରବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଶ୍ରୀ ଜଗନ୍ନାଥ ମହୋତ୍ସବ

**ନିଆଳି, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ଦ୍ୱିପାଞ୍ଚଳ କସରଦା ଦିପୋଟି ମେଳଣ ପଡିଆରେ ଗତ ୧୧ ତାରିଖରୁ ଆରମ୍ଭ ହୋଇଥିବା ଶ୍ରୀ ଜଗନ୍ନାଥ ମହୋତ୍ସବ ସୋମବାର ଉଦଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ତଥା ନିଆଳି ବିଧାୟକ ଛବି ମଲ୍ଲିକଙ୍କ ତତ୍ୱାବଧାନରେ ପରିଚାଳିତ ଏହି ମହୋତ୍ସବକୁ ବିଧାନସଭାର ବାଚସ୍ପତି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ରାଜ୍ୟ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ପୂର୍ବତନ ଅର୍ଥ ରାଷ୍ଟ୍ର ମନ୍ତ୍ରୀ ପଞ୍ଚାନନ କାନୁନଗୋ, ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ନିଆଳି ବ୍ଲକ ସରପଞ୍ଚ ସଂଘ ସଭାପତି ତ୍ରିନାଥ ମହାନ୍ତି, ଜିଲ୍ଲାପରିଷଦ ସଭ୍ୟା ସୌଦାମିନୀ ମହାପାତ୍ର, ସଭ୍ୟ ଦେବାଶିଷ ଷଡଙ୍ଗୀ, ବିଜେପି ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା ପ୍ରମୁଖ ମହୋତ୍ସବର ବିଭିନ୍ନ ଦିନରେ ଦିନରେ ଯୋଗଦେଇଥିଲେ। ସେହିପରି କଥାକାର ଶିବ ପ୍ରସାଦ ଦାସ, ପଣ୍ଡିତ ଶ୍ରୀନିବାସ ଅଗସ୍ତି, ମନୋଜ ପ୍ରଧାନ, କେଶବ ଦୁତିକୃଷ୍ଣ ଓ ପରିବ୍ରଜକ ପ୍ରମୋଦ କୁମାର ପ୍ରମୁଖ ବିଭିନ୍ନ ଦିବସରେ ଯୋଗଦେଇ ଶ୍ରଦ୍ଧାଳୁମାନଙ୍କୁ ଶ୍ରୀ ଜଗନ୍ନାଥ କଥାମୃତ ଶୁଣାଇଥିଲେ। ବିଧାୟକ ଶ୍ରୀ ମଲ୍ଲିକ ବୈଦିକ ମଣ୍ଡପରେ ଉପସ୍ଥିତ ରହି ସଂକ୍ରିତନ ମଣ୍ଡଳୀ, ଉପସ୍ଥିତ ଅତିଥିମାନଙ୍କୁ ମହୋତ୍ସବ କମିଟି ପକ୍ଷରୁ ସମ୍ମାନିତ କରିବା ସହିତ ମହୋତ୍ସବ କମିଟର କାର୍ଯ୍ୟକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମିଟିର କାର୍ଯ୍ୟକାରି ସଭାପତି କଳ୍ପତରୁ ଖୁଣ୍ଟିଆ, ସମ୍ପାଦକ ଶଶୀକାନ୍ତ ଲେଙ୍କା, ଯୁଗ୍ମ ସମ୍ପାଦକ ସରୋଜ କୁମାର ସ୍ୱାଇଁ, ରଜନୀ କାନ୍ତ ମହାପାତ୍ର, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ଗଗନ ସାହୁ, ବିଜେପି ରାଜ୍ୟ ସମ୍ପାଦକ ସରୋଜ କର, ଗାୟକ ଉଗ୍ରସେନ ପାଢ଼ୀ, ପ୍ରଦୀପ ପାତ୍ର, ଲଲାଟେନ୍ଦୁ ପାତ୍ର, ଶିବରାମ ଖୁଣ୍ଟିଆ, ଯୋଗେଶ ଚନ୍ଦ୍ର ମହାପାତ୍ର, ଗିରିଶ ଚନ୍ଦ୍ର ମହାପାତ୍ର, ଅଶୋକ ରଥ, ରାଜଶ୍ରୀ ଦାସ, ଆରତୀ ସାହୁ, ପ୍ରିୟଙ୍କା ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ଦିନରେ ଓଡିଶୀ, ନଦୀୟା ସଂକ୍ରିତନ ସହ ଲହୁଡି ଓଡିଶୀ ନୃତ୍ୟ ଓ ଭଜନ ପରିବେଷଣ କରାଯାଇଥିଲା।

## ସରକାରଙ୍କୁ ଭୁଆଁ ବୋଲାଉଛନ୍ତି ସିଏମସି ଅଧିକାରୀ

**କଟକ, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସଦର ଅର୍ନ୍ତଗତ ଓ୍ୱାର୍ଡ ନମ୍ବର ୫୭ରେ ସିଏମସି ସାଇ ମନ୍ଦିର ନାମରେ ଖେଳ ପଡିଆ ବାଉଣ୍ଡ୍ରି, ପାର୍କ, ଓ୍ୱାର୍ଡ ଅଫିସ ନାମରେ ସରକାରୀ ଜାଗାକୁ ଅଧିକୃତ କରି କାମ ଆରମ୍ଭ କରିଛି। ଏହି ପ୍ରୋଜେକ୍ଟ ୨୦୨୩ ମସିହାରେ ପୂର୍ବର୍ତନ ବିଧାୟକ ଚନ୍ଦ୍ର ସାରଥୀ ବେହେରା ୨୦୨୩ ମସିହାରେ ଶୁଭ ଦେଇଥିଲେ। କାମ ୨୦୨୪ରୁ କାମ ବେଆଇନି ଭାବେ କରିଆସୁଛନ୍ତି। ପୁଣି ୨୦୨୫ରେ କର୍ପୋରେଟର ଶୁଭ ଦେଲେ। ସେ ଜାଗାରେ ପୁଣିଥରେ ଫଳକ ସୁସଜିତ ଉଦଘାଟନ ପାଇଁ। ସରକାରଙ୍କୁ ମଳିନ କରିବାର ବ୍ୟବସ୍ଥା ସିଏମସି ଆରମ୍ଭ କରିଅଛି। ଓ୍ୱାର୍ଡବାସୀ ଏହି ଜାଗାରେ ବାଉଣ୍ଡ୍ରି, ପାର୍କ ପ୍ରୋଜେକ୍ଟ ବଦଳରେ ମେଡିକାଲ, ପଶୁ ଡାକ୍ତରଖାନା ହେଲେ ଲୋକ ଉପଯୋଗୀ ହେବେ। ବର୍ଷା ଦିନେ ଗ୍ରାମର ପାଣି ଅଣ୍ଟା ଏ ପର୍ଯ୍ୟନ୍ତ ଜମି ରୁହେ ସେ ପାଣି ୫ ମାସ ଜମିରହିବା ସହ କଇଁ ଫୁଲ ମଧ ଫୁଟେ ସିଏମସିକୁ ଗ୍ରାଭାନ୍ସ ଦେଲେ ମଧ ମଟର ଯୋଗେଇବାକୁ ଅକ୍ଷମ ମୁନିସିପାଲିଟି। ଠିକ ଖରା ଦିନ ଆରମ୍ଭ ହେଲେ ମନେପଡେ ପ୍ରକଳ୍ପ କଥା ପୁଣି ଫଳକ ଶୁଭ ଦେଇ କାମ ଆରମ୍ଭ କରିବା। ଜାଗାର କିସମ ଶାବକରେ ଗୋଚର, ବର୍ତ୍ତମାନ ଗ୍ରାମ ଉର୍ଣ୍ଣୟନ କିସମରେ ଖେଳପଡିଆ ପ୍ରକଳ୍ପ କାହାଠାରୁ ଅନୁମୋଦନ ନେଇ ପ୍ରକଳ୍ପ ଆରମ୍ଭ କରିଛନ୍ତି ବୋଲି ପ୍ରଶ୍ନ ସୃଷ୍ଟି କରିଛି। ତଥା ସହ ଗୋପାଳପୁର ଅଞ୍ଚଳରେ ଡ୍ରେନ ସମସ୍ୟା ଦୂର ଲୋକଙ୍କ ମୌଳିକ ସମସ୍ୟା ରାସ୍ତା, ଡ୍ରେନ, ଭତ୍ତା, ଯୋଗ୍ୟ ରାସନ କାର୍ଡଧାରୀଙ୍କୁ କାର୍ଡ ଦେବା, ବର୍ଷାଦିନରେ ଜଳ ନିଷ୍କାସନ, ଅଳିଆ ସଫା ସଠିକ ଭାବେ କରିପାରୁନଥିବା ବେଳେ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଦୁଇ ପ୍ରକଳ୍ପରେ ମଞ୍ଜୁରୀ କରି କାମ କରୁଛନ୍ତି। ଏହି ପ୍ରଶ୍ନ କରିବାରୁ ସିଏମସି ଜେଇ ଗୀତାରାଣୀ ସାହୁ ସରକାର ବିରୋଧରେ ରାଜନୀତି ଆରମ୍ଭ କରିଛନ୍ତି। ପ୍ରକଳ୍ପର ଉଦଘାଟନ ପୂର୍ବରୁ ପୂର୍ବ ବିଧାୟକ ତା: ୪.୧୨.୨୦୨୩ରେ କରିଥିବାବେଳେ ଏବେ ପୁଣି ସରକାରୀ ଦଳକୁ ଭୁଆଁ ବୁଲେଇ ଉଦଘାଟନ ସମାରୋହ ତା ୧୬.୨.୨୦୨୬ରେ ରଖିଥିଲେ ଏହା ସମ୍ବନ୍ଧରେ ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କୁ ଅଜ୍ଞାତ ରଖି ନୂତନ ପ୍ରକଳ୍ପ ଶୁଭ ଦିଆଯିବ ବୋଲି କହି ଉଦଘାଟନ କରିବା ପାଇଁ କହିଥିଲେ। ବିଧାୟକ ଲୋକଙ୍କ ସମସ୍ୟା ବୁଝିବାପରେ ଜେଇଙ୍କୁ ଶୁଭ ଉଦଘାଟନ ତାରିଖ ତା.୧୬ରେ ନ କରିବାକୁ ନିର୍ଦ୍ଦେଶ ଦେଇଥିବାବେଳେ, ଜେଇ ନିଜେ ବିରୋଧୀଦଳ ସପକ୍ଷରେ ରାଜନୀତି ଗୋଟି ଚଳାଇଛନ୍ତି ବୋଲି ଓ୍ୱାର୍ଡ ସାରା ଚର୍ଚ୍ଚା। ଜେଇଙ୍କୁ ଏ ସମ୍ବନ୍ଧରେ ପଚାରିଲେ ସିଟି ଇଞ୍ଜିନିୟର, କମିଶନର ଏସବୁ ବେଆଇନି କାମକୁ କରିବାକୁ ଚାପ ଦେଉଛନ୍ତି ବୋଲି ସଫେଇ ଦେବା ସହ ତାଙ୍କର ଅରାଜକତା ପ୍ରକାଶ କରୁଛନ୍ତି। ଓ୍ୱାର୍ଡ ସମସ୍ୟାର ସମାଧାନ ପରେ ଆଇନଗତ ଭାବେ କୋଟି କୋଟି ଟଙ୍କାର ପ୍ରକଳ୍ପ କଲେ ଅଞ୍ଚଳବାସୀଙ୍କ କିଛି ଅସୁବିଧା ନାହିଁ ବୋଲି କମିଶନରଙ୍କୁ ଉଚ୍ଚତର ତଦନ୍ତ ସହ ମୌଳିକ ସମସ୍ୟା ସମାଧାନ ପାଇଁ ଲିଖିତ ଅଭିଯୋଗ ଦିଆଯାଇଛି।

## ବାଲେଶ୍ୱର ଆଦର୍ଶ କ୍ରିକେଟ୍ କ୍ଲବକୁ ହରାଇ ରାଇଜିଙ୍ଗ ଷ୍ଟୁଡେଣ୍ଟସ ଚମ୍ପିୟାନ

**କୋଣାର୍କ, ୧୮।୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳପଡିଆରେ ଚାଲିଥିବା ଦ୍ୱିତୀୟ ରାଜ୍ୟସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ବାଲେଶ୍ୱର ଆଦର୍ଶ କ୍ରିକେଟ୍ କ୍ଲବ୍‌କୁ ୭ ଓ୍ୱିକେଟରେ ହରାଇ କଟକର ରାଇଜିଙ୍ଗ ଷ୍ଟୁଡେଣ୍ଟସ କୋଣାର୍କ କପ୍ ୨୦୨୬ର ଚମ୍ପିୟାନ ଆଖ୍ୟା ଅର୍ଜନ କରିଛି। ଟସ୍ ଜିତି ବାଲେଶ୍ୱରର ଆଦର୍ଶ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ଓ୍ୱିକେଟ ହରାଇ ୧୩୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରବୀଣ କୁମାର ସର୍ବାଧିକ ୩୩ ବଲରୁ ୫୧ ରନ ଓ ଅବଦୁଲ ଖାନ ୩୨ ରନ ସଂଗ୍ରହ କରିଥିଲେ। ରାଇଜିଙ୍ଗ ଷ୍ଟୁଡେଣ୍ଟସ ଦଳର କୁମାର ଦାନିଶ, ଲକ୍ଷ୍ମଣ କୁମାର ଓ ଡିବି ସାମଲ ପ୍ରତ୍ୟେକ ତିନୋଟି ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ଜବାବରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟସ ୨୨ଓଭର ଖେଳି ମାତ୍ର ୩ ଓ୍ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ। ଦଳ ପକ୍ଷରୁ ବିକ୍ରମ ସାମଲ ସର୍ବାଧିକ ୪୬ରନ ସଂଗ୍ରହ କରିଥିବା ବେଳେ ବାଲେଶ୍ୱର ଦଳର ଅବଦୁଲ ଖାନ ଓ ରୋହିତ ସାଗର ଗୋଟିଏ ଲେଖାଏଁ ଓ୍ୱିକେଟ ଅକ୍ତିଆର କରିଥିଲେ। ବେଷ୍ଟ ବୋଲର ଭାବେ ରାଇଜିଙ୍ଗ ଦଳର ଦେବଦତ୍ତ ସାମଲ, ବେଷ୍ଟ ବ୍ୟାଟସ ମ୍ୟାନ ଓ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ବିକ୍ରମ ସାମଲ ପୁରସ୍କୃତ ହୋଇଥିଲେ। ମ୍ୟାନ ଅଫ ସିରିଜି ଭାବେ ବାଲେଶ୍ୱର ଆଦର୍ଶ କ୍ରିକେଟ୍ କ୍ଲବର ପ୍ରବୀଣ କୁମାର ପୁରସ୍କୃତ ହୋଇଥିଲେ। ଚମ୍ପିୟାନ ଦଳକୁ ଟ୍ରଫି ସହ ୪୦ ହଜାର ନଗଦ ଟଙ୍କା ଓ ରନର୍ସ ଅପ ଦଳକୁ ୩୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିବା ଆମ୍ପେୟାର୍ ନିର୍ମଳ ମିଶ୍ର, ଆୟସକାନ୍ତ ମିଶ୍ର ଓ ଭାଷ୍ୟକାର ରସିଦ ଖାନ ଓ ମହିଳା ଭାଷ୍ୟକାର ସିମରନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦଯାପନୀ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ନିମାପଡ଼ା ପ୍ରେସ କ୍ଲବ୍ ସଭାପତି ଅକ୍ଷୟ ବେହେରା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ୍, ଏମପି ପ୍ରତିନିଧି ସୁଦର୍ଶନ ସ୍ୱାଇଁ, ଫୋକସ ପ୍ଲସ ସମ୍ପାଦକ ସୁଧାଂଶୁ ଶେଖର ରାଉତ, ପୁରୀ ଜିଲ୍ଲା ପେଶାଦାର ସାମ୍ବାଦିକ ସଂଘ ସଂପାଦକ ଆଦିତ୍ୟ ରାଉତ, ଅଧ୍ୟାପିକା ସୁଚିସ୍ମିତା ସରକାର, ବିଜେପି କୋଣାର୍କ ମଣ୍ଡଳ ସଭାପତି ଗୋପୀନାଥ ସ୍ୱାଇଁ, ସୁକାନ୍ତ ନାୟକ, ମଙ୍ଗରାଜ ମୁଦୁଲି କୋଣାର୍କ ଭଗବତୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଅବତାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 62-KUR-TRD-OT-2025-26

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଷ୍ଟ୍ରେନ୍ କ୍ଲାମ୍ପ (Strain Clamp)ରେ ଫିଡର ୱାୟର ଛିଡ଼ିବାକୁ ଏଡ଼ାଇବା ପାଇଁ ଷ୍ଟ୍ରେନ୍ କ୍ଲାମ୍ପରୁ ଫିଡର ୱାୟରର ବିଭାଜନକୁ ନିବାରଣ କରିବା ନିମନ୍ତେ ଷ୍ଟାଣ୍ଡାର୍ଡ ଟର୍ମିନେସନ୍ (Standard Termination) ଆରେଞ୍ଜମେଣ୍ଟର ରୂପାନ୍ତରଣ / ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ :** ₹ 1,97,10,244.28, EMD : ₹ 2,48,600/-, ଶେଷ ହେବା ଅବଧି: 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.02.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.05.03.2026ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-1129/Q/25-26

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୧୯ ଫେବୃଆରୀ ୨୦୨୬ ● ଗୁରୁବାର


## ପ୍ରକଳ୍ପ କାର୍ଯ୍ୟକୁ ନେଇ ଗୋଷ୍ଠୀ ବିବାଦ: ରାସ୍ତାରୋକ



**ବାଲିଅନ୍ତା:ଏକ୍ସପ୍ରେସ୍ ନ୍ୟୁଜ୍**

ବାଲିଅନ୍ତା ବ୍ଲକ ଭିଙ୍ଗାରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଉନ୍ନତୀକରଣ ପ୍ରକଳ୍ପ କାର୍ଯ୍ୟକୁ ନେଇ ଦୁଇ ଠିକା ଗୋଷ୍ଠୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଆଜି ପୁଣି ଉଗ୍ର ରୂପ ନେଇଛି। ଗୋଟିଏ ଗୋଷ୍ଠୀ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାରୁ ଏହାକୁ ନେଇ ଆଜି ପୁଣି ଉତ୍ତେଜନା ଦେଖାଦେଇଥିଲା। ପୂର୍ବରୁ ଗୋଟିଏ ଗୋଷ୍ଠୀ ପ୍ରକଳ୍ପ ସୂଚନା ଫଳକ ନିର୍ମାଣ କରିଥିବା ବେଳେ ବିରୋଧୀ ଗୋଷ୍ଠୀ ନିଅଁ ଖୋଳିଥିଲା। ନିଅଁ ଖୋଳାଇଥିବା ଗୋଷ୍ଠୀ ପୁଣି ଗତକାଲି ରାତାରାତି ପିଲର ନିର୍ମାଣ କରିଥିଲା। ଏହାକୁ ନେଇ ଆଜି ପୂର୍ବାହ୍ନରେ ପୁଣି ଉତ୍ତେଜନା ଉପୁଜିଥିଲା। ଫଳକ ନିର୍ମାଣ କରିଥିବା ଠିକା ଗୋଷ୍ଠୀଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ଦୀର୍ଘ ସମୟ ଧରି ରାମଚନ୍ଦ୍ରପୁର ଛକରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଏନେଇ ଘଟଣାସ୍ଥଳରେ ଭୀଷଣ ଉତ୍ତେଜନା ଦେଖାଦେଇଥିଲା। ଚାରିପାର୍ଶ୍ୱ ରାସ୍ତାରେ ବହୁ ସଂଖ୍ୟାରେ ଗାଡିମଟର ଅଟକି ରହିଥିଲା। ଖବର ପାଇ ଥାନା ଅଧିକାରୀ ଅନୀଲ କୁମାର ପରିଡା ଓ ଜୋନ-୪ ଏସିପି ଅଭିମନ୍ୟୁ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ହେଲେ ଉତ୍ୟକ୍ତ ଲୋକ କିଛି ଶୁଣିନଥିଲେ। ମହିଳାମାନେ ନିଅଁ ପୋତିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ସୂଚନାଯୋଗ୍ୟ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବିଦ୍ୟାଳୟ ଉନ୍ନତୀକରଣ ନେଇ ୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ହେଲେ ଉଭୟ ଗୋଷ୍ଠୀ ଠିକାକାମ କରିବାକୁ ଯିଦି କରୁଥିବାରୁ ବିବାଦ ବଢୁଛି। ଅପରପକ୍ଷରେ ସାଂସଦଙ୍କ ପ୍ରତିନିଧି ଚୌଧୁରୀ ଦ୍ୱାରିକା ନାଥ ଦାଶ ସ୍କୁଲ କଲେଜ ପରୀକ୍ଷା ବେଳେ ରାସ୍ତାରୋକ କରାଯିବା ଘଟଣାକୁ ଘୋର ନିନ୍ଦା କରିଛନ୍ତି।

## ସକିଲକୁ ଏନ୍ଏସ୍ଏରେ ଅଟକ ରଖିବାକୁ ନିର୍ଦ୍ଦେଶ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଜାତୀୟ ନିରାପତ୍ତା ଆଇନ ୧୯୮୦ର ଧାରା ୩ ଅନ୍ତର୍ଗତ ଉପଧାରା (୨) ଅନୁସାରେ ପ୍ରଦତ୍ତ କ୍ଷମତା ବ୍ୟବହାର କରି କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ ତିଗିରିଆ ଥାନା ଅନ୍ତର୍ଗତ କରଡ଼ାପାଲି ଗ୍ରାମର ବସିର ଖାନଙ୍କ ପୁତ୍ର ସକିଲ ଖାନ୍ଙ୍କୁ (୩୫)କୁ ଅନ୍ୟାଦେଶ ପର୍ଯ୍ୟନ୍ତ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ରେ ଅଟକ ରଖିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ସର୍ବସାଧାରଣ ଶୃଙ୍ଖଳା ରକ୍ଷାରେ ବିଘ୍ନ ସୃଷ୍ଟି ହେବାର ଆଶଙ୍କା ଦୃଷ୍ଟିରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଏହା ପୂର୍ବରୁ କଟକ ଆରକ୍ଷୀ ଅଧିକ୍ଷକ ୦୬.୦୨.୨୦୨୬ରେ ସକିଲ ଖାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ । ପରେ ରାଜ୍ୟ ସରକାରଙ୍କ ଘରୋଇ ବିଭାଗର ଆଦେଶ ଅନୁସାରେ ସକିଲ ଖାନଙ୍କୁ ଜାତୀୟ ନିରାପତ୍ତା ଆଇନ ଅଧୀନରେ ପୁର୍ନବାର ଅଟକ ରଖିବାକୁ ନିର୍ଦ୍ଦେଶ ଦିଆଗଲା । ବର୍ତ୍ତମାନ ସକିଲ ୨୦୨୫ ମସିହାର ଏକ ମାମଲାରେ ୩୦୩(୨)/୩୧୭(୨)/୧୨୬(୨)/୧୧୫(୨)/୧୧୮(୧)/୧୩୨/୧୦୯(୧)/୩(୫) ବିଏନଏସ/୧୧(୧)(ଡ଼ି) ଅଫ ଦି ପ୍ରିଭେନସନ ଅଫ କ୍ରୁଏଲିଟି ଟୁ ଆନିମଲ ଆକ୍ଟ/ସେକ୍ସନ ୭(୧) ଅଫ ଦି ଓଡ଼ିଶା ପ୍ରିଭେନସନ ଅଫ କାଓ ସ୍ଲଟର ଆକ୍ଟରେ ଆଦର୍ଶ କଏଦୀ କାରାଗାର, ରାଧାରମଣପୁର, ଆଠଗଡ଼ର ନ୍ୟାୟିକ ହେପାଜତରେ ଅଛନ୍ତି।

## କଡା ସୁରକ୍ଷା ବଳୟରେ +୨ ପ୍ରଶ୍ନପତ୍ର

**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ଠାରୁ ଆରମ୍ଭ ହୋଇଛି ଓଡ଼ିଶା ଉଚ୍ଚମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା। ଏହି ପରିପ୍ରେକ୍ଷୀରେ ବାଙ୍କୀ କଲେଜରେ ପ୍ରଶ୍ନପତ୍ରର ଏକ ହବ୍ ଓଡ଼ିଶା ଉଚ୍ଚମାଧ୍ୟମିକ ପରିଷଦ ତରଫରୁ ରହିଛି। ଏହି ହବ୍‌ରୁ ପ୍ରତିଦିନ ଯେଉଁ ପ୍ରଶ୍ନପତ୍ରର ପରୀକ୍ଷା ହେଉଛି ସେଠାକୁ ଦୁଇଗୋଟି କାର୍ ଯୋଗେ ପରୀକ୍ଷା କେନ୍ଦ୍ରକୁ ପୋଲିସ୍ ଓ ଅବଜରଭର ପ୍ରଶ୍ନପତ୍ର ନେଇ ପହଞ୍ଚିବାର ବ୍ୟବସ୍ଥା ହୋଇଛି। ବାଙ୍କୀ କଲେଜ ହବ୍‌ର ସୁପରଭାଇଜର ଭାବେ ଅଧ୍ୟକ୍ଷ ପ୍ରମୋଦ କୁମାର ପଣ୍ଡା ଓ ସହକାରୀ ସୁପରଭାଇଜର ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ ଦାୟିତ୍ୱରେ ରହିଛନ୍ତି। ଏହି ସମସ୍ତ କାର୍ଯ୍ୟକୁ ସହକାରୀ ସତିଶ କୁମାର ମହାପାତ୍ର ସହାୟତା କରୁଛନ୍ତି। ଚଳିତ ବର୍ଷ ବାଙ୍କୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୫୯୯ଜଣ ଛାତ୍ରଛାତ୍ରୀ , କଳାପଥର -ଧଳାପଥର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ କଳା, ବିଜ୍ଞାନ ଓ ବାଣିଜ୍ୟରେ ୩୧୩ଜଣ, ବୈଦ୍ୟେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳାରେ ୧୬୮ଜଣ, ରାଣୀଶୁକଦେଇ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳାରେ ୧୭୯, ଡମପଡ଼ା ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳାରେ ୧୩୫ଜଣ ଓ ପ୍ରଭା ରାଉତରାୟ ଗୋଡିସାହି ଉଚ୍ଚମାଧ୍ୟମିକ ବିଦ୍ୟାଳୟ କଳାରେ ୯୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ବାଙ୍କୀ କଲେଜର ଯୁକ୍ତଦୁଇ ପରୀକ୍ଷାର ପରିଚାଳକ ଭାବେ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ଓ ସହକାରୀ ପରୀକ୍ଷା ପରିଚାଳକ ଭାବେ ଅଧ୍ୟାପକ ଯୁଗୋଳ କିଶୋର ମଣ୍ଡଳ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ବିଜେଡି ପକ୍ଷରୁ ଆଇଆଇସିଙ୍କୁ ସମ୍ବର୍ଦ୍ଧନା

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ଗୋପ ଥାନାକୁ ବଦଳି କରାଯାଇଥିବା ବେଳେ ସେହିସ୍ଥାନରେ ନୂତନ ଭାବେ ବିଦିତା ନାୟକ ଯୋଗଦେଇଛନ୍ତି। ମଙ୍ଗଳବାର ଦିନ ଅସ୍ତରଙ୍ଗ ବ୍ଲକ୍ ବିଜୁ ଜନତା ଦଳ ପକ୍ଷରୁ ସଭାପତି ପଞ୍ଚାନନ ସ୍ୱାଇଁଙ୍କ ନେତୃତ୍ୱରେ ନୂତନ ଥାନା ଅଧିକାରୀଣି ଶ୍ରୀମତୀ ନାୟକଙ୍କୁ ଉତ୍ତରୀୟ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ୧ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ବରିଷ୍ଠ ନେତା ଗଦାଧର ବିଶ୍ୱାଳ, ଯୁବ ବିଜେଡି ସଭାପତି ପ୍ରଶାନ୍ତ କୁମାର ନାୟକ, ଚମ୍ପକ ବାରିକ୍, ବିଧାୟକ ପ୍ରତିନିଧି ଭୀମସେନ ସ୍ୱାଇଁ, ସରପଞ୍ଚ ଖିରୋଦ କୁମାର କାଣ୍ଡି, ବୃନ୍ଦାବନ ନାୟକ, ସମିତି ସଭ୍ୟ ବିମ୍ବାଧର ବିଶ୍ୱାଳ, ଯୁବ ନେତା ସାଇରଞ୍ଜନ ପ୍ରଧାନ ଓ ତ୍ରିଭୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ଅଂଚଳରେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିବା ବ୍ଲକ୍ ସଭାପତି ଶ୍ରୀ ସ୍ୱାଇଁ କହିଛନ୍ତି।

## ତାପଜ କୋଇଲା ଖଲାସରେ ପାରାଦୀପ ବନ୍ଦରର ରେକର୍ଡ

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**

ପଣ୍ୟ ପରିଚାଳନାରେ ପାରାଦୀପ ବନ୍ଦର ପ୍ରାଧିକରଣ ସର୍ବ ଭାରତୀୟ ସ୍ତରରେ ରେକର୍ଡ ଭାଙ୍ଗିବା ଧାରା ଜାରି ରଖିଛି। ଏହି କ୍ରମରେ ଗୋଟିଏ ଦିନରେ ସର୍ବାଧିକ ତାପଜ କୋଇଲା ଖଲାସ କରି ପାରାଦୀପ ବନ୍ଦର ଏକ ବିରଳ କୀର୍ତ୍ତିମାନ ସ୍ଥାପନ କରିଛି। ଚଳିତ ଫେବୃଆରୀ ୧୪ ତାରିଖରେ ସଫଳତାର ସହ ୪୭ଟି ରେକ୍ ଅନଲୋଡ୍ କରାଯାଇ ୪୧ଟି ବଗି ଓପନ୍ ବଟମ୍ ରାପିଡ୍ ଡିସଚାର୍ଜ (ବିଓବିଆରଏନ) ରେକ୍, ୬ଟି ବଗି ଓପନ୍ ହାଇ ସାଇଡେଡ୍ (ବିଓଏକ୍ସଏନ) ରେକ୍‌ରୁ ତାପଜ କୋଇଲା ଖଲାସ କରାଯାଇଥିଲା। ଏହି ସଫଳତା ହାସଲ ପରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ସମସ୍ତ କର୍ମଚାରୀ ଓ ସହଯୋଗୀଙ୍କୁ ସେମାନଙ୍କ ଉତ୍ସର୍ଗତା ପାଇଁ ଅଭିନନ୍ଦନ ଜଣାଇଥିଲେ। ସେ ଉଲ୍ଲେଖ କରିଥିଲେ ଯେ ଏହି ମାଇଲଖୁଣ୍ଟ କେବଳ ଏକ ସଂଖ୍ୟା ନୁହେଁ ବରଂ ବନ୍ଦରରେ ବର୍ତ୍ତମାନ ଥିବା ନିରନ୍ତର ପ୍ରୟାସ, ଯନ୍ତ୍ରବାନ ଯୋଜନା ଏବଂ ଦୃଢ଼ କାର୍ଯ୍ୟକ୍ଷମ ଭିତ୍ତିଭୂମିର ଏକ ପ୍ରମାଣ। କାର୍ଯ୍ୟକ୍ଷମ ସମୟକୁ ଅନୁକୂଳତମ କରି ଏବଂ ପଣ୍ୟ ପରିଚାଳନା ପ୍ରକ୍ରିୟାକୁ ସୁଗମ କରି ପାରାଦୀପ ବନ୍ଦର ଭାରତର ଶକ୍ତି ଯୋଗାଣ ଶୃଙ୍ଖଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଚାଲିଛି।

## ୧୯ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ: ଜଣେ ଗିରଫ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ବୁଧବାର ସ୍ଥାନୀୟ ସତୀ ଚଉରା ସ୍ଥିତ ଅଶ୍ୱିନୀ ହସପିଟାଲ ରୋଡ଼ ନିକଟରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ କଟକ ଜିଲ୍ଲାର ରୁବି ବେଗମ (୨୦) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୮୬ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୯ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୀରା ଦଳପତି, ଏସଆଇ ଶେଖ ସାକିରଉଲ୍ଲା, ଏଏସଆଇ ଏଆର ମଲ୍ଲିକ, ଆଲୋକ ଖଟୁଆ ଓ କର୍ଣ୍ଣ ଓରାମ ଏବଂ କନେଷ୍ଟବଳ ସୌଭିତା ମଲ୍ଲିକ, ଅର୍ଣ୍ଣପୂର୍ଣ୍ଣା ଗଣ୍ଡ, ଗୌରାଙ୍ଗ ନାୟକ, ଦେବାଶିଷ ବେହେରା, ସୁମିତ ନାୟକ, ରଂଜିତ ସାହୁ, ପବିତ୍ର ଦାଶ ଓ ଜଗନ୍ନାଥ ସାହୁ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ୧୦ ମାସ ପରେ ମଧ ୫୦%ରୁ ଅଧିକ ବଜେଟ ରାଶି ଖର୍ଚ୍ଚ ହୋଇନି: କଂଗ୍ରେସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଆର୍ଥିକ ବର୍ଷ ସରିବାକୁ ମାତ୍ର ଆଉ ଦୁଇଟି ମାସ ବାକି ଅଛି। କିନ୍ତୁ ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଯେଉଁ ବଜେଟ ଉପସ୍ଥାପନ କରିଥିଲେ ୧୦ ମାସ ପରେ ମଧ ସମୁଦାୟ ବଜେଟର ୫୦ ପ୍ରତିଶତରୁ ଅଧିକ ଅର୍ଥ ରାଶି ଏ ପର୍ଯ୍ୟନ୍ତ ଖର୍ଚ୍ଚ କରି ପାରିନାହାନ୍ତି।

ପ୍ରକାଶ ଥାଉ କି ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟ ସରକାର ୨ ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ପ୍ରସ୍ତାବ ବିଧାନସଭାରେ ପାରିତ କରିଥିଲେ। କିନ୍ତୁ ୨୦୨୬ ଜାନୁୟାରୀ ମାସ ଶେଷ ସୁଧା ମାତ୍ର ୧ ଲକ୍ଷ ୬୩ ହଜାର ୬୬୪ କୋଟି ଟଙ୍କା ବେୟ କରାଯାଇଛି, ଯାହାକି ସମୁଦାୟ ବଜେଟ ପ୍ରସ୍ତାବର ୫୭ ପ୍ରତିଶତ। ସରକାରଙ୍କର ଅପାରଗତା, ଧାନ କିଣା ସମସ୍ୟା ଓ ଗତକାଲି ବିଧାନସଭାରେ ରାଜ୍ୟପାଳଙ୍କ ଅଭିଭାଷଣ ପ୍ରସଙ୍ଗକୁ ନେଇ ଆଜି କଂଗ୍ରେସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଦଳର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସନ୍ତୋଷ ସିଂ ସାଲୁଜା କହିଥିଲେ ଯେ ରାଜ୍ୟରେ ସମୁଦାୟ ଋଣ ଭାର ୨୦୨୬-୨୭ ସୁଧା ୧ ଲକ୍ଷ ୫୦ ହଜାର କୋଟି ଟଙ୍କା ଛୁଇଁବ। ରାଜ୍ୟରେ ଚାଷୀମାନଙ୍କର ଧାନ କିଣାଯାଉନାହିଁ। ଧାନର ସର୍ବନିମ୍ନ ସହାୟ ମୂଲ୍ୟ ୨୩୬୯ ଟଙ୍କା ହୋଇଥିଲାବେଳେ ଇନ୍‌ପୁଟ ସବ୍‌ସିଡିକୁ ମିଶାଇ ୩୧୬୯ ଟଙ୍କା ପରିବର୍ତ୍ତେ ମାତ୍ର ୩୧୦୦ ଟଙ୍କା




କିଣାଯାଉଛି ଅର୍ଥାତ ଇନ୍‌ପୁଟ ସବ୍‌ସିଡି ରାଶି ୮୦୦ ଟଙ୍କାରୁ ଏ ସରକାର କମ୍ କରି ୭୩୧ ଟଙ୍କା ଦେଉଛନ୍ତି। ବିକାଶ ଆକାଶରୁ ଖସେ ନାହିଁ। ବିକାଶ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଦରକାର। ଏ କ୍ଷେତ୍ରରେ ଡବଲ ଇଞ୍ଜିନ ସରକାର ସଂପୂର୍ଣ୍ଣ ରୂପେ ଫେଲ ମାରିଛି। ରାଜ୍ୟର ଋଣ ଭାର ବହୁ ପରିମାଣରେ ବିଗତ ୨ ବର୍ଷ ଭିତରେ ବୃଦ୍ଧି ପାଇଛି। ଚାଷୀମାନଙ୍କ ପାଖରୁ ଧାନ ଉଠାଯାଉନାହିଁ। ମାସ ମାସ ଧରି ମଣ୍ଡିରେ ବସି ରହିଛନ୍ତି। କିନ୍ତୁ ସେମାନଙ୍କ କଥା ଏ ସରକାର ସଂପୂର୍ଣ୍ଣ ଅଣଦେଖା କରିଚାଲିଛି। ଗତକାଲି ବିଧାନସଭାରେ ରାଜ୍ୟପାଳ ଯେଉଁ ଅଭିଭାଷଣ ରଖିଛନ୍ତି, ତାହା ସଂପୂର୍ଣ୍ଣ ମିଛ ତଥ୍ୟ। ଏ ସରକାର ରାଜ୍ୟପାଳଙ୍କ ମୁହଁରେ ମିଛ କୁହାଉଛନ୍ତି।

ବିଧାୟକ ପବିତ୍ର ସାଉଁତା କହିଥିଲେ ଯେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ଚରମସୀମାରେ ପହଂଚି ସାରିଛି। ଏମିତି କୌଣସି ଜିଲ୍ଲା ନାହିଁ ଯେଉଁଠି ଘୃଣା ହିଂସା ସରକାରୀ ଦଳର କର୍ମୀ ବା ସଂଗଠନ ଦ୍ୱାରା କରାଯାଉନାହିଁ। ୩୦୦ ୟୁନିଟ୍ ମାଗଣା ବିଜୁଳି ଦେବା ପାଇଁ କହିଥିଲେ, କିନ୍ତୁ ୩ ୟୁନିଟ୍ ବିଜୁଳି ମାଗଣା ଦିଆଗଲା ନାହିଁ। ବରଂ ସ୍ମାର୍ଟ ମିଟର ଲଗାଇ ଲୋକଙ୍କୁ ଶୋଷଣ କରାଯାଉଛି। ରାଜ୍ୟ ସରକାର ବଜେଟ ରାଶି ଖର୍ଚ୍ଚ କରିପାରୁନାହାନ୍ତି କିନ୍ତୁ କାହିଁକି ସପ୍ଲିମେଂଟାରୀ ବଜେଟ ଆଣିଥିଲେ। କେବଳ ବଜେଟର ଆକାରକୁ ବଡ ଦେଖାଇବା ପାଇଁ, ନା ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କରିବା ପାଇଁ।

ପ୍ରଦେଶ କଂଗ୍ରେସ ବରିଷ୍ଠ ମୁଖପାତ୍ର କଟୁ ସମାଲୋଚନ କରି କହିଥିଲେ ଯେ, ରାଜ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ବିନିଯୋଗ ପାଇଁ ୬୫ ହଜାର ୧୨ କୋଟି ଟଙ୍କାର ପ୍ରସ୍ତାବ ରଖିଥିଲାବେଳେ ମାତ୍ର ୨୯ ହଜାର ୧୯୬ କୋଟି ଟଙ୍କା ୧୦ ମାସ ମଧ୍ୟରେ ଖର୍ଚ୍ଚ କରିଛନ୍ତି ଯାହାକି ସମୁଦାୟ ବଜେଟ ୪୬ ପ୍ରତିଶତ। ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ଓ ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ ପାଇଁ ଘୋଷଣା କରିଥିଲେ କିନ୍ତୁ ଗୋଟେ ବର୍ଷ ବିତିଗଲାଣି ଏଥିପାଇଁ ସରକାରଙ୍କର କୌଣସି ତତ୍ପରତା ଦେଖାଯାଉନାହିଁ। ୨୦୦ କୋଟି ଟଙ୍କା ବଜେଟ ବ୍ୟୟ ବରାଦ ପରିଷଦ ଗଠନ ପାଇଁ କରାଯାଇଥିଲା ବେଳେ ମାତ୍ର ୨ କୋଟି ଟଙ୍କା ମଧ ଖର୍ଚ୍ଚ କରାଯାଇନାହିଁ। ନଦୀର ପ୍ରବାହିତ ଜଳକୁ ସଂରକ୍ଷଣ କରିବା ପାଇଁ ୮୮୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା, କିନ୍ତୁ ଚଳିତ ଆର୍ଥିକ ବର୍ଷର ୧୦ ମାସ ବିତିଯାଇଥିଲେ ମଧ କୌଣସି ଏକ ନଦୀରେ ଜଳ ସଂରକ୍ଷଣ କରିବା ପାଇଁ କାର୍ଯ୍ୟ ଆରମ୍ଭ ହୋଇନାହିଁ। ରାଜ୍ୟରେ ମଡେଲ ମଣ୍ଡି କରିବା ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଜିଲ୍ଲାରେ ମଡେଲ ମଣ୍ଡି ହୋଇଛି ତାହା ସରକାର ନିଜେ ଜାଣନ୍ତି ନାହିଁ। ଶିକ୍ଷା, ମହିଳା ଓ ଶିଶୁ ବିକାଶ, ଗ୍ରାମାଞ୍ଚଳ ବିକାଶ ଓ ସ୍ୱାସ୍ଥ୍ୟ କ୍ଷେତ୍ର ଭଳି ବିଭାଗରେ ମାତ୍ର ୪୪ ରୁ ୫୦ ପ୍ରତିଶତ ଖର୍ଚ୍ଚ ହୋଇଛି। ଏ ପର୍ଯ୍ୟନ୍ତ ଏକ ସିଂହ ଭାଗ ଅର୍ଥ ଖର୍ଚ୍ଚ ନ ହୋଇ ପଡ଼ିରହିଛି। ଯଦି ଗ୍ରାଉଣ୍ଡ ଜିରୋରେ ସ୍ୱାସ୍ଥ୍ୟ, ଶିକ୍ଷା, ଗ୍ରାମୀଣ ବିକାଶ, ସ୍ୱଚ୍ଛ ପାନୀୟ ଜଳ, ଜଳସେଚନ ଇତ୍ୟାଦି କ୍ଷେତ୍ରରେ ପୁଞ୍ଜି ଖର୍ଚ୍ଚ ହେବ ନାହିଁ, ତାହାଲେ ବିକାଶ କିଭଳି ହେବ? ବିକାଶ କଥାରେ ହୁଏ ନାହିଁ। ଏଥିପାଇଁ ଆବଶ୍ୟକ କାମ କରିବାକୁ ପଡିବ। ସରକାର କେବଳ ମିଛି ବାହାସ୍କଟ ମାରିବା ଛଡା ଅନ୍ୟ କିଛି କରୁନାହାନ୍ତି। ୨୦୩୬ ମସିହାର ବିକାଶର ସ୍ୱପ୍ନ ଦେଖାଉଛନ୍ତି କିନ୍ତୁ ଏହି ସରକାର ୨୦୨୯ କାର୍ଯ୍ୟକାଳ ଭିତରେ କଣ କରିବେ ସେ କଥା କହୁନାହାନ୍ତି। ଏହା ହେଉଛି ଏ ସରକାରର ସଂପୂର୍ଣ୍ଣ ବିଫଳତା। ନିଜର ଅପରଗତକୁ ଲୁଚାଇବାକୁ ଯାଇ ମିଛକୁ ଆଶ୍ରା କରିବ ବଡ ବଡ ସ୍ୱପ୍ନର ଧୂଆଁ ବାଣ ଦେଖାଉଛି ବୋଲି ସେ କହିଛନ୍ତି।

## ଜିଲ୍ଲାପାଳଙ୍କ ହସ୍ତକ୍ଷେପ ପରେ ଧାନ ଉଠିଲା

**ବୈଶିଙ୍ଗା:ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନା ଅନ୍ତର୍ଗତ ନଡପୁର ଧାନ ମଣ୍ଡିରେ ୪/୫ଦିନ ଧରି କାଟେଣୀକୁ ନେଇ ଅଚଳାବସ୍ଥା ଜାରି ରହିଥିଲା। ନବନିର୍ମାଣ କୃଷକ ସଂଗଠନ ତରଫରୁ ଜିଲ୍ଲା ସଭାପତି ଓ ବେତନଟୀ ବ୍ଲକ ସଭାପତିଙ୍କ ଉଦ୍ୟମରେ ଗତ କାଲି ନଡ଼ପୁର ମଣ୍ଡିରେ ୭ ଜଣ ଚାଷୀଙ୍କ ଧାନ ବିନା କାଟେଣିରେ ଉଠିଲା। ଧାନ ଭଲ ଅଛି କାଟେଣି ଦେବୁନାହିଁ କହିବାରୁ ମିଲର୍ ମଣ୍ଡିରୁ ଧାନ ଉଠେଇ ନଥିଲେ। କିନ୍ତୁ ଚାଷୀ ଜୟନ୍ତ ମହାନ୍ତି, ହେମେନ୍ଦ୍ର ହାଁସଦା, ଜିତେନ୍ଦ୍ର ଜେନାଙ୍କ ପରି ଅନ୍ୟ ଚାଷୀମାନେ ସଂଗଠନକୁ ଜଣାଇବା ପରେ ସାହାସର ସହିତ ୮/୧୦ କିଲୋ ଧାନ କାଟେଣିକୁ ବିରୋଧ କରିଥିଲେ। ମଣ୍ଡିରେ ଧାନ ନ ଉଠିବା କଥା ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବା ପରେ ଶେଷରେ ବିନା କାଟେଣିରେ ଧାନ ଉଠିଲା। ପ୍ରତି ମଣ୍ଡିରେ ଏହିଭଳି କାଟେଣୀ ବନ୍ଦ କରାଯିବାକୁ ଚାଷୀ ମହଲ ଦାବି କରିଛନ୍ତି।

## ଜେସିବି ଲଗାଇ ଭାଙ୍ଗିଦେଲେ ଲାଇବ୍ରେରୀ

**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ମଲ୍ଲିପୁର ପଂଚାୟତର ବିଂକୁଡ଼ିଆ ଗ୍ରାମରେ ନିର୍ମାଣାଧୀନ ସର୍ବସାଧାଣ ଲାଇବ୍ରେରୀ ଘରକୁ ଗତ ୧୭ ତାରିଖ ମଙ୍ଗଳବାର ରାତିରେ କିଛି ଦୁର୍ବୃତ୍ତ ଜେସିବି ଲଗାଇ ଭାଙ୍ଗି ଦେଇଛନ୍ତି। ମଲ୍ଲିପୁର ପଂଚାୟତର ବିଂକୁଡ଼ିଆ ଗ୍ରାମରେ ଖୋର୍ଦ୍ଧା ତହସିଲଦାର, ବିଡ଼ିଓ ଓ ସମସ୍ତ ଗ୍ରାମବାସୀ ମିଶି ସର୍ବସାଧାରଣ ଲାଇବ୍ରେରୀ ଘର ପାଇଁ ଜାଗା ସ୍ଥିରୀକୃତ କରାଯାଇଥିଲା। ଗତ ୦୮/୦୫/୨୦୨୫ ତାରିଖରେ ନଂ ୧୫୫୧ କାର୍ଯ୍ୟାଦେଶ ପାଇ ବ୍ଲକର ଜେଇ ମ୍ୟାଡାମଙ୍କ ଉପସ୍ଥିତରେ ଲାଇବ୍ରେରୀ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ତାର କିଛି ଦିନ ପରେ ତା ୧୫/୦୨/୨୦୨୬ ଦିନ ବିଂକୁଡ଼ିଆ ଗ୍ରାମର କିଛି ଦୁର୍ବୃତ୍ତ ଯଥା ରବୀନ୍ଦ୍ର ଦଳବେହେରା, ରଘୁନାଥ ମଙ୍ଗରାଜ ଦୁଇ ଜଣ ମିଶି ଲାଇବ୍ରେରୀ ଘର ନିର୍ମାଣ କାର୍ଯ୍ୟ କରୁଥିବା ବନ୍ତଳ ଗ୍ରାମର ହେମନ୍ତ ମାନସିଂଙ୍କୁ ଟଙ୍କା ମାଗିବା, ମରାଣାତ୍ମକ ଆକ୍ରମଣ ଧମକ ଦେବା ଏବଂ ନିର୍ମାଣ ହେଉଥିବା ଲାଇବ୍ରେରୀ ଘରକୁ ଭାଙ୍ଗିଦେବା ଧମକ ଦେଇଥିଲେ। ଏ ନେଇ ହେମନ୍ତ ମାନସିଂ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଥିଲେ। ମଙ୍ଗଳବାର ରାତିରେ ବିଂକୁଡ଼ିଆ ଗ୍ରାମର କୈଳାଶ ପଟ୍ଟନାୟକ (ଅତୁଲ), ରବୀନ୍ଦ୍ର ଦଳବେହେରା ଓ ରଘୁନାଥ ମଙ୍ଗରାଜ ମିଶି ଏକ ଜେସିବି. ନଂ ଓଡି ୦୨ ସିକ୍ୟୁ ୦୩୯୭ ନେଇ ସେହି ନିର୍ମାଣାଧୀନ ଲାଇବ୍ରେରୀ ଘରକୁ ଭାଙ୍ଗି ଦେଇଛନ୍ତି। ବିଶେଷ ସୂତ୍ରରୁ ଖବରପାଇ ହେମନ୍ତ ମାନସିଂ ଓ ତାଙ୍କ ସହଯୋଗୀ ମାନସ ମହାପାତ୍ର ଘଟଣା ସ୍ଥଳରେ ପହଂଚିଲା ବେଳକୁ ଜେସିବି ଦ୍ୱାରା ସେହି ନିର୍ମାଣାଧୀନ ଘରକୁ ମାଟିରେ ମିଶାଇ ଦେଇଛନ୍ତି ଏବଂ କହିଛନ୍ତି, ଯାହାପାଖକୁ ଯାଉଛୁ ଯା କୋଉ କଲେକ୍ଟର, କୋଉ ଏସପି ଓ ଶିଳ୍ପାଞ୍ଚଳ ଆଇଆଇସି ଆମର କିଛି କରିପାରିବେ ନାହିଁ। ଏହି ବିଷୟକୁ ନେଇ ଆଜି ହେମନ୍ତ ମାନସିଂ, ମଣ୍ଡଳ ପ୍ରତିନିଧି ସଂଗ୍ରାମ କେଶରୀ ସମାନ୍ତସିଂହାର, ମଣ୍ଡଳ ସଭାପତି ମନୋରଞ୍ଜନ ବଡ଼ଜେନା, ପ୍ରତାପ ମହାପାତ୍ର (ଏମପି ପ୍ରତିନିଧି) ଓ କିଛି ଗ୍ରାମବାସୀ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ, ଖୋର୍ଦ୍ଧା ଏସପି ଓ ଶିଳ୍ପାଞ୍ଚଳ ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।

## ୧୫୧ ପରୀକ୍ଷା କେନ୍ଦ୍ରରେ ୨୭ ହଜାର ୬୮୫ ପରୀକ୍ଷାର୍ଥୀ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗୁରୁବାର ଆରମ୍ଭ ହେବାକୁ ଯାଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା। ଜିଲାର ୧୫୧ଟି ପରୀକ୍ଷା କେନ୍ଦ୍ରରେ ୨୭ହଜାର ୬୮୫ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଥି ନେଇ ଚୂଡ଼ାନ୍ତ ପ୍ରସ୍ତୁତି ଶେଷ ହୋଇଛି। ୧୦ଟି ନୋଡାଲ ସେଣ୍ଟରରେ କଡ଼ା ସୁରକ୍ଷା ବଳୟ ଭିତରେ ପ୍ରଶ୍ନ ପତ୍ରକୁ ରଖାଯାଇଛି। ଚଳିତ ମାସ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ୧୫୧ଟି କେନ୍ଦ୍ରରେ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଓ ୩ଟି କେନ୍ଦ୍ରରେ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଅନୁଷ୍ଠିତ ହେବ। ହାଇସ୍କୁଲର ୨୬ହଜାର୭୧୬ଜଣ ଛାତ୍ରଛାତ୍ରୀ, ମଧ୍ୟମାର ୫୯୬, ମୁକ୍ତ ବିଦ୍ୟାଳୟର ୩୭୩ଟି ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେବେ। ଜିଲାର ୧୦ଟି ବ୍ଲକ, ୨ଟି ପୌରାଞ୍ଚଳରେ ୪୪୫ଟି ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପରୋକ୍ତ କେନ୍ଦ୍ରରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ଯାଜପୁର ଜିଲା ସ୍କୁଲ, ବଡ଼ଚଣା ବ୍ଲକର ମହାବିନାୟକ ବିଦ୍ୟାପୀଠ, ବରୀର କୃପାସିନ୍ଧୁ ବିଦ୍ୟାଭବନ, ବିଞ୍ଝାରପୁରର ସଇଦପୁର, ବ୍ରଜସୁନ୍ଦର ହାଇସ୍କୁଲ, ଦଶରଥପୁର ମହତାବ ହାଇସ୍କୁଲ, ଧର୍ମଶାଳାର ବାଣୀପୀଠ, ସୁକିନ୍ଦାର ଜଗନ୍ନାଥ ହାଇସ୍କୁଲ, ଦାନଗଦୀର ଦାନଗଦୀ ବୁନ୍ଦରାଜ ବିଦ୍ୟାପୀଠ, କୋରେଇ ପାଣିକୋଇଲି ହାଇସ୍କୁଲ, ରସୁଲପୁର କ୍ଷେତ୍ରପାଳ ହାଇସ୍କୁଲ ମୋଟ୍ ୧୦ଟି ନୋଡାଲ ସେଣ୍ଟରରେ ପ୍ରଶ୍ନପତ୍ରକୁ ୨୪ ଘଣ୍ଟିଆ ପୁଲିସ ପ୍ରହରା ଦେଉଛନ୍ତି। ପରୀକ୍ଷା ପରେ ଉତ୍ତର ଖାତାକୁ ନୋଡାଲ ସେଣ୍ଟରକୁ ପଠାଯିବାର ବ୍ୟବସ୍ଥା କରାଯାଇଛି। ସକାଳୁ ୯ଟାରୁ ପରୀକ୍ଷା ଆରମ୍ଭ ହୋଇ ୧୧ଟା ୩୦ରେ ଶେଷ ହେବ। ପ୍ରତ୍ୟେକ ଦିନ ଗୋଟିଏ ବିଷୟ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଥିବା ବେଳେ ଗଣିତ ପରୀକ୍ଷା ୧୧ଟା୪୫ରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ପ୍ରତି ପରୀକ୍ଷା କେନ୍ଦ୍ରରେ ଜଣେ ସୁପରିଟେଣ୍ଡେଣ୍ଟ ଓ ଜଣେ କେନ୍ଦ୍ର ଅଭଜରଭର ରହିବେ। କପି ରୋକିବା ପାଇଁ ବୋର୍ଡ଼ ସ୍କ୍ୱାର୍ଡ଼, ଜିଲାପାଳଙ୍କ ଦ୍ୱାରା ଗଠିତ ସ୍କ୍ୱାର୍ଡ ପରୀକ୍ଷା କେନ୍ଦ୍ର ବୁଲି ତନଖି କରିବେ। ଏପରିକି ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ବିଡିଓ ଓ ତହସିଲଦାରଙ୍କୁ ପରୀକ୍ଷା କେନ୍ଦ୍ର ଅନୁଧ୍ୟାନ କରିବାକୁ କୁହାଯାଇଛି। ଚଳିତ ବର୍ଷ ପରୀକ୍ଷା କେନ୍ଦ୍ରରେ ଯେପରି କୌଣସି ବିଶୃଙ୍ଖଳା ସୃଷ୍ଟି ନ ହୁଏ ସେଥିପ୍ରତି ପ୍ରଶାସନ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। କେନ୍ଦ୍ରର ନିକଟରେ କୌଣସି ବ୍ୟକ୍ତି ଯେପରି ନ ରହିବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ତୁରନ୍ତ ପୁଲିସ, ନୋଡାଲ ଅଫିସର, ସ୍ଥାନୀୟବିଡିଓ ଓ ତହସିଲଦାର ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ରାୟଗଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ରାୟଗଡ଼ ପୌରପରିଷଦ ଅଡିଟରିୟମ ଠାରେ ସହରର ସ୍ୱଚ୍ଛତା ବଜାୟ ରଖୁଥିବା ସଫେଇ କର୍ମଚାରୀଙ୍କୁ ସମ୍ମାନିତ କରିବା ଉଦ୍ଦେଶ୍ୟରେ ଏକ ଭବ୍ୟ 'ସଫେଇ କର୍ମଚାରୀ ସମ୍ବର୍ଦ୍ଧନା ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ନିଷ୍ଠାର ସହ କାର୍ଯ୍ୟ କରୁଥିବା କିଛି ଚୟନିତ ସଫେଇ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ପାଇଁ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାୟ ୪୦୦ରୁ ଅଧିକ ସଫେଇ କର୍ମଚାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା, ଯେଉଁଠାରେ ସେମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଆବଶ୍ୟକୀୟ ପରାମର୍ଶ ଦିଆଯାଇଥିଲା। ପ୍ରତ୍ୟେକ ପରିମଳ କର୍ମଚାରୀଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ପୁସ୍ତିକା ପ୍ରସ୍ତୁତ କରାଯାଇଥିଲା। ଯେଉଁଥିରେ ସେମାନଙ୍କର ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ବିବରଣୀ ଲିପିବଦ୍ଧ କରାଯିବାର ବ୍ୟବସ୍ଥା ରହିଛି। ଏହି ପୁସ୍ତିକା ଭବିଷ୍ୟତରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ତଥା ଉପଚାର ପ୍ରଣାଳୀକୁ ଆହୁରି ସୁବିଧା ଜନକ କରିବା ସହିତ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇଦେବାରେ ସହାୟକ ହେବ। କାର୍ଯ୍ୟକ୍ରମ ଶେଷରେ ଏକ 'ବଡ଼ଖାନା' (ସାମୂହିକ ଭୋଜି)ର ଆୟୋଜନ ହୋଇଥିଲା। ଏଥିରେ ଉପସ୍ଥିତ ଅତିଥିମାନେ ନିଜେ ସଫେଇ କର୍ମଚାରୀଙ୍କୁ ଖାଦ୍ୟ ପରଷି ସେମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପି.ଡି. ଡୁଡା ଅକ୍ଷୟ କୁମାର ଖେମୁଣ୍ଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏଥିସହ ପୌର ପରିଷଦ ଅଧ୍ୟକ୍ଷ ପି. ମହେଶ ପାଟନାୟକ, ଉପାଧ୍ୟକ୍ଷ, ସମସ୍ତ କାଉନସିଲର, ସ୍ୱଚ୍ଛତା ବିଶେଷଜ୍ଞ, ସ୍ୱଚ୍ଛ ସାଥୀ ଏବଂ ସ୍ୱଚ୍ଛ ସୁପରଭାଇଜର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାପାଳ ଆଜିର ଏହି କାର୍ଯ୍ୟକ୍ରମକୁ ପ୍ରସଂଶା କରିବା ସହିତ ୩ ନମ୍ବର ୱାର୍ଡରେ ଏକ ବୃହତ ଆବର୍ଜନା ପରିଚାଳନା କେନ୍ଦ୍ର ପ୍ରତିଷ୍ଠା କରାଯାଇ ଉନ୍ନତମାନର ଯାନ୍ତ୍ରିକ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ହମ୍ପସ ଯୋଗୁ ଘଟୁଛି ଦୁର୍ଘଟଣା

**ନିଆଳି:ଏକ୍ସପ୍ରେସ୍ ନ୍ୟୁଜ୍**

ଫୁଲନଖରା ନିଆଳି ୬୦ ନମ୍ବର ରାଜ୍ୟ ରାଜପଥ ଅଁଳ ପଂଚାୟତ କାଳିଆ ଘାଇ ରାସ୍ତାରେ ଥିବା ଦୁଇଟି ବଡ଼ବଡ଼ ହମ୍ପସ ଥିବାରୁ ଦୁଇ ଚକିଆ ଯାନ ଆରୋହୀ ପ୍ରତେକ ଦିନ ଛୋଟ ବଡ଼ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ଦୁର୍ଘଟଣା ଯୋଗୁଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର ଅପରାହ୍ନ ୪. ୩୦ ମିନିଟରେ ସିଠାଳ ଅଞ୍ଚଳର ଜଣେ ବାଇକ ଆରୋହୀ ଉକ୍ତ ରାସ୍ତା ଦେଇ ଆସୁଥିବା ବେଳେ ପୂର୍ତ୍ତ ବିଭାଗ ସଠିକ ଭାବରେ ହମ୍ପସ କରି ନଥିବାରୁ ବାଇକ ଆରୋହୀ ଜଣକ ଆଣ୍ଠୁ ଗୋଡ଼ ମୁହଁ ଛିଡି ରକ୍ତାକ୍ତ ହୋଇଛନ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ନିଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ରାଜ୍ୟ ରାଜପଥରେ ଏଭଳି ବେଆଇନ ହମ୍ପସ ନିର୍ମାଣ କରି ପୂର୍ତ୍ତ ବିଭାଗ ଲୋକଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେଉଛି। ଏହାର ସ୍ଥାୟୀ ପ୍ରତିକାର ନକରାଯାଏ ବିଭାଗୀୟ ଅଧିକାରୀଙ୍କ ନାମରେ ମାମଲା ରୁଜୁ ହେବ ବୋଲି ଦୁର୍ଘଟଣା ଶିକାର ହୋଇଥିବା ପରିବାର ଚେତାବନୀ ଦେଇଛନ୍ତି।

## ବେଦାନ୍ତର ଶିଳ୍ପ ସୁରକ୍ଷା ଉପରେ ଜୋନାଲସ୍ତରୀୟ ସେମିନାର

**ଝାରସୁଗୁଡା:ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ନିର୍ଦ୍ଦେଶାଳୟ (ଝାରସୁଗୁଡା ଜୋନ୍) ସହିତ ମିଳିତ ଭାବରେ ଝାରସୁଗୁଡାରେ ଏହାର ମେଗା ଆଲୁମିନିୟମ ପ୍ଲାଣ୍ଟରେ 'ବଏଲର ସୁରକ୍ଷା, ପରିଚାଳନା ଏବଂ ପରିଚାଳନା' ଉପରେ ଏକ ଜୋନାଲ-ସ୍ତରୀୟ ସେମିନାର ଆୟୋଜନ କରିଥିଲା। ଏହି ସେମିନାରେ ଝାରସୁଗୁଡା ନିକଟସ୍ଥ ଶୀର୍ଷ କମ୍ପାନୀଗୁଡିକର କାରଖାନା ମୁଖ୍ୟ, ଇଞ୍ଜିନିୟର, ବଏଲର ଅପରେଟର ଏବଂ ସୁରକ୍ଷା ବିଶେଷଜ୍ଞଙ୍କ ସମେତ ୨୩୮ରୁ ଅଧିକ ଶିଳ୍ପ ବୃତିଗତମାନେ ଏକତ୍ରିତ ହୋଇଥିଲେ, ଯାହାକି ଶିଳ୍ପ ସୁରକ୍ଷାରେ ସର୍ବୋତ୍ତମ ଅଭ୍ୟାସକୁ ଆଗକୁ ବଢାଇବା ପାଇଁ ଏକ ଦୃଢ଼ ପ୍ଲାଟଫର୍ମ ସୃଷ୍ଟି କରିଥିଲା।

ବେଦାନ୍ତ ଆଲୁମିନିୟମ, ଓଡିଶା ପାୱାର ଜେନେରେସନ୍ କର୍ପୋରେସନ୍, ଥରମାକ୍ସ, ଜେଏସଡବ୍ଲୁ ଏନର୍ଜି ଏବଂ ରୁଙ୍ଗଟାସନ୍ସର ବରିଷ୍ଠ ନେତାମାନେ ସୁରକ୍ଷା ଦକ୍ଷତା ବୃଦ୍ଧି, ସାମ୍ବିଧାନିକ ପ୍ରୋଟୋକଲ୍ ପାଳନ ଏବଂ ନୂତନ ସୁରକ୍ଷା ସମାଧାନ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା। କାରଖାନା ଏବଂ ବଏଲର୍ସର ସହକାରୀ ନିର୍ଦ୍ଦେଶିକା ଶ୍ରୀମତୀ ଅର୍ଚ୍ଚନା ଦାସ ଉଦଘାଟନୀ ଭାଷଣ ଦେଇଥିଲେ। ଏହି ପଦକ୍ଷେପ ବିଷୟରେ ନିଜର ମତାମତ ଦେଇ ବେଦାନ୍ତ ଝାରସୁଗୁଡାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, ସୁରକ୍ଷା ହେଉଛି ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିର ମୂଳଦୁଆ। ଏହି ଭଳି ପ୍ଲାଟଫର୍ମ ଶିଳ୍ପ ଅଂଶୀଦାର ଏବଂ ନିୟାମକଙ୍କ ମଧ୍ୟରେ ଅର୍ଥପୂର୍ଣ୍ଣ ଜ୍ଞାନ ଆଦାନପ୍ରଦାନକୁ ସକ୍ଷମ କରିଥାଏ, ସୁରକ୍ଷା ଅଭ୍ୟାସକୁ ସୁଦୃଢ଼ କରିବାରେ ଏବଂ ସମଗ୍ର କ୍ଷେତ୍ରରେ ସୁରକ୍ଷା ଉତ୍କର୍ଷତାର ସଂସ୍କୃତିକୁ ପୋଷଣ କରିବାରେ ସାହାଯ୍ୟ କରିଥାଏ।

ସମ୍ବଲପୁର ଡିଭିଜନର କାରଖାନା ଏବଂ ବଏଲର୍ସର ଉପ ନିର୍ଦ୍ଦେଶକ ସ୍ୱରୂପ ଜେନା କହିଛନ୍ତି, 'ସୁରକ୍ଷା ଏକ ମିଳିତ ଦାୟିତ୍ୱ ଯାହା ବୈଧାନିକ ଅନୁପାଳନ, ସକ୍ରିୟ ରକ୍ଷଣାବେକ୍ଷଣ ଏବଂ ନିରନ୍ତର ଦକ୍ଷତା ଉନ୍ନତିକରଣର ସ୍ଥିର ପାଳନ ଦାବି କରେ। ବୈଷୟିକ ଅଧିବେଶନଗୁଡିକ ବୈଧାନିକ ବ୍ୟବସ୍ଥା, ବଏଲର ଲିକେଜ୍ କେସ୍ ଷ୍ଟଡି, ବଏଲର ଡିଜାଇନ୍ ଏବଂ ଶକ୍ତି ଦକ୍ଷତା, ନିରାପଦ କାର୍ଯ୍ୟକ୍ଷମ ପାରାମିଟର ଏବଂ କ୍ଷମତା ବୃଦ୍ଧି ସମେତ ବିଭିନ୍ନ ବିଷୟବସ୍ତୁକୁ କଭର କରିଥିଲା। ଅଂଶଗ୍ରହଣକାରୀ ଶିଳ୍ପର ବିଷୟବସ୍ତୁ ବିଶେଷଜ୍ଞମାନେ ଏହି ଅଧିବେଶନଗୁଡିକର ନେତୃତ୍ୱ ନେଇଥିଲେ, ଯାହା ଏକ ଆକର୍ଷଣୀୟ ପାରସ୍ପରିକ ପ୍ରଶ୍ନୋତ୍ତର ବିଭାଗ ସହିତ ଶେଷ ହୋଇଥିଲା। ବିଶେଷଜ୍ଞମାନେ ବଏଲର ଆଇନ ୨୦୨୫ ଏବଂ ଭାରତୀୟ ବଏଲର ନିୟମାବଳୀର ପ୍ରମୁଖ ବ୍ୟବସ୍ଥାଗୁଡିକୁ ମଧ ବର୍ଣ୍ଣନା କରିଥିଲେ, ବଏଲର ସୁରକ୍ଷା ଏବଂ ବୈଧାନିକ ଅନୁପାଳନର ସର୍ବୋଚ୍ଚ ମାନଦଣ୍ଡକୁ ବଜାୟ ରଖିବା ପାଇଁ ମିଳିତ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।




# ଶେଷ ପୃଷ୍ଠା
# ଓଡ଼ିଶା ଏକ୍ସପ୍ରେସ୍
କେନ୍ଦ୍ରାପଡ଼ା | 19th February, 2026 Thursday | RNI Regd. No. ODIODI/2009/28880


## ଡାର୍ଲିଂ ମୋ ପାଖକୁ ଆସ




ଡାର୍ଲିଂ ମୋ ପାଖକୁ ଆସ ।
ଖୋଲି ପକାଅ, ଜାମା ପ୍ୟାଣ୍ଟ
ଅନ୍ତର୍ବାସ
ଉପରକୁ ଆସ ଉଠି
ସକାଳର ମଜା ନିଅ ଲୁଟି
ଏ ମଜାକୁ ଆଉରି ବଢ଼ାଇବ
କିଏ ?
ଯଦି ତମକୁ ଟା'କପଟେ
କିଏ ଦିଏ ?
ଏବେ ମୁଁ କିଏ ଚିହ୍ନି ପାରିବା
ଥୟ
ମୁଁ ତୁମର ଅତି ପ୍ରିୟ ସୁଲଭ ଶୌଚାଳୟ ।

# ବାସନ ମାଜିଲା ପାକିସ୍ତାନର ହକି ଟିମ: ୧୫ ଘଣ୍ଟା ଧରି ମିଳିଲାନି ଖାଦ୍ୟ !

**ସିଡନୀ,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ପୁଣି ବିଶ୍ୱ ଦରବାରରେ ନିଜ ଖେଳାଳିଙ୍କୁ ଅପମାନିତ କରିଛି ପାକିସ୍ତାନ । ପାକିସ୍ତାନ ସରକାରଙ୍କ ଭୁଲ ଯୋଗୁ ଅନ୍ତର୍ଜାତୀୟ ଖେଳାଳିଙ୍କୁ ପଶୁ ଠାରୁ ହୀନ ବ୍ୟବହାରର ସମ୍ମୁଖୀନ ହେବାକୁ ପଡିଛି । ଅଷ୍ଟ୍ରେଲିଆର ସିଡନୀ ଗସ୍ତରେ ଯାଇଥିବା ପାକିସ୍ତାନର ଜାତୀୟ ହକି ଟିମକୁ ଅର୍ଥ ଅଭାବରୁ ବାସନ ମାଜିବାକୁ ପଡିଛି । ସେମାନଙ୍କୁ ୧୫ ଘଣ୍ଟା ଧରି ରହିବାକୁ ହୋଟେଲ କିମ୍ବା ଖାଇବାକୁ ଖାଦ୍ୟ ମିଳିନି ।

ଖେଳାଳିମାନେ ରହିବାକୁ ଥିବା ହୋଟେଲକୁ ପାକିସ୍ତାନ ହକି ମହାସଂଘ ଟଙ୍କା ଦେଇ ନଥିଲା । ଏଥିପାଇଁ ସାଧାରଣ ଲୋକଙ୍କ ଭଳି ଜାତୀୟ ସ୍ତରର ଖେଳାଳିଙ୍କୁ ଦୀର୍ଘ ସମୟ ଧରି ରାସ୍ତାରେ ବୁଲିବାକୁ ପଡିଛି । ଏକଥା ଜଣାପଡିବା ପରେ ବି ପାକିସ୍ତାନ ସରକାର ବାଟକୁ ଆସି ନଥିଲେ, ବରଂ ପାକିସ୍ତାନ ହକି ଟିମର ଖେଳାଳିଙ୍କୁ ମିଛ କହିବାକୁ ବାଧ କରିଥିଲେ ।

ହେଲେ ଏବେ ପାକିସ୍ତାନ ହକି ଟିମର କ୍ୟାପ୍‌ଟେନ ଶକୀଲ ଅହମଦ ବଟ୍ଟ ଦେଶକୁ ଫେରିବା ପରେ ଜାତୀୟ ମହାସଂଘକୁ ତୀବ୍ର ସମାଲୋଚନା କରିଛନ୍ତି । ତାଙ୍କ କହିବା କଥା ଯେ ପାକିସ୍ତାନ ଟିମର ରହିବା ପାଇଁ ବ୍ୟବସ୍ଥା ହୋଇ ନଥିବାରୁ ଖେଳାଳିଙ୍କୁ କେବଳ ରାସ୍ତାରେ ବୁଲିବାକୁ ପଡି ନଥିଲା, ବରଂ ମ୍ୟାଚ୍ ଖେଳିବାକୁ ଯିବା ପୂର୍ବରୁ ବାସନ ମଧ ମାଜିବାକୁ ପଡିଥିଲା ।

ଲାହୋର ଏୟାରପୋର୍ଟରେ ବଟ୍ଟ ଗଣମାଧ୍ୟମକୁ କହିଛନ୍ତି ଯେ ପାକିସ୍ତାନ ହକି ମହାସଂଘ ସେମାନଙ୍କୁ ମିଛ କହିଥିଲା ଓ ଏବେ ବହୁତ ହୋଇଗଲା ବୋଲି ସେ ବେଶ ନିରାଶ ହୋଇ କହିଛନ୍ତି । ସେ କହିଛନ୍ତି, "ଆମେ ବର୍ତ୍ତମାନର ସଂଘ ପରିଚାଳକଙ୍କ ଦ୍ୱାରା କାମ କରିପାରିବୁ ନାହିଁ । ମ୍ୟାଚ୍ ଖେଳିବା ପାଇଁ ଯିବା ପୂର୍ବରୁ ଖେଳାଳିଙ୍କୁ ରୋଷେଇ ଘର ସଫା ଓ ବାସନ ମାଜିବାକୁ ପଡୁଥିଲା । ଏପରି ସ୍ଥିତିରେ ଆପଣମାନେ ଆମଠାରୁ କେଉଁ ପ୍ରକାରର ରେଜଲ୍ଟ ଆଶା କରୁଛନ୍ତି ।"

ପାକିସ୍ତାନ କ୍ରୀଡା ବୋର୍ଡ ଦେଶର ହକି ଟିମ ପାଇଁ ଅଷ୍ଟ୍ରେଲିଆରେ ଆବଶ୍ୟକ ହୋଟେଲ ବ୍ୟବସ୍ଥା କରିବାକୁ ୧୦ ମିଲିୟନରୁ ଅଧିକ ଟଙ୍କା ଦେଇଥିବା କହିବା ପରେ ପାକିସ୍ତାନ ହକି ମହାସଂଘ ତୀବ୍ର ସମାଲୋଚନା ହୋଇଛି । ଟଙ୍କା ପାଇ ମଧ କାହିଁକି ଜାତୀୟ ଟିମ ପାଇଁ ଅଷ୍ଟ୍ରେଲିଆରେ ହୋଟେଲ ବୁକିଂ କରାଯାଇ ନଥିଲା ବୋଲି ଅନେକ ପ୍ରଶ୍ନ କରିଛନ୍ତି । କାନବେରା ଯିବା ପୂର୍ବରୁ ପାକିସ୍ତାନ ହକି ଟିମକୁ ୧୩ରୁ ୧୪ ଘଣ୍ଟା ପ୍ରଥମେ ସିଡନୀ ଏୟାରପୋର୍ଟରେ ବସିବାକୁ ପଡିଥିଲା । ଏହାପରେ ସେମାନେ ଯେତେବେଳେ ଏଫଆଇଏଚ୍ ପ୍ରୋ ଲିଗ ମ୍ୟାଚଗୁଡିକ ପାଇଁ ହୋଟେଲରେ ପ୍ରବେଶ କରିଥିଲେ ସେତେବେଳେ ଆହୁରି ଲଜ୍ଜାଜନକ ସ୍ଥିତି ସୃଷ୍ଟି ହୋଇଥିଲା ।




ବୁକିଂ ପାଇଁ ପାକିସ୍ତାନ ହକି ମହାସଂଘ ହୋଟେଲକୁ ଟଙ୍କା ଦେଇ ନଥିଲା । ଏଥିପାଇଁ ଖେଳାଳିମାନଙ୍କୁ ହୋଟେଲ କର୍ତ୍ତୃପକ୍ଷ କୌଣସି ପ୍ରକାରର ରହିବାକୁ ଅନୁମତି ଦେଇ ନଥିଲେ । ଖେଳାଳିମାନଙ୍କୁ ଦୀର୍ଘ ଘଣ୍ଟା ଧରି ନିଜ ଜିନିଷପତ୍ର ସହ ଅପେକ୍ଷା କରିବାକୁ ପଡିଥିଲା । ହୋଟେଲ ବୁକ ହେବା ଯାଏ ସେମାନେ ରାସ୍ତାରେ ବୁଲିବାକୁ ମଧ ବାଧ ହୋଇଥିଲା । ପରବର୍ତ୍ତୀ ମଧ୍ୟାହ୍ନରେ ସେମାନେ ଅଷ୍ଟ୍ରେଲିଆ ସହ ପ୍ରଥମ ମ୍ୟାଚ୍ ଖେଳିଥିଲେ ହେଁ ୨-୩ରେ ପରାସ୍ତ ହୋଇଥିଲା । ଅଷ୍ଟ୍ରେଲିଆରେ ପାକିସ୍ତାନ ତା'ର ସମସ୍ତ ମ୍ୟାଚ୍ ହାରିଛି ।

ବଟ୍ଟ କହିଛନ୍ତି, "ସବୁଠାରୁ ଦୁଃଖର କଥା ହେଉଛି ଯେ ଆମେ ୧୩ ଦିନ ରହିବାକୁ ଥିବା ବେଳେ ଆମ ପାଇଁ ୧୦ ଦିନର ବୁକିଂ ହୋଇଥିଲା । ୧୦ ଦିନ ପରେ ଆମେ ଗୋଟିଏ ଲଜ ଭଳି ସ୍ଥାନରେ ରହିବାକୁ ବାଧ ହୋଇଥିଲୁ । ଯଦି ଖେଳାଳିମାନେ ସେମାନେ ସାମ୍ନା କରିଥିବା ସ୍ଥିତି ସମ୍ପର୍କରେ ଗଣମାଧ୍ୟମ ଆଗରେ କହିବେ, ତା'ହେଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଧମକ ମଧ ପାକିସ୍ତାନ ହକି ମହାସଂଘ ଦେଇଛି । ଅଷ୍ଟ୍ରେଲିଆରେ ଆମେ ସାମ୍ନା କରିଥିବା ଭୟଙ୍କର ସ୍ଥିତି ସମ୍ପର୍କରେ ଆମେ ଆଜି କହୁଛୁ । ଆମକୁ ଆଗକୁ ଯିବାକୁ ହେଲେ ଜଣେ ବିଦେଶୀ କୋଚ ଦରକାର । ଆମ ପାଖରେ ଭଲ ଖେଳାଳି ରହିଛନ୍ତି । କିନ୍ତୁ ଆମେ ଜଣେ ଭଲ ବିଦେଶୀ କୋଚ ଓ ଉପଯୁକ୍ତ ମ୍ୟାନେଜମେଣ୍ଟ ଚାହୁଁଛୁ ।"

ବଟ୍ଟଙ୍କ ଏପରି ବୟାନ ପରେ ପାକିସ୍ତାନରେ ହଇଚଇ ସୃଷ୍ଟି ହୋଇଛି । ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ନିଜେ ପୂରା ବିବାଦର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

## ନେଦରଲାଣ୍ଡ ବିପକ୍ଷରେ ଭାରତ ୧୭ ରନ୍‌ରେ ବିଜୟୀ



**ଅହମଦାବାଦ,୧୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ନେଦରଲାଣ୍ଡକୁ ଭାରତ ଟି୨୦ ବିଶ୍ୱକପ-୨୦୨୬ର ୩୬ତମ ମ୍ୟାଚରେ ୧୭ ରନରେ ପରାସ୍ତ କରିଛି । ନେଦରଲାଣ୍ଡ ଟିମ୍ ୨୦ ଓଭରରେ ୭ଟି ୱିକେଟ୍ ହରାଇ ୧୭୬ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ବରୁଣ ଚକ୍ରବର୍ତ୍ତୀ ସର୍ବାଧିକ ୩ଟି ୱିକେଟ୍ ନେଇଛନ୍ତି । ଶିଭମ ଦୁବେଙ୍କୁ ୨ଟି ୱିକେଟ୍ ମିଳିଥିଲା ବେଳେ ଯଶପ୍ରୀତ ବୁମ୍ରା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।

ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ବୁଧବାର ଦିନ ଏହି ମ୍ୟାଚରେ ଟସ୍ ଜିଣି ଭାରତ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୯୩ ରନ୍ କରିଥିଲା । ଫଳରେ ନେଦରଲାଣ୍ଡକୁ ବିଜୟ ପାଇଁ ୧୯୪ ରନର ଲକ୍ଷ୍ୟ ମିଳିଥିଲା ।

ଚଳିତ ଟି-୨୦ ବିଶ୍ୱକପରେ ନିଜ ଚତୁର୍ଥ ତଥା ଶେଷ ଲିଗ୍ ମ୍ୟାଚରେ ନେଦରଲାଣ୍ଡକୁ ପ୍ରମୁଖ ଟ୍ରଫି ଦାବିଦାର ତଥା ଆୟୋଜକ ଭାରତ ୧୭ ରନରେ ହରାଇ ଅପରାଜେୟ ଭାବେ ସୁପର-୮ ପର୍ଯ୍ୟାୟକୁ ଯାଇଛି । ସେହିଭଳି ବିଶ୍ୱକପରେ ନିଜ ବିଜୟ ଧାରାକୁ ୧୨କୁ ବଢ଼ାଇଛି ଟିମ୍ ଇଣ୍ଡିଆ । ବୁଧବାର ଭାରତୀୟ ଦଳ ପୁଣି ଥରେ ଓପନିଂ ବିଫଳତାର ସମ୍ମୁଖୀନ ହୋଇଥିଲା । ଫର୍ମ ପାଇଁ ଯୁଝୁଥିବା ଅଭିଷେକ ଶର୍ମା ତୃତୀୟ ବଲରେ କ୍ଲିନ୍ ବୋଲ୍ଡ ହୋଇଥିଲେ ।

ପାକିସ୍ତାନ ବିପକ୍ଷ ମ୍ୟାଚରେ ନାୟକ ଈଶାନ କିଶନ ମଧ୍ୟ ୧୮ ରନରେ ଆଉଟ୍ ହୋଇଯାଇଥିଲେ । ତେବେ ଶିଭମ ଦୁବେଙ୍କ ୬୨ ଏବଂ ତିଳକ ବର୍ମା (୩୧), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୩୪) ଓ ହାର୍ଦ୍ଦିକ ପାଣ୍ଡ୍ୟା (୩୦)ଙ୍କ ଦ୍ରୁତ ଓ ଉପଯୋଗୀ ପାଳି ବଳରେ ଏକଦା ସଂଘର୍ଷ କରୁଥିବା ଭାରତ ୬ ୱିକେଟ୍ ହରାଇ ୧୯୩ ରନର ସମ୍ମାନଜନକ ସ୍କୋର୍ କରି ନେଇଥିଲା । ଜବାବରେ ଭାରତୀୟ ବୋଲରଙ୍କ ଦୁର୍ବଳ ଫିଲ୍ଡିଂରୁ ଫାଇଦା ଉଠାଇ ନେଦରଲାଣ୍ଡ ଶେଷ ପର୍ଯ୍ୟନ୍ତ ଲଢ଼ିଥିଲା । ତେବେ ୭ ୱିକେଟ୍ ବିନିମୟରେ ୧୭୬ ରନରେ ଅଟକି ଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବେ ଏହି ଦଳର ଜଣେ ହେଲେ ବି ବ୍ୟାଟର୍ ଅର୍ଦ୍ଧଶତକ ଛୁଇଁ ନଥିଲେ । ତେବେ ଛୋଟଛୋଟ ପାଳିରେ ଭାରତୀୟ ବୋଲରଙ୍କୁ ଅଡୁଆରେ ପକାଇଥିଲେ । ଭାରତର ସଫଳତମ ବୋଲର୍ ଭାବେ ବରୁଣ ଚକ୍ରବର୍ତ୍ତୀ ତିନିଟି ୱିକେଟ୍ କରାୟତ୍ତ କରିଥିଲେ । ଦୁବେ ତାଙ୍କ ଦମ୍‌ଦାର ପାଳି ପାଇଁ ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ।

# ୧୦୭ କେନ୍ଦ୍ରରେ ପରୀକ୍ଷା ଦେବେ ୧୯ହଜାର ପରୀକ୍ଷାର୍ଥୀ

**କେନ୍ଦ୍ରାପଡ଼ା,୧୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ୧୯ତାରିଖ ରୁ ଆରମ୍ଭ ହେଉଛି ଚଳିତ ବର୍ଷର ମାଟ୍ରିକ ପରୀକ୍ଷା । କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ପରୀକ୍ଷାକୁ ସୂଚାର ରୂପେ ପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଏହି ପରୀକ୍ଷା ଆଗାମୀ ମାର୍ଚ୍ଚ ମାସ ୨ ତାରିଖ ପର୍ଯ୍ୟନ୍ତ ଚାଲିବ । ଚଳିତ ବର୍ଷ ଜିଲ୍ଲାରେ ୧୦୭ଟି ପରୀକ୍ଷା କେନ୍ଦ୍ରରେ ୧୯ ହଜାର ୮୧୬ ଜଣ ଶିକ୍ଷାର୍ଥୀ ପରୀକ୍ଷା ଦେବେ । ମାଟ୍ରିକ ରେଗୁଲାର ଓ ଏକ୍ସ ରେଗୁଲାର ସମେତ ମଧ୍ୟମା ପରୀକ୍ଷାର୍ଥୀଙ୍କ ନିମନ୍ତେ ୧୦୫ଟି ପରୀକ୍ଷା କେନ୍ଦ୍ର କରାଯାଇ ଥିବାବେଳେ ରାଜ୍ୟ ଓପନ ସ୍କୁଲ ପରୀକ୍ଷାର୍ଥୀଙ୍କ ପାଇଁ ୨ଟି ନୂତନ ପରୀକ୍ଷା କେନ୍ଦ୍ର କରାଯାଇଛି । ୧୯ହଜାର ୨୮୮ ଜଣ ରେଗୁଲାର ଓ ୫୦ଜଣ ଏକ୍ସ ରେଗୁଲାର ପରୀକ୍ଷାର୍ଥୀ ଥିବାବେଳେ ୨୩୧ ଜଣ ମଧ୍ୟମା ଓ ୨୯୪ଜଣ ରାଜ୍ୟ ଓପନ ସ୍କୁଲର ପରିକ୍ଷାର୍ଥୀ ଅଛନ୍ତି । ୧୦୭ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୧୦୭ ଜଣ ଶିକ୍ଷା ନିରୀକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ୧୦୭ ଜଣ ରିଲିଭର ଓ ୨୫୦ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି ୧୦୭ ଟି କେନ୍ଦ୍ର ନିମନ୍ତେ ୧୦୭ ଜଣ ସୁପରିଟେଣ୍ଡେଂଟ ଓ ୧୦୭ ଜଣ ଡେପୁଟୀ ସୁପରିଟେଣ୍ଡେଂଟଙ୍କୁ ମଧ୍ୟ ୧୦୭ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ନିଯୁକ୍ତି ଦିଆଯାଇଛି । କପି ରୋକିବା ନିମନ୍ତେ ୫ଟି ସ୍କ୍ୱାର୍ଡ ବ୍ୟବସ୍ଥା କରାଯାଇଛି । କଟକସ୍ଥିତ ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ଗୋଟିଏ ସ୍କ୍ୱାର୍ଡ ଜିଲାକୁ ଆସିବାର ବ୍ୟବସ୍ଥା ଥିବା ବେଳେ ଜିଲା ଶିକ୍ଷାଧିକାରୀଙ୍କ ଦ୍ୱାରା ପ୍ରତ୍ୟେକ ବ୍ଲକ ଓ ପୌରାଂଚଳ ନିମନ୍ତେ ପର୍ଯ୍ୟବେକ୍ଷକ ଓ ଫ୍ଲାଇଙ୍ଗ ସ୍କ୍ୱାର୍ଡ, ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଏକଜିକ୍ୟୁଟିଭ ମ୍ୟାଜିଷ୍ଟ୍ରେଟଙ୍କୁ ନିଯୁକ୍ତି କରାଯାଇଛି । ଜିଲାର ୯ଟି ବ୍ଲକ ଓ ୨ଟି ପୌରାଞ୍ଚଳରେ ଥିବା ୯ଟି ନୋଡାଲ ସେଂଟରରେ ପ୍ରଶ୍ନପତ୍ର ପ୍ୟାକେଟ ରଖାଯାଇଛି । କେନ୍ଦ୍ରାପଡା ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ର ପାଇଁ ୨୦୫୦ ପରୀକ୍ଷାର୍ଥୀଙ୍କ ପ୍ରଶ୍ନପତ୍ର ରଖାଯାଇଥିବା ବେଳେ ବାଲିଆ ସରକାରୀ ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୨୧୨୬ଜଣ ପରୀକ୍ଷାର୍ଥୀଙ୍କର, ଗରଦପୁର ବ୍ଲକର ପାଟକୁରା ହାଇସ୍କୁଲରେ ୧୧ଟି ପରୀକ୍ଷା କେନ୍ଦ୍ରର ୧୯୭୬ଜଣ ପରୀକ୍ଷାର୍ଥୀଙ୍କର, ମାର୍ଶାଘାଇ ବ୍ଲକର ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରିକ୍ଷା କେନ୍ଦ୍ରର ୧୭୬୮ ପରୀକ୍ଷାର୍ଥୀଙ୍କର, ମହାକାଳପଡା ବ୍ଲକର କେଆରବାଙ୍କ ପଂଚାୟତ ହାଇସ୍କୁଲରେ ୧୦ଟି ପରୀକ୍ଷା କେନ୍ଦ୍ରରେ ୨୧୬୧ଜଣ ପରୀକ୍ଷାର୍ଥୀଙ୍କର, ରାଜନଗର ବ୍ଲକର ରାଜନଗର ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୩୦୦୪ଜଣ ପରୀକ୍ଷାର୍ଥୀଙ୍କର, ଆଳି ବ୍ଲକର ଆଳି ହାଇସ୍କୁଲରେ ୧୩ଟି ପରୀକ୍ଷା କେନ୍ଦ୍ରରେ ୧୯୨୨ଜଣ ପରୀକ୍ଷାର୍ଥୀଙ୍କର, ରାଜକନିକା ବ୍ଲକର ରାଜେନ୍ଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୯୯୫ପରୀକ୍ଷାର୍ଥୀଙ୍କର ଓ ପଟ୍ଟାମୁଣ୍ଡାଇ ବ୍ଲକର କଷଣଅଂଟା ପଂଚାୟତ ହାଇସ୍କୁଲରେ ୧୪ଟି ପରୀକ୍ଷା କେନ୍ଦ୍ରର ୨୮୧୪ଜଣ ପରୀକ୍ଷାର୍ଥୀଙ୍କର ପ୍ରଶ୍ନପତ୍ର ମହଜୁଦ ରଖାଯାଇଛି । ପ୍ରତ୍ୟେକ ନୋଡାଲ ସେଂଟରରେ ଜଣେ ଭାରପ୍ରାପ୍ତ ଅଧିକାରୀ ଓ ଜଣେ ଉପ- ଭାରପ୍ରାପ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି । ୯ଟି ନୋଡାଲ ସେଂଟରରୁ ପରୀକ୍ଷା କେନ୍ଦ୍ର ଗୁଡିକରେ ପ୍ରଶ୍ନପତ୍ର ପହଂଚାଇବା ପାଇଁ ୪୦ଜଣ ଶିକ୍ଷକଙ୍କୁ ଡେସପାଚ୍ ଟିମରେ ନିଯୁକ୍ତି ପ୍ରଦାନ କରାଯାଇଛି । ପ୍ରଶ୍ନପତ୍ର ହବକୁ ୨୪ଘଂଟିଆ ପୋଲିସ ସୁରକ୍ଷା ବଳୟରେ ରଖାଯାଇଛି । ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ଫୋନକୁ ନିଷିଦ୍ଧ କରାଯିବା ସହିତ ସମସ୍ତ ପରୀକ୍ଷା କେନ୍ଦ୍ରକୁ ସିସିଟିଭି ନଜରରେ ରଖାଯାଇଛ ବୋଲି ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ସୂଚନା ଦେଇଛନ୍ତି ।

# ରାଜନଗର ବ୍ଲକ ଦଳିତ କଂଗ୍ରେସର ନୂଆ ସଭାପତି

**ରାଜନଗର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ଦଳିତ କଂଗ୍ରେସ ସଭାପତି ରୂପେ ରମାକାନ୍ତ ଜେନା, ସମ୍ପାଦକ ରୂପେ ଲଛମନ ସେଠୀ ଓ ରାଜନଗର ବ୍ଲକରୁ ଜିଲ୍ଲା କମିଟରେ ଉପସଭାପତି ରୂପେ ନିଯୁକ୍ତ ପାଇଥିବା ବାବନ କୁମାର ଜେନା ନିଯୁକ୍ତି ପାଇବାପରେ ବୁଧବାର ଦିନ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତ ପୁଷ୍ପ ଗୁଚ୍ଛ ଉପଢୌକନ ପ୍ରଦାନ କରି ନବ ନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ଦାମୋଦର ବିଶ୍ୱାଳ, ଜିଲ୍ଲା ସମ୍ପାଦକ ନାଗେଶ୍ୱର ସାହୁ, ଯୁବ ନେତା ସୁଶୀଲ କୁମାର ପ୍ରଧାନ, ବିଜୟ କୁମାର ରାଉତ କୈଳାଶ କୁମାର ସାମଲ, ସଶଧର ସେଠୀ, ବିକା ସେଠୀ ପ୍ରମୁଖ ଉପସ୍ଥିତ ରହି ଅଭିନନ୍ଦନ ଜଣାଇଛନ୍ତି । ନବ ନିଯୁକ୍ତ ଦଳିତ ସଭାପତି ଶ୍ରୀ ଜେନା ତାଙ୍କୁ ଏ ଦାୟିତ୍ୱ ଦେଇ ଜନସାଧାରଣଙ୍କ ସେବା କରିବାକୁ ସୁଯୋଗ ଦେଇଥିବାରୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ, ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜ୍ୟ ଦଳିତ କଂଗ୍ରେସ ସଭାପତି ମାନସ କୁମାର ମଲ୍ଲିକ, ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ରାଉତଙ୍କୁ କୃତଜ୍ଞତା ଜଣାଇବା ସହ ଆଗାମୀ ଦିନରେ ଦଳିତମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ମଧ ସଂଗ୍ରାମ ଜାରି ରହିବ ବୋଲି ମତ ରଖିଛନ୍ତି ।

## ପ୍ରଥମ ପୃଷ୍ଠାରୁ...

### ୧୪ ଥର...

ଏପ୍‌ଷ୍ଟିନ୍ ଓ ତାଙ୍କ ସହଯୋଗୀ ଘିସ୍‌ଲେଇନ୍ ମାକ୍ସୱେଲ୍‌ଙ୍କ ଦ୍ୱାରା ହାଇଥିବା ୨ଟି ଅପରାଧ ତଦନ୍ତ ସମ୍ପର୍କିତ ଅନେକ ହଜାର ପୃଷ୍ଠାର ଦସ୍ତାବିଜ୍ ଉକ୍ତ ଫାଇଲ୍‌ରେ ରହିଛି । ସେଥିରେ ଭ୍ରମଣ ଲିପି, ରେକର୍ଡିଂ, ଇମେଲ୍ ଆଦି ରହିଛି । ୨୦୧୯ରେ ହାଜତରେ ଏପ୍‌ଷ୍ଟିନ୍‌ଙ୍କ ମୃତ୍ୟ ଘଟିବା ଠାରୁ ଉକ୍ତ ଦସ୍ତାବିଜଗୁଡ଼ିକୁ ସଂରକ୍ଷିତ ରଖାଯାଇଥିଲା । ପୁରୀ ଜଣେ ସାଧାରଣ ନାଗରିକ ହୋଇଥିବାବେଳେ ସେ ସରକାରୀ ନୀତିଗୁଡ଼ିକୁ ଏପ୍‌ଷ୍ଟିନ୍‌ଙ୍କ ସହ ଶେୟାର କରୁଥିଲେ କାହିଁକି ବୋଲି ଖେରା ପ୍ରଶ୍ନ କରିଛନ୍ତି । ପୁରୀ ପ୍ରଥମେ ଇସ୍ତଫା ଦେଇ ତାହା ପରେ ଘଟଣାକୁ ସ୍ପଷ୍ଟ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ସାକ୍ଷାତ୍କାରରେ ଗୋଟିଏ ପରେ ଗୋଟିଏ ମିଛ କହି ପୁରୀ ନିଜକୁ ଭୁଲ ପ୍ରମାଣିତ କରିଛନ୍ତି । ଏତେ ମିଛ କହି ସେ କାହାକୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଛନ୍ତି ବୋଲି ଖେରା ପ୍ରଶ୍ନ କରିଛନ୍ତି । ନୂଆଦିଲ୍ଲୀରେ ଚାଲିଥିବା ଏଆଇ ଇମ୍ପାକ୍ଟ ସମିଟରେ ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସଙ୍କ ଅଂଶଗ୍ରହଣକୁ ନେଇ ଖେରା କେନ୍ଦ୍ରକୁ ସମାଲୋଚନା କରିଛନ୍ତି । ସମିଟରେ ବିଲ୍ ଗେଟ୍ସ ଯୋଗଦେବେ ନାହିଁ ବୋଲି ସରକାରୀ ସୂତ୍ରରୁ କୁହାଯାଇଛି । ଅନ୍ୟପକ୍ଷରେ ବିଲ୍ ଗେଟ୍ସ ସମିଟକୁ ଆସି ଭାଷଣ ଦେବେ ବୋଲି ନିଜେ କହିଛନ୍ତି । ଯଦିଓ ଏପ୍‌ଷ୍ଟିନ୍‌ଙ୍କ କବଜାରେ ଥିବା ଯୁବତୀଙ୍କ ମଧ୍ୟରୁ କାହା ସହ ବିଲ୍ ଗେଟ୍ସ ଖରାପ କାର୍ଯ୍ୟରେ ସମ୍ପୃକ୍ତ ଥିଲେ ବୋଲି ଅଭିଯୋଗ ନାହିଁ, ତେବେ ସେ ଯୌନ ସଂକ୍ରାମକ ରୋଗରେ ପୀଡ଼ିତ ଥିଲେ ବୋଲି ଏପ୍‌ଷ୍ଟିନ ଅଭିଯୋଗ କରିଥିବା ଫାଇଲ୍‌ରେ ଉଲ୍ଲେଖ ରହିଛି ।

### ରାଜ୍ୟସଭା ନିର୍ବାଚନ...

ଏଭଳି କହି ଗୌତମ ପରୋକ୍ଷରେ ସଂକେତ ଦେଇଛନ୍ତି, ଦଳ ଚତୁର୍ଥ ଆସନରେ ପ୍ରାର୍ଥୀ ଓହ୍ଲାଇବନି, ବରଂ ସମର୍ଥନ ଦେବ । ତେବେ କାହାକୁ ସମର୍ଥନ ଦେବ ବିଜେଡି ? ଏଭଳି ପ୍ରଶ୍ନ ରାଜନୈତିକ ମହଲରେ ଉଙ୍କି ମାରିଲାଣି ।

ଅନ୍ୟପକ୍ଷରେ ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟସଭା ଯାଇପାରନ୍ତି ବୋଲି ଚର୍ଚ୍ଚା ହେଉଛି । ଖାଲି ସେତିକି ନୁହେଁ, ପୂର୍ବତନ ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା, ସମୀର ମହାନ୍ତି, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର, ସୁଜିତ କୁମାର ନିଜେ ମଧ ରାଜ୍ୟସଭା ଯିବାକୁ ରେସରେ ଅଛନ୍ତି । ଏହାସହ ବିଜେପି ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂ ତୋମରଙ୍କୁ ମଧ ଦଳ ପ୍ରାର୍ଥୀ କରିପାରେ ।

ସେହିପରି ବିଜେଡିରୁ ଚର୍ଚ୍ଚା ଭିତରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର, ବରିଷ୍ଠ ଉପ ସଭାପତି ଦେବୀ ମିଶ୍ର, ପୂର୍ବତନ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ନାଁକୁ ନେଇ ଚର୍ଚ୍ଚା ହେଉଛି । ଏପଟେ ପିସିସି ସଭାପତି ଭକ୍ତ ଦାସ ସଂଖ୍ୟା ନ ଥାଇ ମଧ ପ୍ରାର୍ଥୀ ଦେବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ରାଜ୍ୟସଭା ୪ ସିଟ ଭିତରୁ ବିଜେପି ହାତକୁ ଯିବ ଦୁଇଟି ସିଟ, ବିଜେଡିକୁ ଗୋଟିଏ । କିନ୍ତୁ ଚତୁର୍ଥ ଆସନ ପାଇଁ କିଏ ପ୍ରାର୍ଥୀ ହେବେ ତାହାରି ଭିତରେ ଶିଳ୍ପପତି ଦିଲ୍ଲୀପ ରାୟଙ୍କ ନାମ ମଧ ଚର୍ଚ୍ଚାରେ ରହିଛି । ତେବେ ଚତୁର୍ଥ ଆସନ ଲାଗି କିଏ ପ୍ରାର୍ଥୀ ଦେବ ଏବଂ କିଏ କାହାକୁ ସମର୍ଥନ କରିବେ ତାହା ଉପରେ ରହିବ ସମସ୍ତଙ୍କ ନଜର ।

### ତାତିଲେ ବିଧାୟକ...

କରିଥିଲେ । ଦ୍ୱିତୀୟାର୍ଦ୍ଧରେ ଗୃହରେ ଅଚଳାବସ୍ଥା ଲାଗି ରହିବାରୁ ୪ଟା ୨ମିନିଟରେ ଗୃହକୁ ବାଚସ୍ପତି ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଛନ୍ତି । ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଆଜି ଗୃହରେ ପ୍ରଶ୍ନକାଳ ଓ ଶୂନ୍ୟକାଳ ସମ୍ଭବପର ହୋଇପାରିନାହିଁ । ବିଜେଡି ବିଧାୟକ ରୋମାଂଚ ରଞ୍ଜନ ବିଶ୍ୱାଳଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦେଇଥିବା ଉତ୍ତରକୁ ନେଇ ବିରୋଧୀ ଦଳ ଆଜି ସରକାରଙ୍କୁ ଘେରିଛି । ଗୃହ ବାହାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଚାଷୀଙ୍କୁ ଧାନ କ୍ୱିଣ୍ଟାଲ ପିଛା ୮୦୦ଟଙ୍କା ଇନପୁଟ ସହାୟତା ଦେବେ ବୋଲି ସରକାର ଘୋଷଣା କରିଥିଲେ । କିନ୍ତୁ ବାସ୍ତବରେ ମାତ୍ର ୭୩୧ଟଙ୍କା ଦେଉଛନ୍ତି । କେନ୍ଦ୍ର ସରକାରଙ୍କ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୨୩୬୯ଟଙ୍କା ଓ ରାଜ୍ୟ ସରକାର ୮୦୦ଟଙ୍କା ସବସିଡିକୁ ମିଶାଇଲେ ଚାଷୀ ମୋଟ କ୍ୱିଣ୍ଟାଲ ପିଛା ୩୧୬୯ଟଙ୍କା ପାଇବା କଥା । ମାତ୍ର ସରକାର ୩୧୦୦ଟଙ୍କା ଦେଇ ଚାଷୀଙ୍କୁ ୬୯ଟଙ୍କାରୁ ବଂଚିତ କରୁଛନ୍ତି ବୋଲି ସେ କହିଛନ୍ତି । ସେଥିପାଇଁ ଚାଷୀ ଆନ୍ଦୋଳନ ତେଜୁଛି ବୋଲି ବିଜେଡି କହିଛି । ସେହିପରି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ, କୌଣସି ଚାଷୀର ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ଉଠିବ ନାହିଁ ବୋଲି ସରକାର କହୁଛନ୍ତି । ମାତ୍ର ଗତକାଲି ରାଜ୍ୟପାଳଙ୍କ ମୁହଁରେ ସରକାର କୁହାଇ ଦେଲେ ଯେ ୩୧୦୦ ଟଙ୍କାରେ ସବୁ ଧାନ ଉଠିବ । ଚାଷୀ ଋଣ କରି ଫସଲ ଅମଳ କରିଛି, ହେଲେ ଧାନ ଉଠୁନି । ଡବଲ ଇଞ୍ଜିନ ସରକାର ଚାଷୀ ସୁରକ୍ଷା କହି ଆସିଥିଲେ, ହେଲେ ଚାଷୀ ହଇରାଣ ହେଉଛନ୍ତି । ଯେତେବେଳ ଯାଏଁ ଚାଷୀ ସମସ୍ୟାର ସମାଧାନ ହେବନି, ଗୃହକୁ କଂଗ୍ରେସ ଚଳାଇ ଦେବ ନାହିଁ ବୋଲି କାଡାମ କହିଛନ୍ତି ।

### ରାଜନଗରର ବିକଳ...

୧୩ ବର୍ଷର ନାବାଳିକା ବିବାହ କରିବା ସହ ୫ ମାସର ଗର୍ଭବତୀ ଥିବା ଜଣାପଡିଛି । ଏ କେତୋଟି ଘଟଣା ଲୋକ ଲୋଚନକୁ ଆସିଛି । ଏପରି ଅନେକ ନାବାଳିକା ବିବାହ ଘଟଣା ପରିବାରର ସହମତିରେ କରାଯାଉଥିବାରୁ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଉଥିବା ଚର୍ଚ୍ଚା ହେଉଛି । ପୋକ୍‌ସୋ ଆଇନକୁ ସମ୍ମାନ ଦେଇ ଗଣମାଧ୍ୟମ ବିସ୍ତୃତ ଖବର ପରିବେଷଣ କରିପାରୁନଥିବାରୁ ଏଭଳି ନାବାଳିକା ବିବାହ ଦିନକୁ ଦିନ ଥମିବାର ନାଁ ଧରୁନି । ଏନେଇ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ପ୍ରକୃତରେ କେବଳ ରାଜନଗର ନୁହେଁ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାରେ ଯେଉଁ ସ୍ଥିତି ରହିଛି ସେଥିରେ ରାଜନଗର ଓ ମହାକାଳପଡାରେ ନାବାଳିକା ବିବାହକୁ ସେ ସ୍ୱୀକାର କରିଛନ୍ତି । ସେଥିପାଇଁ ଆମେ ପ୍ରତ୍ୟେକ ପଞ୍ଚାୟତ ଓ ବ୍ଲକ ସ୍ତରରେ ସଚେତନତା କରୁଛୁ । ଏହି ୨ଟି ବ୍ଲକକୁ ବାହାର ଲୋକ କାମ ଧନ୍ଦା ପାଇଁ ଆସିଥାନ୍ତି । ସେଥିପାଇଁ ନାବାଳିକା ବିବାହ ଅଧିକ ରହିଛି । ସିଏମପିଓ ଭାବେ ସିଡିପିଓଙ୍କୁ ଦାୟିତ୍ୱ ଦିଆଯାଇଛି । ଏବେ ୧୦୦ ଦିନ ସଚେତନତା ଚାଲିଛି । ଏସବୁ କାର୍ଯ୍ୟକ୍ରମ କଲେ କଣ ଦଣ୍ଡ ବିଧି ରହିଛି ଲୋକମାନଙ୍କୁ ଅବଗତ କରୁଛୁ । ପୋଲିସ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଆମେ କାର୍ଯ୍ୟକ୍ରମ ଜାରି ରଖିଛୁ । ଅନେକ ସ୍ଥାନରେ ମଧ ପୋଲିସ ସହଯୋଗରେ ବିବାହ କରି ଚାଲି ଯାଇଥିବା ନାବାଳିକାକୁ ଉଦ୍ଧାର କରି ପରିବାରକୁ ବୁଝାଇ ହସ୍ତାନ୍ତର କରାଯାଇଛି । ଆପଣଙ୍କ ମାଧ୍ୟମରେ ମୁଁ ସମସ୍ତଙ୍କୁ ନିବେଦନ କରୁଛି ଏହାର ଭାୟାବହତା ସମ୍ପର୍କରେ ଅନ୍ୟ ମାନଙ୍କୁ ଜଣାନ୍ତୁ ବିଶେଷ କରି ନାବାଳିକା ବିବାହ କରିବା ଫଳରେ କିପରି ଶାରୀରିକ ଓ ମାନସିକ ସ୍ତରରେ କ୍ଷତି ଗ୍ରସ୍ତ ହେଉଛି ଏନେଇ ସମସ୍ତେ ସଚେତନ ହେବାକୁ ଅନୁରୋଧ କରିଛନ୍ତି । ଡିଏସଡ଼ବ୍ଲୁ ସେକ୍ସନର ପିଇଓ ସବିତା ରାଣୀ ସିଂ କହିଛନ୍ତି ଆମର ଆଇସିଡିଏସ ସ୍ତରରେ ସିଡିପିଓ ଶିଶୁ ସୁରକ୍ଷା କମିଟିର ମୁଖ୍ୟ ଅଛନ୍ତି । ସେ ମଧ ନାବାଳିକା ବିବାହର ଖବର ଜାଣିଲେ ଆମକୁ ଖବର ଦେଲେ ଆମେ ବିବାହ ହେଉଥିବା ସ୍ଥଳରେ ପହଁଚିବୁ ଏବଂ ସେମାନଙ୍କ ପିତାମାତାଙ୍କୁ ସଚେତନତା କରାଇବୁ । ନାବାଳିକାରୁ ସାବାଳିକା ହେବା ପର୍ଯ୍ୟନ୍ତ ତାଙ୍କ ବାପଘରେ ରହିବାକୁ କହିବୁ । ଏଥିସହିତ ଯେଉଁମାନେ ନିୟମ ଭଙ୍ଗ କରିବେ ସେମାନେ ୧ ବର୍ଷ ଜେଲ ସହିତ ୨ଲକ୍ଷ ଟଙ୍କା ଜୋରିମାନା ଦେବାର ପ୍ରାବଧାନ ରହିଛି ବୋଲି କହିଛନ୍ତି ।

### ୮୮ରୁ ୮ ଦୁଗ୍ଧ...

କହିଲେ ଭୁଲ ବ୍ରାଣ୍ଡେଡ୍ ନଥିଲା । ମାତ୍ର ୮ଟି ନମୁନା ନିମ୍ନ ମାନର ଥିବା ଚିହ୍ନଟ ହୋଇଥିଲା । ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ବିଧାନସଭାରେ ଏଭଳି ଲିଖିତ ଉତ୍ତର ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ।

### ଜଙ୍ଗଲ ଜମିରେ...

ଅଧିକ ବେଆଇନ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଛି । ଏହିସବୁ ଘେରିରୁ ନିର୍ଗତ ରାସାୟନିକ ପଦାର୍ଥ ଆଦ୍ରଭୂମିର ଜୈବବିବିଧତାକୁ ନଷ୍ଟ କରୁଛି । ଏହାକୁ ଦୃଷ୍ଟିରେ ରଖି ଆଦ୍ରଭୂମି ଚିଙ୍ଗୁଡ଼ି ଘେରି ମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ହାଇକୋର୍ଟ ବାରମ୍ବାର ଜିଲ୍ଲା ପ୍ରଶାସନକୁ ତାଗିଦ କରି ଆସୁଛନ୍ତି । ଏପରିକି ଏହି କାର୍ଯ୍ୟର ତଦାରଖ ପାଇଁ କୋର୍ଟ ପକ୍ଷରୁ ମୋହିତ ଅଗ୍ରୱାଲଙ୍କୁ ଆମିକସକ୍ୟୁରୀ ଭାବେ ନିଯୁକ୍ତ କରାଯାଇଛି । ଜିଲ୍ଲା ପ୍ରଶାସନ ଗୋଦରା କୋଡ଼େ ଯେତେ ମାଡ଼େ ସେତେ ନୀତିରେ ଧର୍ମକୁ ଆଖିଠାର ମାରି ପ୍ରତିବର୍ଷ କିଛି କିଛି ଘେରି ର ଆଡ଼ିବନ୍ଧକୁ ମାତ୍ର କେତେଫୁଟ ଭାଙ୍ଗି ଦେଇ ଘେରି ଉଚ୍ଛେଦ ର ରିପୋର୍ଟ ପ୍ରସ୍ତୁତ କରୁଛି ସିନା ହେଲେ ଦିନ କେଇଟାରେ ଚିଙ୍ଗୁଡ଼ି ମାଫିଆ ମାନେ ନିଜ ନିଜର ସେହି ଭଙ୍ଗା ଯାଉଥିବା ଆଡ଼ିବନ୍ଧକୁ ପୁଣି ବାନ୍ଧି ଦେଇ ପୂର୍ବପରି ଚିଙ୍ଗୁଡ଼ି ଚାଷ କରୁଛନ୍ତି । ଆଉ ଏଥିରେ ସ୍ଥାନୀୟ ପୋଲିସ,ଜଙ୍ଗଲ ଓ ରାଜସ୍ୱ ବିଭାଗ ଅଧିକାରୀ ମୋଟା ଅଙ୍କର ଥୋପ ଗିଳିବା ସହିତ ନେତାଙ୍କ ସୁପାରିଶରେ ପ୍ରୋତ୍ସାହିତ କରୁଛନ୍ତି ବୋଲି ଅଭିଯୋଗ ହୋଇ ଆସୁଛି । ଆଦ୍ରଭୂମି ଅଂଚଳରେ ଅବାଧରେ ଗଢିଉଠୁଛି କୋଠାବାଡ଼ି । କଂଚା ଗଛକୁ କଟାଯାଇ ତିଆରି ହେଉଛି ରାସ୍ତା ଓ ସେତୁ । ଶିକାର ହେଉଛନ୍ତି ହରିଣ,ବାରହା,ଟେକୁଆ,କଂକଡ଼ା,ନାନାଦି ପକ୍ଷୀ ଆଦି ଜୀବଜନ୍ତୁ । ଜଙ୍ଗଲ ଭିତରେ ହେଉଛି ମଇଁଷି ଚାଷ । ଯାହା ଜଙ୍ଗଲର ପ୍ରଭୂତ କ୍ଷତି ଘଟାଉଛି । ସବୁ ଦେଖି ସମସ୍ତେ ସାଜିଛନ୍ତି ନିରବଦ୍ରଷ୍ଟା । ଏଥିରେ ଜୈବ ବିବିଧତା ଯେ ଧ୍ୱଂସ ପାଇବା ନେଇ ବଢୁଛି ଆଶଙ୍କା । ପରିବେଶ ସୁରକ୍ଷା ଆଇନ ୧୯୮୬ର ଖୋଲାଖୋଲି ଉଲ୍ଲଂଘନ କରି ଆଦ୍ରଭୂମିରେ ଅବାଧ ଚିଙ୍ଗୁଡ଼ି ଚାଷ ,ମଇଁଷି ଚାଷ ଓ ନିର୍ମାଣକୁ ବ୍ୟାପକ କରାଇ ମୁନାଫା ଉଠାଇବାକୁ ଚାଲିଥିବା ନେତା ଓ ଅଧିକାରୀଙ୍କ ପାଇଁ କେବଳ ଏହି ଜିଲ୍ଲା ନୁହେଁ ରାଜ୍ୟବାସୀଙ୍କୁ ନିକଟ ଭବିଷ୍ୟତରେ ଭୟାବହ ବିପଦକୁ ଯେ ସାମ୍ନା କରିବାକୁ ପଡ଼ିବ ଏଥିରେ ସନ୍ଦେହ ନାହିଁ ବୋଲି ସଚେତନ ମହଲରେ ମତପ୍ରକାଶ ପାଇଛି ।

# ବଳଦେବଜୀଉ ସେବା ସଂଗଠନ ଆଞ୍ଚଳିକ ବିକାଶକୁ ଗୁରୁତ୍ୱ ଦେବ

**ମାର୍ଶାଘାଇ,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକର ପୂର୍ବତନ ଅଧ୍ୟକ୍ଷ, ବଳଦେବଜିଉ ଟ୍ରଷ୍ଟର ଅଧ୍ୟକ୍ଷ ସଞ୍ଜୟ ଲେଙ୍କା (ଚୁପି)ଙ୍କ ମାର୍ଶାଘାଇ ବ୍ଲକ ଜମପଡାସ୍ଥ ବାସ ଭବନରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଛି । ବରିଷ୍ଠ କଂଗ୍ରେସନେତା ପ୍ରଫୁଲ୍ଲ ଦାସ ଯୋଗଦେଇ ମାର୍ଶାଘାଇ ବ୍ଲକ ଅଞ୍ଚଳର ବିକାଶ ପାଇଁ ଏହି ସଂଗଠନ ସାମାଜିକ କାର୍ଯ୍ୟ ସହିତ ରାଜନୈତିକ କାର୍ଯ୍ୟକୁ ଗ୍ରହଣ ସହିତ ଅଂଚଳର ଜନ ସାଧାରଣଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କସ୍ଥାପନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକର ବିଭିନ୍ନ ପଞ୍ଚାୟତ ଜନପ୍ରତିଧି, ପୂର୍ବତନ ଜନପ୍ରତିଧି ଓ ବିଭିନ୍ନ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସମେତ ବ୍ଲକ ଅଞ୍ଚଳର ବିଭିନ୍ନ ପଞ୍ଚାୟତରୁ ଯୁବ ଗୋଷ୍ଠି ସାମିଲ ହୋଇଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ବଳଦେବଜୀଉ ଟ୍ରଷ୍ଟ କିପରି ବିଭିନ୍ନ ବର୍ଗର ଲୋକମାନଙ୍କ ନିକଟରେ ସୁଖ ଦୁଃଖ ରେ ସାମିଲ ହେବ ସେଥିନେଇ ଆଲୋଚ୍ନା କରିଥିଲେ । ଏହି ବନ୍ଧୁ ମିଳନରେ ମାର୍ଶାଘାଇ ପଞ୍ଚାୟତ ସରପଞ୍ଚ ଭାଗବତ ବେହେରା, ସମିତିସଭ୍ୟ ପ୍ରସନ୍ନ ସାହୁ, ମାର୍ଶାଘାଇ ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ରସେନ ସେଠୀ, ବେରୁହାଁ ସରପଞ୍ଚ ବାବାଜୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ରଞ୍ଜିତ ପରିଡା, ପ୍ରଦୀପ୍ତ ପ୍ରଧାନ, ରବିନ୍ଦ୍ର ପଣ୍ଡା, ବିମଳେନ୍ଦୁ ସ୍ୱାଇଁ, ଦୀପକ ରାଉତ, ସୌଭାଗ୍ୟ ସ୍ୱାଇଁ, ସମିତିସଭ୍ୟ ସଞ୍ଜୟ ପାତ୍ର, ଶରତ ପ୍ରଧାନ, ପୂର୍ବତନ ସମିତିସଭ୍ୟ କାଳୁ ମହାନ୍ତି, ବିଶ୍ୱଜିତ ଦାସ, ସ୍ମୃତି ରଞ୍ଜନ ପଟ୍ଟନାୟକ, ମଞ୍ଜୁଲତା ମହାନ୍ତି, ଝିଲ୍ଲିରାଣି ପଟ୍ଟନାୟକ, ପ୍ରଦୀପ ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତ ସରପଞ୍ଚ ପ୍ରତିନିଧିଙ୍କ ସହିତ ପ୍ରଫୁଲ୍ଲ ଦାସ, ସଂଗ୍ରାମ ପରିଡା, ବିକ୍ରମ ଲେଙ୍କା, ବିଦ୍ୟାଧର ଦାସ, ଶଙ୍କର୍ଷଣ ନାୟକ, ସୁଧିର ସୂତାର, ବିକ୍ରମ କେଶରୀ ସାହୁ, ଅଭୟ ନାୟକଙ୍କ ସମେତ ଶତାଧିକ ଯୁବକ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଜଳପୋକ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମୃତ୍ୟୁଞ୍ଜୟ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ତେବେ ରାଜନୀତି ସହିତ ଜଡିତ ଥିବା ଅଧିକାଂଶ ସଦସ୍ୟ ଏହି ସଂଗଠନରେ ସାମିଲ ଥିବାରୁ ଆଗାମୀ ପଞ୍ଚାୟତ ନିର୍ବାଚ୍ନରେ ଏହି ସଙ୍ଗଠନର ପ୍ରଭାବ ରହିବ ନେଇ ରାଜନୈତିକ ତଥ୍ୟଭିଜ୍ଞ ମହଲରେ ଆଲୋଚ୍ନା ହେଉଛି ।

# ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ଦେହାନ୍ତ: ଆଳିରେ ଶୋକର ଛାୟା

**ଆଳି,୧୮।୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକରେ ଦୁଇ ଦୁଇ ଥର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିବା ଆଳି ଅଞ୍ଚଳର ବିଶିଷ୍ଟ ସମାଜସେବୀ ନିତ୍ୟାନନ୍ଦ ଧଳଙ୍କର ୯୩ ବର୍ଷ ବୟସରେ ମଙ୍ଗଳବାର ରାତିରେ ତାଙ୍କ ନିଜସ୍ୱ ବାସଗୃହରେ ଦେହାନ୍ତ ଘଟିଛି । ତାଙ୍କ ଦେହାବସାନରେ ଆଳି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଅଶୀ ଦଶକରେ ଯେତେବେଳେ ନିଜକୁ କଂଗ୍ରେସ କର୍ମୀ ବୋଲି ପରିଚୟ ଦେବାକୁ ଲୋକମାନେ ଭୟ କରୁଥିଲେ, ସେ ସମୟରେ ନିତ୍ୟାନନ୍ଦ ବାବୁ ସୁଦୂର କଳସପୁର ଗ୍ରାମରୁ ସାଇକେଲରେ ଆଳିର ଭୟଭୀତ ଅବସ୍ଥାରେ ଥିବା କଂଗ୍ରେସ କର୍ମୀମାନଙ୍କୁ ସାହସ ଓ ଉତ୍ସାହ ଦେଇ ଦଳକୁ ପୁନର୍ଜୀବନ ଦେଇଥିଲେ । ସେ ସମୟରେ ବିଭିନ୍ନ ସ୍ଥାନରେ କଂଗ୍ରେସ କର୍ମୀମାନେ ନିର୍ଯାତନାର ସମ୍ମୁଖୀନ ହେଉଥିଲେ ଓ ତାଙ୍କ ଉପରେ ମଧ ଆକ୍ରମଣର ପ୍ରୟାସ ହୋଇଥିଲା । କିନ୍ତୁ ସେ କେବେ ଦବି ଯାଇନଥିଲେ ତାଙ୍କ ଦୃଢ଼ ସଙ୍କଳ୍ପ ଆଳି କଂଗ୍ରେସକୁ ନୂତନ ଶକ୍ତି ଦେଇଥିଲା । ଆଳିରେ କଂଗ୍ରେସ ବିରୋଧୀ ଦଳର ବିଧାୟକ ନିର୍ବାଚିତ ହେଉଥିବା ସମୟରେ ମଧ ସେ ଭୁଇଁପୁର ପଞ୍ଚାୟତର ଦୁଇଥର ସରପଞ୍ଚ ହେବା ସହିତ ଆଳି ବ୍ଲକରେ ଦୁଇଥର ଚେୟାରମ୍ୟାନ୍ ଭାବେ ଦାୟିତ୍ୱ ଗ୍ରହଣ କରି ଲୋକସେବାରେ ନିଜକୁ ସମର୍ପିତ କରିଥିଲେ । ଆଳି ବ୍ଲକର ଗ୍ରାମାଞ୍ଚଳରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ସଂପାଦନ କରିଥିଲେ । ସ୍ୱର୍ଗତ ନିତ୍ୟାନନ୍ଦ ଜଣେ ଅମାୟିକ, ସରଳ, ମିଷ୍ଟଭାଷୀ ଓ ମେଳାପୀ ମଣିଷ ଭାବେ ସବୁଙ୍କ ହୃଦୟରେ ଅବିସ୍ମରଣୀୟ ରହିବେ ।ତାଙ୍କ ବିୟୋଗରେ ଅଞ୍ଚଳବାସୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ତାଙ୍କର ବଡ଼ପୁଅ ଡାକ୍ତର ପ୍ରଶନ୍ନ କୁମାର ଧଳ ମୁଖାଗ୍ନୀ ଦେଇଛନ୍ତି ।

# ନିମ୍ନମାନର ପ୍ରବେଶ ତୋରଣ: ସ୍ଥାୟିତ୍ୱକୁ ନେଇ ଉଠିଲା ପ୍ରଶ୍ନ

**ରାଜନଗର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତରେ ବିକାଶ ନାଁରେ ଚାଲିଥିବା ଅନିୟମିତତାର ପର୍ଦ୍ଦାଫାଶ ହୋଇଛି । ପ୍ରାୟ ୪,୪୩,୧୨୦ ଟଙ୍କା ବ୍ୟୟରେ ନିର୍ମିତ ଏକ ପ୍ରବେଶ ତୋରଣ ନିମ୍ନମାନର କାର୍ଯ୍ୟ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି । ମାସେ ନ ପୁରୁଣୁ ଏହି ପ୍ରବେଶ ତୋରଣରେ ଲଗା ଯାଇଥିବା ବ୍ୟାନର ଛିଣ୍ଡିଯିବା ସହ ବିପଦଜନକ ଭାବେ ଲୁହା କଣ୍ଟା ବାହାରି ରହିଛି । ଯେ କୌଣସି ସମୟରେ ଜନସାଧାରଣ ଅସୁବିଧାରେ ପଡିପାରନ୍ତି । ଆହୁରି ମଧ ନିର୍ମାଣାଧୀନ ପ୍ରକଳ୍ପର ଫଳକରେ ଅଟକଳ ମୂଲ୍ୟ ଟଙ୍କା ଉଲ୍ଲେଖ ଥିଲେ ମଧ କାମ ଆରମ୍ଭ ଓ ଶେଷ ତାରିଖ ଲେଖା ହୋଇ ନଥିବାରୁ ସନ୍ଦେହ ଘନୀଭୂତ ହୋଇଛି । ଏ ସମ୍ପର୍କରେ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅର୍ପଣ ମଲ୍ଲିକଙ୍କୁ ପଚାରିବାରୁ ଠିକାଦାର ତାରିଖ ଲେଖିବାକୁ ଭୁଲି ଯାଇଥିବେ । ବିଲ୍ ହୋଇଛି କି ନାହିଁ ସଠିକ୍ ଉତ୍ତର ମିଳୁନାହିଁ । ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି ।

# ପଞ୍ଚାୟତ ସମିତି ସଦସ୍ୟଙ୍କ ଲାଗି ସଚେତନତା

**ମାର୍ଶାଘାଇ,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ କୃଷି ବିଭାଗ ତରଫରୁ କୃଷି ସମ୍ବନ୍ଧିୟ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶବିରରେ ମାର୍ଶାଘାଇ ବ୍ଲକର ବିଭିଭ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟମାନେ ଯୋଗଦେଇଥିଲେ । ପଞ୍ଚାୟତର ଋଷିମାନଙ୍କ ପାଇଁ ଆସୁଥିବା ବିଭିନ୍ନ ସ୍କିମ ଉପରେ ଆଲୋଚନା କରାଯାଇ ଋଷମାନେ ସୁବଧା ନେବା ପାଇଁ ପରାମର୍ଶ ଦିଆଯାଇଥିଲା । ଡିଜଟାଲ ସର୍ଭେରେ ସହାୟତା କରିବା, ଭିଏଡବ୍ଲ୍ୟୁମାନେ ଗୋଟିଏ ଗୋଟିଏ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ବସି ପଞ୍ଚାୟତର କୃଷକମାନଙ୍କୁ ଋଷ ସମ୍ବନ୍ଧିୟ ସହାୟତା ଯୋଗାଇ ଦେବାକୁ ସରପଞ୍ଚ ସମିତିସଭ୍ୟ ମାନେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ସଚେତନତା ବୈଠକରେ ମାର୍ଶାଘାଇ କୃଷି ଅଧିକାରୀଣି ପ୍ରମୋଦିନି ପ୍ରଧାନ, ସହକାରୀ କୃଷି ଅଧିକାରୀ ପ୍ରଦୀପ୍ତ ଘୋଷ କୃଷି ସମ୍ବନ୍ଧିୟ ସମସ୍ତ କାର୍ଯ୍ୟକ୍ରମ ଉପରେ ସଚେତନା କରାଇଥିଲେ । ମାର୍ଶାଘାଇ ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀଣି ସୋନାଲି ବେଉରା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ପୋକ୍‌ସୋ ମାମଲାରେ ଦୁଇ ଗିରଫ

**ରାଜନଗର,୧୮।୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ରାଜନଗର ଥାନା ପୋଲିସ ଦୁଇ ଜଣ ପୋକ୍‌ସୋ ମାମଲାରେ ଜଡିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ବ୍ଲକ ଗୁପ୍ତି ପଚାଂୟତ ଦେବେନ୍ଦ୍ରନାରାୟଣପୁର ଗ୍ରାମର କୃଷ୍ଣପଦ ମଣ୍ଡଳ ୨୦୨୩ ଜୁଲାଇ ମାସରେ ପୋସ୍କୋ କେଶ ନଂ- ୫୨୫ରେ ଜଡିତ ଥିଲା । ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେହିପରି ଏହି ବ୍ଲକ ବନ୍ଧପଡା ପଚାଂୟତ ମଧପଡା ଗ୍ରାମର ସରୋଜ ଜେନାଙ୍କୁ ୨୦୨୨ ପୋସ୍କୋ ମାମଲାରେ ଜଡିତ ହୋଇ ଫେରାର ଥିଲା । ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ